# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର,ଏପ୍ରିଲ ୩୦/୨୦୧୯ ( ୧୬ ପୃଷ୍ଠା) Dhenkanal, Tuesday, April 30 / 2019 ★★★★★

୧୫ଶ ଭାଗ ୭୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-





KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି!
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ DHARITRI

ଢେଙ୍କାନାଳ, ମଙ୍ଗଳବାର,ଏପ୍ରିଲ ୩୦/୨୦୧୯ | Dhenkanal, Tuesday, April 30 / 2019 | ( ପୃଷ୍ଠା-୧)




**ମତଦାନ କଲେ କରୀନା**

ବଲିଉଡ୍ ଅଭିନେତ୍ରୀ କରୀନା କପୁର ସୋମବାର ତାଙ୍କ ଦୁଇ ବର୍ଷର ପୁତ୍ର ତୈମୁରଙ୍କୁ ସାଥିରେ ନେଇ ମତଦାନ କରିଛନ୍ତି। **୦୭**

**୧୨** **ଷ୍ଟର୍ଲିଂ ଶ୍ରେଷ୍ଠ ଖେଳାଳି**

ରହିମ ଷ୍ଟର୍ଲିଂ ସୋମବାର ଫୁଟ୍‌ବଲ ରାଇଟର୍ସ ଆସୋସିଏଶନ ଦ୍ୱାରା ୨୦୧୯ ଫୁଟ୍‌ବଲର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି।



## ■ ସରିଲା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

# ରାଜ୍ୟରେ ୬୭.୫% ମତଦାନ

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ରାଜ୍ୟରେ ସୋମବାର ଅନ୍ତିମ ତଥା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ପାଟକୁରା ବିଧାନସଭା ଆସନକୁ ଛାଡ଼ି ୬ଟି ଲୋକ ସଭା ଓ ୪୧ଟି ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାୟ ୩୮୮ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଯାଇଛି। ଏହି ପର୍ଯ୍ୟାୟରେ ରାତି ୭ଟା ସୁଦ୍ଧା ହାରାହାରି ୬୭.୫ ପ୍ରତିଶତ ମତଦାନ ହୋଇଛି। ବିଭିନ୍ନ ସ୍ଥାନରେ ବୁଥ ରିଗିଂ ଭଳି ଅଭିଯୋଗ ହୋଇଥିଲେ ସୁଦ୍ଧା ମତଦାନ ଶାନ୍ତିପୂର୍ଣ୍ଣ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ମତଦାନ ଆରମ୍ଭ ହେବାର ଦେଢ଼ଘଣ୍ଟା ପୂର୍ବରୁ ମକ୍‌ପୋଲ କରାଯାଇଥିଲା। ମତଦାନ କେନ୍ଦ୍ରଗୁଡ଼ିକରେ ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। କେତେକ ସ୍ଥାନରେ ଇଭିଏମରେ ତ୍ରୁଟି ଯୋଗୁ ଭୋଟରମାନଙ୍କୁ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡ଼ା ହେବାକୁ ପଡ଼ିଥିଲା। ଏହାଛଡ଼ା କେତେକ ସ୍ଥାନରେ ବୁଥ ରିଗଂ ଓ ଗଣ୍ଡଗୋଳ ହୋଇଥିବା ସୂଚନା ମିଳିଛି। ସକାଳେ ମତଦାନ ସାମାନ୍ୟ ଧୀମା ରହିଥିଲା। ପରେ ଏଥିରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ପୂର୍ବାହ୍ନ ୯ଟାରେ ମତଦାନ ହାର ୯ ପ୍ରତିଶତ ହୋଇଥିବାବେଳେ ୧୧ଟାରେ ସାମାନ୍ୟ ବୃଦ୍ଧି ପାଇ ୧୭ ପ୍ରତିଶତ, ମଧ୍ୟାହ୍ନରେ ପ୍ରବଳ ଖରା ସତ୍ତ୍ୱେ ଭୋଟ ଗ୍ରହଣ ହାର ବୃଦ୍ଧି ପାଇ ୩୫ ପ୍ରତିଶତରେ ପହଞ୍ଚିଥିଲା। ଅପରାହ୍ନ ୩ଟା ବେଳକୁ ମତଦାନ ହାର ୩୫ ପ୍ରତିଶତ ହୋଇଥିବାବେଳେ ୫ଟା ବେଳକୁ ୬୬ ପ୍ରତିଶତରେ ପହଞ୍ଚିଥିଲା। ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ମତଦାତାମାନେ ବୁଥ ସମ୍ମୁଖରେ ଲମ୍ବା ଲାଇନରେ ଛିଡ଼ା ହୋଇ ଭୋଟ ଦେବାକୁ ଅପେକ୍ଷା କରିବା ଥିବା ଦେଖାଯାଇଥିଲା। କେବଳ ଜନତା ନୁହଁନ୍ତି ନେତାମାନେ ମଧ୍ୟ ଉତ୍ସାହର ସହ ନିଜ ନିଜ ବୁଥରେ ଭୋଟ ଦେଉଥିବା ଦେଖା ଯାଇଥିଲା। ପ୍ରତାପ ଷଡ଼ଙ୍ଗୀ, ରବୀନ୍ଦ୍ର ଜେନା, ଧରଣୀଧର ନାୟକ, ଅନନ୍ତ ଦାସ, ଦାମୋଦର ରାଉତ, ସମୀର ରଞ୍ଜନ ମହାନ୍ତି, ପ୍ରଣବ ବଳବନ୍ତ ରାୟ, ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ଆକାଶ ଦାସ ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପ୍ରଭାତି ପରିଡ଼ା, ପ୍ରଶାନ୍ତ ମୁଦୁଲି, ଅଂଶୁମାନ ମହାନ୍ତି, ପ୍ରତାପ କେଶରୀ ଦେବ, ରାଜଶ୍ରୀ ମଲ୍ଲିକ, ରଘୁନାଥ ମହାନ୍ତି, ଅନନ୍ତ ସେଠୀ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସମେତ ବହୁ ମନ୍ତ୍ରୀ, ନେତା ନିଜ ନିଜ ଅଞ୍ଚଳରେ ମତଦାନ କରୁଥିବା ଦେଖିବାକୁ ମିଳିଥିଲା।

ଚତୁର୍ଥ ପର୍ଯ୍ୟାୟରେ ମତଦାନ ହାର ପ୍ରଥମ ପର୍ଯ୍ୟାୟ ହାର ସହ ସମାନ ରହିଛି। ପ୍ରଥମ ପର୍ଯ୍ୟାୟରେ ମତଦାନ ହାର ଅପରାହ୍ନ ୫ଟା ସୁଦ୍ଧା ୬୬ ପ୍ରତିଶତ ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୬୪ ପ୍ରତିଶତ ଏବଂ ତୃତୀୟ ପର୍ଯ୍ୟାୟରେ ମତଦାନ ହାର ୬୧ ପ୍ରତିଶତ ହୋଇଥିଲା। ଚୂଡ଼ାନ୍ତ ଭୋଟ ପ୍ରତିଶତ ମିଳି ପାରି ନ ଥିବାରୁ ଏହି ପର୍ଯ୍ୟାୟରେ ସମୁଦାୟ କେତେ ପ୍ରତିଶତ ମତଦାନ ହୋଇଛି ତାହା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ତେବେ ଏହି ପର୍ଯ୍ୟାୟରେ ଭୋଟ ଗ୍ରହଣ ୭୦ ପ୍ରତିଶତକୁ ଟପିଯିବ ବୋଲି ଅନୁମାନ କରାଯାଉଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ ଅପରାହ୍ନ ୫ଟା ସୁଦ୍ଧା ମୟୂରଭଞ୍ଜ ଲୋକ ସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୬୬ ପ୍ରତିଶତ ରହିଥିବାବେଳେ ବାଲେଶ୍ୱର ୬୪, ଭଦ୍ରକ ୬୮, ଯାଜପୁର ୬୫, କେନ୍ଦ୍ରାପଡା ୬୫ ଏବଂ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ୬୪ ପ୍ରତିଶତ ମତଦାନ ହୋଇଛି। ତେବେ ମତଦାନ ସନ୍ଧ୍ୟା ୬ଟା ସୁଦ୍ଧା ଚାଲିଥିବାରୁ ଏହି ହାର ବୃଦ୍ଧି ପାଇବ ବୋଲି ☞ପୃଷ୍ଠା-୨



ସାଲେପୁର ନିର୍ବାଚନମଣ୍ଡଳୀର ପୂର୍ବକଚ୍ଛ ହରିଜନ ପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ରରେ ମହିଳାଙ୍କ ଲମ୍ବା ଧାଡ଼ି।

- ■ ମୟୂରଭଞ୍ଜରେ ୬୬%, କେନ୍ଦ୍ରାପଡ଼ାରେ ୬୫ %, ଜଗତ୍‌ସିଂହପୁର ୬୪%
- ■ ଇଭିଏମରେ ବନ୍ଦ ମନ୍ତ୍ରୀ, ବିଧାୟକ, ହେଭିଓ୍ୱେଟ ନେତା, ନବାଗତଙ୍କ ଭାଗ୍ୟ
- ■ ବୁଥ ରିଗିଂ ସତ୍ତ୍ୱେ ନିର୍ବାଚନ ଶାନ୍ତିପୂର୍ଣ୍ଣ: ସିଇଓ

## ରାଜନୈତିକ ହିଂସା: ପେଟରେ ବୋତଲ ଭୁସି ଜଣଙ୍କୁ ହତ୍ୟା

କୁଜଙ୍ଗ/ଏରସମା,୨୯।୪(ସ୍ୱ.ପ୍ର.)

ସୋମବାର ୪ର୍ଥ ପର୍ଯ୍ୟାୟ ମତଦାନ ଚାଲିଥିବାବେଳେ ଜଗତ୍‌ସିଂହପୁର ଜିଲା ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରେ ରାଜନୈତିକ ହିଂସାରୁ ହତ୍ୟାକାଣ୍ଡ ଘଟିଛି। ଏହି ନିର୍ବାଚନମଣ୍ଡଳୀର ପାରାଦୀପ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗଡ଼କୁଜଙ୍ଗ ପଞ୍ଚାୟତ ନୋଳିଆ ସାହିରେ ଜଣେ ବ୍ୟକ୍ତିଙ୍କୁ ଭଙ୍ଗା ବୋତଲ ଭୁସି ହତ୍ୟା କରାଯାଇଛି। ମୃତକ ହେଲେ ଲଛମନ ବେହେରା(୪୮)। ତାଙ୍କୁ ଶାସକ ଦଳର କର୍ମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ କୁନା ବେହେରା ଫେରାର ହୋଇଯାଇଛନ୍ତି। ଅପରାହ୍ନରେ ମତଦାନ କେନ୍ଦ୍ର ନିକଟରେ ବହୁ ଲୋକଙ୍କ ସମାବେଶ ଓ ପୋଲିସ ମୁତୟନ ହୋଇଥିବା ସତ୍ତ୍ୱେ ଏଭଳି ହତ୍ୟାକାଣ୍ଡ ଘଟିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଲଛମନ ଓ କୁନା ଉଭୟ ଶାସକ ଦଳର ସମର୍ଥକ। ଅପରାହ୍ନ ପ୍ରାୟ ୨ଟାରେ ଲଛମନ ସ୍ଥାନୀୟ ନୋଳିଆସାହି ପ୍ରୋଜେକ୍ଟ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ବୁଥ୍‌ରେ ମତଦାନ କରିଥିଲେ। ତେବେ ସେ ଅନ୍ୟ ଦଳକୁ ଭୋଟ ଦେଇଥିବା ନେଇ କୁନାଙ୍କ ସହ ତାଙ୍କର ମତଦାନ କେନ୍ଦ୍ର ନିକଟରେ ଗଣ୍ଡଗୋଳ ହୋଇଥିଲା। ତେଣୁ ସେଠାରେ ଉପସ୍ଥିତ ପୋଲିସ ସେମାନଙ୍କୁ ବାହାରକୁ ତଡ଼ିଦେଇଥିଲେ। ପରେ ବୁଥ୍‌ଠାରୁ ମାତ୍ର ୨୦୦ ମିଟର ଦୂରରେ ସେମାନଙ୍କ ମଧ୍ୟରେ ପୁଣି ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ କୁନା ଏକ ମଦ ବୋତଲ ଭାଙ୍ଗି ଲଛମନଙ୍କ ପେଟକୁ ଭୁସି ଦେଇଥିଲେ। ତାଙ୍କ ପେଟରୁ ମାଂସ ବାହାରିଆସିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ପୋଲିସ ସହାୟତାରେ ତାଙ୍କୁ ପ୍ରଥମେ ବାଲିତୁଠ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାପରେ କିଛି ସମୟ ପାଇଁ ଉକ୍ତ ବୁଥ୍‌ରେ ମତଦାନ ବନ୍ଦ ରହିଥିଲା। କୁଜଙ୍ଗରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ପରେ ମତଦାନ ହୋଇଥିଲା। ରିପୋର୍ଟ ଲେଖାଯିବା ସୁଦ୍ଧା ଗ୍ରାମରେ ଉତ୍ତେଜନା ଲାଗି ରହିଛି। ପାରାଦୀପ ଅତିରିକ୍ତ ଏସ୍‌ପି ବିଷ୍ଣୁ ଚରଣ ମିଶ୍ର ଓ ଅଭୟଚାନ୍ଦପୁର ଥାନା ଇନ୍ସପେକ୍ଟର ଯୁଗଳ କିଶୋର ଦାସ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି। ସରପଞ୍ଚ ସମ୍ପଦ ବାରିକ, ସାମାଜିକ କର୍ମୀ ତମିଲ ପ୍ରଧାନ, ଜୀବନ ଲାଲ ବେହେରା ଓ ରାଜନ ବେହେରା ପ୍ରମୁଖ ମୁରବୀମାନେ ଅଞ୍ଚଳରେ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଛନ୍ତି।

### ଆଜିର ସମ୍ପାଦକୀୟ

**ସମାଧାନ ନିଷେଧରେ ନାହିଁ**

### ଆଜିର ମନ୍ତବ୍ୟ

“ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ହାତଗଣତି କେତୋଟି ଆସନ ଦଖଲ କରି ଦିଲ୍ଲୀରେ ପହଞ୍ଚିପାରିବେ ନାହିଁ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ପ୍ରମୁଖ ବନ୍ଦରଗୁଡ଼ିକରୁ କୋଇଲା ରପ୍ତାନି ୧୧% ବୃଦ୍ଧି ଘଟି ୧୬୧ ନିୟୁତ ଟନ୍ ଛୁଇଁଛି।

-ଇଣ୍ଡିଆନ୍ ପୋର୍ଟ ଆସୋସିଏଶନ


NECC NATIONAL EGG CO-ORDINATION COMMITTEE 29.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 112 | 174 | 184 |
| CTC | 112 | 174 | 184 |
| DKL | 112 | 174 | 184 |
| BDK | 112 | 174 | 184 |
| BLS | 112 | 174 | 184 |
| ANG | 112 | 174 | 184 |

*Conditions Apply

Eggs Retail Price- 35/-Dozen
Issued in the Interest of Consumers


## ଭୋଟରଙ୍କୁ ପ୍ରଭାବିତ କରିବା ମହଙ୍ଗା ପଡ଼ିଲା

# ୩ ପୋଲିଂ ଅଧିକାରୀ ନିଲମ୍ବିତ

**ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ସିଇଓ**

ଭୁବନେଶ୍ୱର,(ବ୍ୟୁରୋ)/ ଯାଜପୁର ଅଫିସ,୨୯।୪

ଭୋଟରମାନଙ୍କୁ ପ୍ରଭାବିତ କରିବା ପୋଲିଂ ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଯାଜପୁର ଜିଲାରେ ଚତୁର୍ଥ ପର୍ଯ୍ୟାୟ ମତଦାନ ଚାଲିଥିବା ବେଳେ ଭୋଟରଙ୍କୁ ପ୍ରଭାବିତ କରିବା ଓ ମତଦାନ ପ୍ରକ୍ରିୟାର ଗୋପନୀୟତାକୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ୨ଜଣ ପ୍ରିଜାଇଡିଂ ଅଫିସର ଓ ଜଣେ ପୋଲିଂ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ଭୋଟଦାନ ପ୍ରକ୍ରିୟା ଚାଲୁଥିବାବେଳେ ଇଭିଏମ ଥିବା କମ୍ପାର୍ଟମେଣ୍ଟକୁ ପୋଲିଂ ଅଧିକାରୀମାନେ ଯାଇ ପାରିବେ ନାହିଁ। ନିୟମକୁ ଉଲ୍ଲଂଘନ କରିଥିବାରୁ ୩ ଜଣ ପୋଲିଂ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି।

ସୂଚନାଯୋଗ୍ୟ ଯେ, ଯାଜପୁର ଜିଲା ବିଞ୍ଝାରପୁର ବିଧାନସଭା ନିର୍ବାଚନମଣ୍ଡଳୀର ୧୯୧ ନମ୍ବର ବୁଥ୍‌ରେ ଭୋଟ ଗ୍ରହଣ ଚାଲିଥିବା ବେଳେ ପ୍ରିଜାଇଡିଂ ଅଫିସର ବୈକୁଣ୍ଠ ନାଥ ମଲ୍ଲିକ ଏକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବା ପାଇଁ ଭୋଟରଙ୍କୁ ପ୍ରଭାବିତ କରୁଥିଲେ। ଏନେଇ ଅଭିଯୋଗ ମିଳିବା ପରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଆବଶ୍ୟକ ତଦନ୍ତ କରି ୧ଘଣ୍ଟା ମଧ୍ୟରେ ତାଙ୍କୁ ନିଲମ୍ବନ କରିଥିଲେ। ଏଥିସହିତ ତାଙ୍କୁ ତୁରନ୍ତ ଗିରଫ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅନ୍ୟ ଏକ ଘଟଣାକ୍ରମରେ ୧୩୫ ନମ୍ବର ବୁଥ କଲ୍ୟାଣପୁର ବିଦ୍ୟାଳୟର ପ୍ରିଜାଇଡିଂ ଅଫିସର ଧୀରେନ୍ଦ୍ର ତ୍ରିପାଠୀ ଭୋଟରଙ୍କୁ ଦୁର୍ବ୍ୟବହାର ସହ ପ୍ରରୋଚିତ କରୁଥିବା ଅଭିଯୋଗ ହୋଇଥିଲା। ଏହାସହ ବୁଥ ମଧ୍ୟରେ ରିଗିଂ କରିବା ଅଭିଯୋଗରେ ତ୍ରିପାଠୀଙ୍କୁ ଜିଲାପାଳ ନିଲମ୍ବନ କରିଥିଲେ। ସେହିପରି ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀର ୧୯୬ ନମ୍ବର ଓଲଳ ବିଦ୍ୟାଳୟର ୪ର୍ଥ ପୋଲିଂ ଅଫିସର ଜନାର୍ଦ୍ଦନ ପୃଷ୍ଟି ଭୋଟରଙ୍କୁ ପ୍ରରୋଚିତ ଓ ଭୋଟରଙ୍କ ମତଦାନ ପ୍ରକ୍ରିୟାରେ ଗୋପନୀୟତାକୁ ଉଲ୍ଲଂଘନ କରୁଥିବା ଅଭିଯୋଗରେ ଜିଲାପାଳ ନିଲମ୍ବିତ କରିଛନ୍ତି । ଉକ୍ତ ଅଧିକାରୀମାନଙ୍କୁ ନିଲମ୍ବନ ପରେ ସେହି ବୁଥ ପାଇଁ ରିଜର୍ଭ ଥିବା ପୋଲିଂ ଅଫିସରଙ୍କୁ ନିୟୋଜିତ କରାଯାଇଥିଲା। ନିଲମ୍ବିତ ପୋଲିଂ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଇଓ ସୂଚନା ଦେଇଛନ୍ତି।

## ■ ପାଟକୁରା ବିଧାନସଭା ନିର୍ବାଚନ

# ସାବିତ୍ରୀ ବିଜେଡି ପ୍ରାର୍ଥୀ

- ■ ସ୍ୱର୍ଗତ ବେଦପ୍ରକାଶଙ୍କ ସ୍ତ୍ରୀ ସାବିତ୍ରୀ
- ■ ଭାଜପା ପ୍ରାର୍ଥୀ ବିଜୟଙ୍କ ସହ ମୁକାବିଲା
- ■ ମେ ୧୯ରେ ଭୋଟ



ଭୁବନେଶ୍ୱର,୨୯।୪(ବ୍ୟୁରୋ)

ବହୁ ଚର୍ଚ୍ଚିତ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ସାବିତ୍ରୀ ଅଗ୍ରୱାଲଙ୍କୁ ପ୍ରାର୍ଥୀ କରାଯାଇଛି। ସାବିତ୍ରୀ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହି ଘୋଷଣା କରିଛନ୍ତି। ନାଁ ଘୋଷଣା ପୂର୍ବରୁ ସାବିତ୍ରୀ ଏବଂ ବେଦପ୍ରକାଶଙ୍କ ପୁଅ ସଞ୍ଜୟ ଅଗ୍ରୱାଲଙ୍କୁ ଭେଟି ନବୀନ ଆଲୋଚନା କରିଥିବା ଜଣାପଡିଛି। କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ଏହି ଆସନରେ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ଗତ ୨୦ତାରିଖରେ ବେଦ ପ୍ରକାଶଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ରିଟର୍ନିଂ ଅଫିସରଙ୍କ ସୁପାରିସକ୍ରମେ ଇସିଙ୍କ ଦ୍ୱାରା ୨୧ତାରିଖରେ ପାଟକୁରା ବିଧାନସଭା ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ପୁନଶ୍ଚ ୨୪ରେ ଇସିଙ୍କ ପକ୍ଷରୁ ସେହି ଆସନ ପାଇଁ ମେ ୧୯ରେ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଆସନ ପାଇଁ କେବଳ ବିଜେଡି ପ୍ରାର୍ଥୀ ପତ୍ର ଦାଖଲ କରିପାରିବେ ବୋଲି ସିଇଓ ସୁରେନ୍ଦ୍ର କୁମାର ସୂଚନା ଦେଇଥିଲେ। ☞ପୃଷ୍ଠା-୨

## ୪୪.୬ ଡିଗ୍ରୀରେ ଝାରସୁଗୁଡ଼ା ଉତ୍ତପ୍ତ ସହର

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ଗୋଟିଏ ପଟେ ସାମୁଦ୍ରିକ ଝଡ଼ 'ଫନୀ'କୁ ନେଇ ଓଡ଼ିଶାବାସୀ ଆତଙ୍କିତ ଅବସ୍ଥାରେ ଥିବାବେଳେ ସେପଟେ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ସୋମବାର ରାଜ୍ୟର ୧୩ ସହର ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ଝାରସୁଗୁଡ଼ା ୪୪.୬ଡିଗ୍ରୀ ତାପମାତ୍ରାରେ ରହି ସବୁଠାରୁ ଉତ୍ତପ୍ତ ସହର ଥିଲା। ଏହାସହ ଟିଟିଲାଗଡ଼ ୪୪.୫ଡିଗ୍ରୀ, ଅନୁଗୋଳ ୪୩.୭, ତାଳଚେର ୪୩.୬, ସୋନପୁର ୪୩.୨, ସମ୍ବଲପୁର ୪୩, ହୀରାକୁଦ ୪୨.୧, ଭବାନୀପାଟଣା, ବଲାଙ୍ଗୀର ଓ ମାଲକାନଗିରି ୪୨, କେନ୍ଦୁଝର ୪୧, ସୁନ୍ଦରଗଡ଼ ୪୦.୫ ଓ ଚାନ୍ଦବାଲି ୪୦.୪ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଆସନ୍ତା ଦୁଇଦିନ ଏହିଭଳି ତାତି ଜାରି ରହିବ। ମଙ୍ଗଳବାର ମାଲକାନଗିରି, ☞ପୃଷ୍ଠା-୨


# ଓଡ଼ିଶା ଛୁଇଁପାରେ 'ଫନୀ'

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ଫନୀ' ଓଡ଼ିଶା ଛୁଇଁପାରେ। ଏ ନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଦୁଇଦିନ ତଳେ 'ଫନୀ' ତାମିଲନାଡୁ କିମ୍ବା ମ୍ୟାନ୍‌ମାର ମୁହାଁ ହେଉଥିବା ବେଳେ ଏବେ ଏହାର ଗତିପଥ ବଦଳିଯାଇଛି। ଏହା ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଉପକୂଳ ଦେଇ ଗତି କରିବା ସମ୍ଭାବନା ରହିଛି ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି। ଅନ୍ୟ ବିଶ୍ୱସ୍ତରୀୟ ପାଣିପାଗ ସଂସ୍ଥା ଆମେରିକା ନେଭି ମଧ୍ୟ ଅନୁରୂପ ଆକଳନ କରିଛି। ଆସନ୍ତା ୨ ତାରିଖ ସୁଦ୍ଧା ଏହି ସାମୁଦ୍ରିକ ଝଡ଼ ଅତି ଭୟଙ୍କର ରୂପ ନେବ। ତେବେ 'ଫନୀ' କେଉଁଠି ଉପକୂଳ ଛୁଇଁବ ବା ଲ୍ୟାଣ୍ଡଫଲ୍ କରିବ, ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଏହା ଓଡ଼ିଶା ଉପକୂଳ ଛୁଇଁବା ସମ୍ଭାବନା ଥିବା କୁହାଯାଉଛି। ବର୍ତ୍ତମାନ ଯାଏ ଏହି ବାତ୍ୟା ଓଡ଼ିଶା ଉପକୂଳ ଦେଇ ଯିବ ବୋଲି ପୂର୍ବାନୁମାନ କରାଯାଇଛି। 'ଫନୀ' ସୋମବାର ସକାଳ ୮.୩୦ ସୁଦ୍ଧା ୮.୭ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୮୬.୯ଡିଗ୍ରୀ ପୂର୍ବ ଦ୍ରାଘିମାରେ ବଙ୍ଗୋପସାଗରର ଦକ୍ଷିଣ ପୂର୍ବରେ, ଶ୍ରୀଲଙ୍କାର ତ୍ରିଙ୍କୋମାଲିର ୬୨୦ କିଲୋମିଟର ପୂର୍ବ, ଚେନ୍ନାଇର ୮୭୦ କିଲୋମିଟର ଦକ୍ଷିଣ ପୂର୍ବ ଏବଂ ଆନ୍ଧ୍ରପଦେଶର ମଛଲିପଟନମ୍‌ର ୧୦୪୦ କିଲୋମିଟର ଦକ୍ଷିଣ ପୂର୍ବ ଦୂରତାରେ କେନ୍ଦ୍ରୀଭୂତ ହୋଇଛି।

ଆଇଏମ୍‌ଡି ଏଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, 'ଫନୀ' ଏବେ ଚେନ୍ନାଇଠାରୁ ୮୪୦ କି.ମି. ଦୂରରେ ରହିଛି। ମେ ୧ରୁ ଉତ୍ତର ପୂର୍ବ ଦିଗକୁ ଗତି କରି ଏହା ଓଡ଼ିଶା ମୁହାଁ ହେବ। ମଙ୍ଗଳବାର 'ଫନୀ' ଅତି ପ୍ରବଳ ବାତ୍ୟାରେ ପରିଣତ ହେବ। ଏହା ସ୍ଥଳଭାଗ ଛୁଇଁଲା ବେଳକୁ ପବନର ବେଗ ଘଣ୍ଟା ପ୍ରତି ୧୮୦ କିଲୋମିଟର ହୋଇପାରେ। ପ୍ରତି ୩ ଘଣ୍ଟାରେ ଆମେ ବିଶ୍ଳେଷଣ କରୁଛୁ। ଏହି ଝଡ଼ର ପ୍ରଭାବରେ ୨ତାରିଖରେ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ୫୦ରୁ ୬୦ କି.ମି. ବେଗରେ ☞ପୃଷ୍ଠା-୨

- ■ ମୁଖ୍ୟ ଶାସନ ସଚିବଙ୍କ ଉଚ୍ଚସ୍ତରୀୟ ବୈଠକ
- ■ ୪ ଜିଲାରେ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ
- ■ ମୁକାବିଲା ପାଇଁ ୧୨ ଏନ୍‌ଡିଆର୍‌ଏଫ୍, ୨୦ ଓଡ୍ରାଫ୍, ୩୩୫ ଅଗ୍ନିଶମ ୟୁନିଟ୍ ପ୍ରସ୍ତୁତ





## ପ୍ରସ୍ତୁତିର ସମୀକ୍ଷା ପାଇଁ କ୍ୟାବିନେଟ୍ ସଚିବଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୯।୪(ବ୍ୟୁରୋ)



ସାମୁଦ୍ରିକ ଝଡ଼ 'ଫନୀ'ର ମୁକାବିଲା ପାଇଁ ଚାଲିଥିବା ପ୍ରସ୍ତୁତିର ସମୀକ୍ଷା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କ୍ୟାବିନେଟ୍ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନିଜେ ପରିସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ଏହାର ଆକଳନ ଲାଗି ସମ୍ପୃକ୍ତ ସମସ୍ତ ରାଜ୍ୟ ସରକାର, କେନ୍ଦ୍ର ମନ୍ତ୍ରଣାଳୟ ଓ ଏଜେନ୍ସିଗୁଡ଼ିକ ସହ ଜାତୀୟ ବିପର୍ଯ୍ୟୟ ପ୍ରଶମନ କମିଟି(ଏନ୍‌ସିଏମ୍‌ସି)ର ବୈଠକ ଆଗତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଡିଆର୍‌ଏଫ୍ ଓ ଭାରତୀୟ ତଟରକ୍ଷୀ ବାହିନୀକୁ ମଧ୍ୟ ସତର୍କ କରାଯାଇଛି। ସେମାନଙ୍କୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରିବାକୁ କୁହାଯାଇଛି। ଅନ୍ୟପଟେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମ୍ପୃକ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ସହ ନିୟମିତ ଯୋଗାଯୋଗରେ ରହିଛି। ସମ୍ଭାବ୍ୟ ବାତ୍ୟା ନେଇ ସୋମବାର କେନ୍ଦ୍ର କ୍ୟାବିନେଟ୍ ସଚିବ ମୁଖ୍ୟ ଶାସନ ସଚିବଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସଙ୍ଘମିତ୍ରା
ପରିବାରବର୍ଗ


ପାୟଲ
ପରିବାରବର୍ଗ


ପୁପୁନ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଇଇ ମେନ୍ ଫାଇନାଲ ଫଳ ପ୍ରକାଶ

- ଦିଲ୍ଲୀର ଶୁଭନ ଶ୍ରୀବାସ୍ତବ ପ୍ରଥମ
- ପ୍ରତୀକ ଚୌଧୁରୀ ଓଡ଼ିଶା ଟପ୍ପର

ଭୁବନେଶ୍ୱର, ୨୯।୪(ବ୍ୟୁରୋ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ୨୦୧୯ ଜେଇଇ ମେନ୍‌ର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାର ଚୂଡ଼ାନ୍ତ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାର ଦ୍ୱିତୀୟ ପର୍ଯ୍ୟାୟରେ ୯,୩୫,୭୪୧ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଉଭୟ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଜେଇଇ ମେନ୍‌ରେ ୨୪ଜଣ ଛାତ୍ରୀଛାତ୍ର ୧୦୦ ଏନ୍‌ଟିଏ ସ୍କୋର୍ କରିଛନ୍ତି। ୬,୦୮,୪୪୦ ଛାତ୍ରୀଛାତ୍ର ଉଭୟ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୨,୯୭,୯୩୨ଜଣ ପ୍ରଥମ ପର୍ଯ୍ୟାୟଠାରୁ ଭଲ ପ୍ରଦର୍ଶନ କରିଛନ୍ତି। ଏଥର କଟ୍ ଅଫ୍ ୮୯.୭୫ ପର୍ସେଣ୍ଟାଇଲ ରହିଛି। ପ୍ରଥମରେ ଦିଲ୍ଲୀର ଶୁଭନ ଶ୍ରୀବାସ୍ତବ ରହିଥିବା ବେଳେ ଦ୍ୱିତୀୟରେ କର୍ଣ୍ଣାଟକର କେଭିନ ମାର୍ଟିନ, ତୃତୀୟରେ ମଧ୍ୟପ୍ରଦେଶରେ ଧ୍ରୁବ୍ ଅରୋରା, ଚତୁର୍ଥରେ ପଞ୍ଜାବର ଜୟେସ ସିଙ୍ଗଲା, ପଞ୍ଚମରେ ତେଲେଙ୍ଗାନାର ବାଡେପାଟି କାର୍ତ୍ତିକେୟ ରହିଛନ୍ତି। ରାଜସ୍ଥାନର କୋଟାରେ ରହି କୋଚିଂ ନେଉଥିବା ଓଡ଼ିଶାର ସମ୍ବିତ ବେହେରା ସେଠାରେ ପରୀକ୍ଷା ଦେଇଥିବା ବେଳେ ୧୧ନମ୍ବର ସ୍ଥାନରେ ରହିଛନ୍ତି। ତେବେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ପ୍ରତୀକ ଚୌଧୁରୀ ଓଡ଼ିଶା ଟପ୍ପର ହୋଇଛନ୍ତି। ସୂଚନାଯୋଗ୍ୟ, ଏନ୍‌ଟିଏ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ପ୍ରଥମଥର ପାଇଁ କମ୍ପ୍ୟୁଟର୍ ବେସ୍‌ଡ ଟେଷ୍ଟ(ସିବିଟି) ମୋଡ୍‌ରେ ହୋଇଥିଲା। ଜାନୁୟାରୀ ୮ରୁ ୧୨ ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଜେଇଇ ମେନ୍ ଏପ୍ରିଲ ୭ରୁ ୧୨ ମଧ୍ୟରେ ସିବିଟି ମୋଡ୍‌ରେ ଅନୁଷ୍ଠିତ ହୋଇଥିଲା।

## ପ୍ରଥମ ପୃଷ୍ଠାରୁ...

## ରାଜ୍ୟରେ...

ଆଶା କରାଯାଉଛି। କାଁ ଭାଁ ଗଣ୍ଡଗୋଳକୁ ଛାଡ଼ିଦେଲେ ଏହି ପର୍ଯ୍ୟାୟରେ ମତଦାନ ଶାନ୍ତିପୂର୍ଣ୍ଣ ହୋଇଛି ବୋଲି ସିଇଓ କହିଛନ୍ତି। ପ୍ରଥମ ୩ଟି ପର୍ଯ୍ୟାୟ ଭଳି ଏହି ପର୍ଯ୍ୟାୟରେ ମଧ୍ୟ କେତେକ ସ୍ଥାନରେ ଇଭିଏମ ସମସ୍ୟା ଦେଖା ଦେଇଥିଲା। ସେକ୍ଟର ଅଫିସରମାନେ ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ସମାଧାନ କରିଥିଲେ। ମନୁଷ୍ୟକୃତ ତ୍ରୁଟି ଯୋଗୁ କେତେକ ସ୍ଥାନରେ ସମସ୍ୟା ଦେଖାଦେଇଥିଲା।

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ବହୁ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ଏମପି ତଥା ନବାଗତଙ୍କ ଭାଗ୍ୟ ନିର୍ଣ୍ଣୟ କରିଛନ୍ତି ମତଦାତା। ସେମାନେ ହେଲେ ରବୀନ୍ଦ୍ର କୁମାର ଜେନା, ଅନୁଭବ ମହାନ୍ତି, ବୈଜୟନ୍ତ ପଣ୍ଡା, ପ୍ରତାପ ଷଡ଼ଙ୍ଗୀ, ନବଜ୍ୟୋତି ପଟ୍ଟନାୟକ, ଧରଣୀଧର ନାୟକ, ଡା. ଦାମୋଦର ରାଉତ, ଅମର ପ୍ରସାଦ ଶତପଥୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଅନନ୍ତ ଦାସ, ରଘୁନାଥ ମହାନ୍ତି, ସରୋଜିନ ହେମ୍ବ୍ରମ, ଅଂଶୁମାନ ମହାନ୍ତି, ସୁକାନ୍ତ ନାୟକ, ଜୀବନ ପ୍ରଦୀପ ଦାଶ, ପ୍ରଫୁଲ୍ଲ ସାମଲ, ବ୍ୟୋମକେଶ ରାୟ, ଶଶିଭୂଷଣ ବେହେରା, ପ୍ରତାପ କେଶରୀ ଦେବ, ପ୍ରକାଶ ବେହେରା, ଅଲେଖ ଜେନା, ସମୀର ରଞ୍ଜନ ଦାଶ, ପ୍ରଭାତି ପରିଡ଼ା, ଅନନ୍ତ ପ୍ରସାଦ ସେଠୀ, ଗଣେଶ୍ୱର ବେହେରା, ସମ୍ବିତ ରାଉତରାୟ, ଚିରଞ୍ଜୀବ ବିଶ୍ୱାଳ, ସୁରେନ୍ଦ୍ର ପ୍ରସାଦ ପରମାଣିକ ପ୍ରମୁଖଙ୍କ ଆସନ୍ତା ୫ ବର୍ଷ ପାଇଁ ରାଜନୈତିକ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଛି। ଆସନ୍ତା ୨୩ ତାରିଖରେ ଫଳାଫଳ ପ୍ରକାଶ ପରେ ହାତୀ କାହାମୁଣ୍ଡରେ ସୁନାକଳସ ଢାଳିଛି ତାହା ଜଣାପଡ଼ିବ। ସେ ପର୍ଯ୍ୟନ୍ତ ଏହି ନେତାମାନଙ୍କର ଛାତି ଧଡ଼ଧଡ଼ ଜାରି ରହିବ।

## ସାବିତ୍ରୀ ବିଜେଡି...

ଆସନ୍ତା ମେ ୧ ତାରିଖ ନାମାଙ୍କନ ଦାଖଲର ଶେଷ ତାରିଖ।

ପାଟକୁରାରେ ଭାଜପାରୁ ବିଜୟ ମହାପାତ୍ରଙ୍କୁ ପ୍ରାର୍ଥୀ କରାଯାଇଛି। ବିଜୟ ମହାପାତ୍ର ଶେଷ ଥର ପାଇଁ ୧୯୯୫ରେ ବିଧାନସଭାକୁ ଯାଇଥିଲେ। ୨୦୦୦ରେ ନିର୍ବାଚନ ଲଢ଼ିବା ସୁଯୋଗରୁ ଶେଷ ମୁହୂର୍ତ୍ତରେ ବଞ୍ଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ୨୦୦୪ରେ ଓଡ଼ିଶା ଗଣପରିଷଦ(ଓଜିପି), ୨୦୦୯ ଓ ୨୦୧୪ରେ ଭାଜପା ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ତେଣୁ ଚଳିତଥର ବିଜୟ ନିର୍ବାଚନ ଜିତି ବିଧାନସଭା ଯାଉଛନ୍ତି ନା ନାହିଁ, ତା' ଉପରେ ସମସ୍ତଙ୍କ ନଜର ରହିବ। ବେଦୁଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ସଞ୍ଜୟଙ୍କୁ ପ୍ରାର୍ଥୀ କରାଯିବ ବୋଲି ରାଜନୈତିକ ମହଲରେ ଆଲୋଚନା ହୋଇଥିଲା। ହେଲେ ସୋମବାର ପ୍ରାର୍ଥୀ ଘୋଷଣା ପରେ ସେଥିରେ ପୂର୍ଣ୍ଣଚ୍ଛେଦ ପଡିଛି। ପୂର୍ବରୁ ବିଜେପୁର କଂଗ୍ରେସ ବିଧାୟକ ଥିବା ସୁବଳ ସାହୁଙ୍କ ମୃତ୍ୟୁ ପରେ ଉପନିର୍ବାଚନର ଆବଶ୍ୟକତା ପଡିଥିଲା। ସେ ସମୟରେ ସ୍ୱର୍ଗତ ସୁବଳଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ବିଜେଡିକୁ ଅଣାଯାଇ ପ୍ରାର୍ଥୀ କରାଯାଇଥିଲା। ରୀତା ମଧ୍ୟ ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଅଶୋକ ପାଣିଗ୍ରାହୀଙ୍କୁ ପରାସ୍ତ କରିଥିଲେ।

## ଓଡ଼ିଶା...

ପବନ ବହିବା ସମ୍ଭାବନା ରହିଛି। ୩ତାରିଖ ବେଳକୁ ପବନର ବେଗ ବୃଦ୍ଧିପାଇ ୭୦ କି.ମି.ରେ ପହଞ୍ଚିବ। ମେ ୧ରୁ ୩ ମଧ୍ୟରେ ଓଡ଼ିଶା, ତାମିଲନାଡ଼ୁ, ଦକ୍ଷିଣ ଓ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ପୁଡୁଚେରୀର ବଙ୍ଗୋପସାଗରୀୟ ସାମୁଦ୍ରିକ ଉପକୂଳ ଅଶାନ୍ତ ରହିବ। ତେଣୁ ଏହି ସମୟ ମଧ୍ୟରେ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି। ଯେଉଁମାନେ ମାଛ ଧରିବା ପାଇଁ ଗଭୀର ସମୁଦ୍ର ମଧ୍ୟକୁ ଯାଇଛନ୍ତି, ସେମାନଙ୍କୁ ଯଥାଶୀଘ୍ର କୂଳକୁ ଫେରିଆସିବାକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି।

ସେପଟେ ବାତ୍ୟା ଖବର ଆସିବା ପରେ ରାଜ୍ୟ ସରକାର ତତ୍ପର ହୋଇଯାଇଛନ୍ତି। ସୋମବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଡିଜି, ସ୍ଥଳସେନା, ନୌସେନା, ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ସମ୍ଭାବ୍ୟ ବାତ୍ୟାକୁ ନେଇ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିଛନ୍ତି। ଉପକୂଳ ଜିଲାଗୁଡ଼ିକରେ ସତର୍କ ରହିବା ପାଇଁ ଜିଲାପାଳମାନଙ୍କୁ ସୂଚନା ଦିଆଯାଇଛି। ସେହିପରି ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ କେନ୍ଦ୍ରାପଡ଼ାରେ ସରକାରୀ ଅଧିକାରୀଙ୍କ ଛୁଟିକୁ ବାତିଲ କରାଯାଇଛି। ଏହାସହ ସମସ୍ତ ଅଧିକାରୀଙ୍କୁ ସତର୍କ ରହିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ସମ୍ଭାବ୍ୟ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ସମସ୍ତ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରହିଛି। ୧୨ ଏନ୍‌ଡିଆର୍‌ଏଫ୍, ୨୦ ଓଡ୍ରାଫ୍ ଓ ୩୩୫ ଅଗ୍ନିଶମ ୟୁନିଟ୍ ପ୍ରସ୍ତୁତ ରହିଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି।

## ୪୪.୬ ଡିଗ୍ରୀରେ...

କୋରାପୁଟ, ରାୟଗଡ଼ା, ଗଜପତି, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, କନ୍ଧମାଳ, ନୂଆପଡ଼ା ଓ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହ କାଳବୈଶାଖୀ ସମ୍ଭାବନା ରହିଥିବା ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ମଙ୍ଗଳବାର ଭଦ୍ରକ, ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ସୁବର୍ଣ୍ଣପୁର ଓ ବରଗଡ଼ ଆଦି ୧୦ ଜିଲାରେ ହିଟ୍ ୱେଭ୍ ଜାରି କରାଯାଇଛି।

# ଇଭିଏମକୁ ବାତ୍ୟା ଭୟ: ସୁରକ୍ଷା ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ନିର୍ବଚାନ ସୋମବାର ଶେଷ ହୋଇଛି। ଇଭିଏମଗଡ଼ିକୁ କିପରି ସୁରକ୍ଷିତ ରଖାଯାଇ ପାରିବ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଏବେ ସେହି ଚିନ୍ତା ଘାରିଛି। ଗୋଟିଏ ପଟେ ଇଭିଏମ ସୁରକ୍ଷା ନେଇ ବିଭିନ୍ନ ରାଜନୈତିକ ଦଳ ସିଇଓଙ୍କୁ ଗୁହାରି କରୁଥିବାବେଳେ ଅନ୍ୟ ପଟେ ଓଡ଼ିଶା ମୁହାଁ ସମ୍ଭାବ୍ୟ ବାତ୍ୟା 'ଫନୀ' ଚିନ୍ତା ବଢ଼ାଇ ଦେଇଛି। ଆସନ୍ତା ମେ ୩ ତାରିଖ ସନ୍ଧ୍ୟା ସୁଦ୍ଧା ବାତ୍ୟା ଗୋପାଳପୁର ଓ ପୁରୀ ମଧ୍ୟଦେଇ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟା ପ୍ରଭାବରୁ ଇଭିଏମଗୁଡ଼ିକୁ କିପରି ସୁରକ୍ଷିତ କରାଯାଇ ପାରିବ ସେ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲାପାଳଙ୍କ ସହ ଆଲୋଚନ କରିଛନ୍ତି। ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସିଇଓ କହିଛନ୍ତି।

## ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

# ଅନେକ ସ୍ଥାନରେ ବ୍ୟାପକ ହିଂସା

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ରାଜ୍ୟରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ସୋମବାର ସମାପ୍ତ ହୋଇଛି। ଏହି ପର୍ଯ୍ୟାୟରେ ୬ଟି ଲୋକ ସଭା ଏବଂ ୪୧ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗ୍ରହଣ ହୋଇଥିଲା। ଭୋଟ ଗ୍ରହଣ ବେଳେ କେତେକ ସ୍ଥାନରେ ହିଂସା ଦେଖିବାକୁ ମିଳିଛି। ଜଗତ୍‌ସିଂହପୁର ଜିଲା ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗଡ଼କୁଜଙ୍ଗ ପଞ୍ଚାୟତ ନୋଳିଆସାହିରେ ଲଛମନ ବେହେରା ନାମକ ଜଣେ ଯୁବକଙ୍କୁ ଭଙ୍ଗା କାଚ ବୋତଲରେ ଭୁସି ହତ୍ୟା କରାଯାଇଛି। ତାଙ୍କୁ ଶାସକ ଦଳର କର୍ମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ଇଭିଏମ୍‌ରେ ତ୍ରୁଟି ପାଇଁ କୁଲଣା, ବନସ୍ତା, ଛଞ୍ଚଣା, ଆଖୁଆପଦା, ମୁଡାପଦା ଆଦି ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାସୁଦେବପୁର ନିର୍ବାଚନମଣ୍ଡଳୀର ତିହିଡି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତର ୨୩୦ ନମ୍ବର ବୁଥ୍‌ରେ ଜଣେ କଂଗ୍ରେସ କର୍ମୀଙ୍କୁ ଛୁରାମାଡ଼ କରାଯିବା ସହ ତାଙ୍କ ପୁଅଙ୍କୁ ଆକ୍ରମଣ କରାଯାଇଛି। ଧାମନଗର ନିର୍ବାଚନମଣ୍ଡଳୀରେ ୧୩୫, ୧୪୧, ୧୪୪, ୧୫୫, ୧୫୬, ୧୫୭, ୧୯୯, ୨୨୩, ୨୧୪, ୧୮୪, ୧୭୪, ୧୫୨, ୧୫୧, ୧୪୯, ୨୪୨, ୨୪୩, ୨୪୪, ୨୪୫ ନମ୍ବର ବୁଥ୍‌ରେ ଇଭିଏମ୍ ତ୍ରୁଟି ଯୋଗୁ ଭୋଟଦାନ ବିଳମ୍ବ ଘଟିଥିବା କୁହାଯାଇଛି।

କେନ୍ଦ୍ରାପଡା ଜିଲାରେ ଇଭିଏମ୍ ଓ ଭିଭିପିଏଟି ଖରାପ ହେବା କାରଣରୁ ୭୦ରୁ ଅଧିକ ସ୍ଥାନରେ ମତଦାନ ବିଳମ୍ବ ହୋଇଛି। ଆଳି ନିର୍ବାଚନମଣ୍ଡଳୀର ୧୦ ବୁଥ୍‌କୁ ଶାସକ ବିଜେଡି ଦ୍ୱାରା ରିଗିଂ କରାଯାଇଥିବା କଂଗ୍ରେସ ପ୍ରାର୍ଥୀ ତଥା ବିଧାୟକ ଦେବେନ୍ଦ୍ର ଶର୍ମା ଅଭିଯୋଗ କରିଛନ୍ତି। ଏନେଇ ଦେବେନ୍ଦ୍ର ଜିଲା ନିର୍ବାଚନ ଅଧିକାରୀ ଏବଂ ସିଇଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବାଲେଶ୍ୱର ଜିଲାରେ ଭୋଟଗ୍ରହଣ ବେଳେ ରେମୁଣା, ଭୋଗରାଇ, ବସ୍ତା ଅଞ୍ଚଳରେ ହିଂସା ଘଟିଥିବା ଲକ୍ଷ୍ୟ କରାଯାଇଛି। କେତେକ ସ୍ଥାନରେ ଭାଜପା ଏବଂ ବିଜେଡି କର୍ମୀ ମୁହାଁମୁହିଁ ହୋଇଥିବା ଜଣାପଡିଛି। ରେମୁଣା ପଞ୍ଚାୟତର ଫିଡର୍ ସ୍କୁଲ ୮୩ନଂ. ବୁଥ୍ ସାମ୍ନାରେ ଟଙ୍କା ବଣ୍ଟାଯିବା ଘଟଣା ନେଇ ବିଜେଡି ଓ ଭାଜପା କର୍ମୀ ମୁହାଁମୁହିଁ ହୋଇଥିବାବେଳେ ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀ ହୁଗୁଳି ପଞ୍ଚାୟତ ୧୪୭ନଂ. ବୁଥ୍‌ରେ ଅନୁରୂପ ଗଣ୍ଡଗୋଳ ଘଟିଥିବା ଜଣାପଡିଛି। ଉପରୋକ୍ତ ହିଂସା ସମ୍ପର୍କରେ ଖବର ପାଇଁ ପୋଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲା। ସେହିପରି କଟକ ଜିଲା ମାହାଙ୍ଗାରେ ଶୁକରପଡାଠାରେ କେନ୍ଦ୍ରାପଡା ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ବୁଥ୍ ପରିଦର୍ଶନ ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ତାଣ୍ଡବ ରଚିଲା କାଳବୈଶାଖୀ


କୋରାପୁଟ-ଜୟପୁର ୨୬ ନଂ ଜାତୀୟ ରାଜପଥ ବାଟମଙ୍ଗଳା ମନ୍ଦିର ରାସ୍ତାରେ ସୋମବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଗଛ ଭାଙ୍ଗିବା ସହ ବିଦ୍ୟୁତ ତାର ଛିଣ୍ଡିବା ଯୋଗୁ ଯାତାୟତ ବ୍ୟାହତ ହୋଇଛି।

କୋରାପୁଟ, ୨୯।୪ (ସ୍ୱ.ପ୍ର.)- ସୋମବାର ଅପରାହ୍ନରେ ରାଜ୍ୟର ବିଭିନ୍ନ ସହରରେ କାଳବୈଶାଖୀ ତାଣ୍ଡବ ରଚିଛି। କୋରାପୁଟ ସହର ଓ ଆଖପାଖ ଅଞ୍ଚଳରେ ଶତାଧିକ ଗଛ ଭାଙ୍ଗିପଡ଼ିବା ସହ ୩୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଛି। କେବଳ ସେତିକି ନୁହେଁ, ୫୦ରୁ ଅଧିକ ଘରର ଆଜବେଷ୍ଟସ୍ ଓ ରାସ୍ତାକଡ଼ର ବିଜ୍ଞାପନ ହୋର୍ଡିଂ ମଧ୍ୟ ଉଡ଼ାଇନେଇଛି। ଅପରାହ୍ନ ୨ଟା ୧୦ରୁ ୩ଟା ଭିତରେ ୬୦ରୁ ୧୦୦ କିମି ବେଗରେ ପବନ ବହିବା ସହ ପ୍ରବଳ କୁଆପଥର ବର୍ଷା ହୋଇଥିଲା। ୫୦ ମିନିଟରେ ୩୫.୨ ମିମି ବର୍ଷା ରେକର୍ଡ କରାଯାଇଛି। କୋରାପୁଟ-ଜୟପୁର ଓ କୋରାପୁଟ-ସୁନାବେଡ଼ା ୨୬ ନମ୍ବର ଜାତୀୟ ରାଜପଥରେ ଶତାଧିକ ଗଛ ଭାଙ୍ଗି ପଡ଼ିଥିଲା। ଗଛ ଡାଳ ପଡ଼ି ବହୁ କାର୍ ଓ ଟ୍ରକ୍‌ର କାଚ ଭାଙ୍ଗିଯାଇଛି। କୋରାପୁଟର ବିଭିନ୍ନ ଜାଗାରେ ଘର ଉପରେ ଗଛ ପଡ଼ି ଲୋକେ ଆହତ ମଧ୍ୟ ହୋଇଛନ୍ତି। କାଳବୈଶାଖୀ ପରେ ଘଡ଼ଘଡ଼ି ସହ କୁଆପଥର ବର୍ଷା ଫଳରେ ସହରର ମ୍ୟୁନିସପାଲିଟି କାର୍ଯ୍ୟାଳୟ, ରେଲୱେ ଓଭରବ୍ରିଜ, ଭବାନୀ ନଗର ସମ୍ମୁଖ ରାସ୍ତାରେ ପାଣି ଜମି ରହିଛି। କୋରାପୁଟ ବ୍ଲକ ଛପରଠାରେ ଥିବା ୩୩ କେଭିର ଏକ ବିଦ୍ୟୁତ୍ ଟାୱାର ବର୍ଷା, ପବନରେ ନଇଁପଡ଼ିଛି। ୩ଟି ୧୧ କେଭି ଟାୱାର, ୭ଟି ଏଲ୍‌ଟି ପୋଲ୍, ୧୦ରୁ ଅଧିକ ବିଦ୍ୟୁତ ଟାମ୍ବର ନଷ୍ଟ ହୋଇଛି। ଖବରପାଇ ଓଏମ୍‌ପିସ୍ଥିତ ଓଡ୍ରାଫ୍ ଓ ସାଉଥ୍‌କୋ ପକ୍ଷରୁ ବିଭିନ୍ନ ରାସ୍ତା ଉପରେ ପଡ଼ିଥିବା ଗଛ କଟାଯାଉଥିବା ବେଳେ ବିଦ୍ୟୁତ ବିଭାଗ କର୍ମଚାରୀ ଯୁଦ୍ଧକାଳୀନ ଭିତ୍ତିରେ ତାର ସଜାଡ଼ିବାରେ ଲାଗିଛନ୍ତି। ମଙ୍ଗଳବାର ଅପରାହ୍ନ ସୁଦ୍ଧା ବିଦ୍ୟୁତ୍ ସେବା ସ୍ୱାଭାବିକ ହେବ ବୋଲି ସାଉଥ୍‌କୋ ପକ୍ଷରୁ କୁହାଯାଇଛି। କାଳବୈଶାଖୀ ଓ ପବନ ବେଳେ ୧୦ରୁ ଅଧିକ ବାଇକ୍ ଓ ସ୍କୁଟି ଚାଳକ ଖସିପଡ଼ି ଆହତ ହୋଇଛନ୍ତି। କୋରାପୁଟ-ଜୟପୁର ରାସ୍ତାର ବାଟ ମଙ୍ଗଳା ମନ୍ଦିର ଛକଠାରେ ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ଦୁଇ ଯୁବତୀ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ମାଲକାନଗିରି ଜିଲା ପଡ଼ିଆ ବ୍ଲକ ସିମିଳିବାଞ୍ଚା ପଞ୍ଚାୟତର ଏମ୍‌ପିଭି-୭୦ ଗ୍ରାମରେ ୨୦ଜଣଙ୍କ ଘର ଛପର ଉଡ଼ିଯାଇଥିବା ବେଳେ ୩ ଘର ଉପରେ ଗଛ ପଡ଼ିଥିବା ସୂଚନା ମିଳିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିବାଧକାଧିପତି ଶନିଙ୍କ ନକ୍ଷତ୍ରରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିପାରେ। କୌଣସି ଖବର ଶୁଣିବା ପରେ ଏକ ଅଜଣା ଆବେଗରେ ମନ ଉଦ୍‌ବେଳିତ ହେବ। କର୍ମ କ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବ। ଅବଶ୍ୟ ଦ୍ୱିଜା ନକ୍ଷତ୍ରର ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ବୃଷ** ରବି ଦ୍ୱାଦଶରେ ରହିଥିଲେ ହେଁ ଶୁକ୍ରଙ୍କ ନକ୍ଷତ୍ରସ୍ଥ ହେତୁ ପାରସ୍ପରିକ ବିରୋଧାତ୍ମକ ପରିବେଶରେ ମଧ୍ୟ ନିଜର ସ୍ଥିତିକୁ ସୁଦୃଢ଼ କରିପାରିବେ। ବନ୍ଧୁମାନଙ୍କ ସହ ଆଲୋଚନା ପରିସରରେ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିପାରନ୍ତି। ପ୍ରକାଶନ, ପ୍ରଶାସନ, ଶିଳ୍ପ, ବ୍ୟବସାୟିକ ଓ ପରିବହନ କ୍ଷେତ୍ର ସମସ୍ୟାବହୁଳ ହୋଇପାରେ।

**ମିଥୁନ** ମଙ୍ଗଳ ସ୍ୱନକ୍ଷତ୍ରସ୍ଥ ହେତୁ ଷଷ୍ଠାଧିପତି ବ୍ୟୟଭାବରେ ବିପରୀତ ରାଜଯୋଗ ସୃଷ୍ଟି କରି ବିଶେଷ ଅସୁବିଧା ସୃଷ୍ଟି କରିବେ ନାହିଁ। କଠିନ ଶ୍ରମ ବିନିଯୋଗକରି ଶିଳ୍ପ, ବ୍ୟବସାୟ, ପରିବହନରେ ଲାଭବାନ ହେବେ। ଗୃହ, ଭୂମି, ଗାଡିମୋଟର ସମ୍ପର୍କୀୟ ସମସ୍ୟା ଆସିବ, କିନ୍ତୁ ସ୍ୱଳ୍ପ ସମୟ ମଧ୍ୟରେ ତାହା ସମାଧାନ ହୋଇଯିବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ।

**କର୍କଟ** ବୁଧ ରେବତୀ ନକ୍ଷତ୍ରରେ ରହି ତୃତୀୟଭାବକୁ ଦେଖୁଥିବାରୁ ବନ୍ଧୁ,ସହକର୍ମୀମାନଙ୍କ ସାହାଯ୍ୟ,ସହ ଯୋଗରେ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ଆଜିଦିନ ମଧ୍ୟରେ ଆର୍ଥିକ ଦିଗଟି ଭଲ ରହିବ ଓ କାମଗୁଡ଼ିକ ସହଜରେ ସମ୍ପନ୍ନ ହେବ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବା କାରଣରୁ ମନ ଏକ ପ୍ରକାର ମାନ୍ଦା ରହିବା ସଙ୍ଗକୁ କୌଣସି କାମରେ ଉତ୍ସାହ ଲାଗିବ ନାହିଁ।

**ସିଂହ** ବୃହସ୍ପତି ଜ୍ୟେଷ୍ଠା ନକ୍ଷତ୍ରସ୍ଥ ହୋଇ କେନ୍ଦ୍ରସ୍ଥ ଯୋଗୁ ପୂର୍ବ ସମସ୍ୟାଗୁଡିକୁ ସୁଧାରିବାକୁ ଚେଷ୍ଟା କଲେ ନିଶ୍ଚିତ କୃତକାର୍ଯ୍ୟ ହୋଇପାରିବେ। ଅକୁହା କଥାକୁ ବନ୍ଧୁଙ୍କ ଆଗରେ ବଖାଣି ଘର ଲୋକମାନଙ୍କ ବିରାଗ ଭାଜନ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି।

**କନ୍ୟା** ଭାଗ୍ୟାଧିପ ଶୁକ୍ର ରେବତୀ ନକ୍ଷତ୍ରରେ ରହି ଶନି ନକ୍ଷତ୍ରସ୍ଥ ହେତୁ ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟରେ କାର୍ଯ୍ୟ ସିଦ୍ଧି ଅବଶ୍ୟ ଘଟିବ। ସବୁ ସୁବିଧା ଥିଲେ ମଧ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବାରୁ ମନ ବିଶେଷ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଅନିଶ୍ଚିତତା ମଧ୍ୟରେ ଗତି କରିବା ସଙ୍ଗକୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରା ବିଳମ୍ବିତ ହୋଇପାରେ।

**ତୁଳା** କେନ୍ଦ୍ରକୋଣାଧିପ ଶନି ଭାଗ୍ୟସ୍ଥାନ ପ୍ରତି ଦୃଷ୍ଟିପାତ କରୁଥିବାରୁ କର୍ମକ୍ଷେତ୍ରରେ ନିର୍ଭୀକତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ। ମାତ୍ର ଜମା ଭଲ ସମ୍ପର୍କ ନ ଥିବା ଖଳଲୋକମାନଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ି ପାରନ୍ତି। ଅଧସ୍ତନ କର୍ମଚାରୀଙ୍କ ମତକୁ ସମ୍ମାନ ଦେଇ କାମ କଲେ ସହଜ ଓ ସୁବିଧାରେ କାମ ହାସଲ କରିବେ।

**ବିଛା** ଅଷ୍ଟମ ସ୍ଥାନରେ ରାହୁ ଦେବଗୁରୁଙ୍କ ନକ୍ଷତ୍ରରେ ରହି ସୁଚିନ୍ତିତ କାମରେ ବ୍ୟତିକ୍ରମ ସୃଷ୍ଟି କରିପାରନ୍ତି। ଆଲୋଚନା କ୍ଷେତ୍ରରେ, ପ୍ରଶାସନିକ କାମରେ,ରାଜନୈତିକ ଚର୍ଚ୍ଚାରେ, ଯାତ୍ରା କ୍ଷେତ୍ରରେ ତଥା ସଭା ସମିତିରେ ଆଶାଜନକ ଫଳ ପାଇବେ। ପୂର୍ବରୁ ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ସତର୍କ ରୁହନ୍ତୁ। ଆଜିର ପ୍ରାତଃ ଭ୍ରମଣ ଅବକାଶରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ।

**ଧନୁ** ରାଶିରେ ଉପଚୟାଧିପତି ଶନିଙ୍କ ସହ କବନ୍ଧଗ୍ରହ କେତୁଙ୍କ ଶୁକ୍ର ନକ୍ଷତ୍ରସ୍ଥ ସଂଯୋଗ ଅପମାନଜନକ ସ୍ଥିତିକୁ ଆମନ୍ତ୍ରଣ କରିପାରେ। ଯେତେ ଭଲ କାମ କଲେ ମଧ୍ୟ ପରିବାରର ସଦସ୍ୟମାନେ ଆପଣଙ୍କୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରି ପାରନ୍ତି। ପରିବହନରେ ଆକସ୍ମିକ ସମସ୍ୟାକୁ ସମାଧାନ କରିବାରେ ସଫଳତା ହାସଲ କରିବେ।

**ମକର** ସପ୍ତମାଧିପତି ଚନ୍ଦ୍ର ସ୍ୱଭାବରୁ ଅଷ୍ଟମସ୍ଥ ଯୋଗୁ ପାରିବାରିକ ଜୀବନରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ପରିବାର ମଧ୍ୟରେ ନିଜ ନିଜ ଭିତରେ ଅଯଥା କଳହରୁ ଦୂରେଇ ରୁହିବା ଭଲ ହେବ। ଜମିଜମା କାରବାର କ୍ଷେତ୍ରରେ କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ ଓ ବ୍ୟବସାୟିକ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ।

**କୁମ୍ଭ** ଷଷ୍ଠାଧିପ ରାଶିରେ ରହି ନିଜର ପ୍ରିୟବ୍ୟକ୍ତିମାନଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ। ଭଲ ସମ୍ପର୍କ ଥିବା ନିଜର ସମ୍ପର୍କୀୟମାନେ ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବିନା କାରଣରେ କଳହ କରି ପାରନ୍ତି। ପିଠି କିମ୍ବା ଆଣ୍ଠୁଗଣ୍ଠିରେ ଦରଜ ଅନୁଭବ କରିପାରନ୍ତି। ହଠାତ୍ ଯାତ୍ରା କରିବାକୁ ଯିବାକୁ ମନସ୍ଥ କରି ସ୍ଥଗିତ ରଖିବାକୁ ବାଧ୍ୟ ହେବେ।

**ମୀନ** ଧନାଧିପ ଏକାଦଶସ୍ଥ ଯୋଗୁ ଅର୍ଥନୈତିକ ଉନ୍ନତି ଘଟିବା ସହ ନୂତନ କର୍ମାରମ୍ଭରୁ ଖୁସି ରହିବେ। ପାଖ ପଡ଼ୋଶୀ କିମ୍ବା ନିଜ ଆତ୍ମୀୟମାନଙ୍କ ଠାରୁ ଅଯାଚିତ ଭାବେ ସହାୟତା ପାଇପାରନ୍ତି। ଆକସ୍ମିକ ଭାବେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବ୍ୟବସାୟ ଏକ ପ୍ରକାର ରହିବ ଓ ଲାଭର ମାତ୍ରା ମଧ୍ୟ କମିବ ନାହିଁ।

ଆଜି ବୈଶାଖ କୃଷ୍ଣପକ୍ଷର ବରୁଥିନୀ ଏକାଦଶୀ ମଙ୍ଗଳବାର, ଏପ୍ରିଲ୍ ୩୦ ତାରିଖ, ରାଶି ନକ୍ଷତ୍ର-ଦିବା ଘ୮।୨୯ମି ଗତେ, ପୂର୍ବଭାଦ୍ରପଦ୍/କୁମ୍ଭ, ମକର ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ସର୍ବସମ୍ମତ ଏକାଦଶୀ ଉପବାସ, ଦିବା ଘ୮।୨୮ମି. ଗତେ, ଘ୧୦।୦୩ମି. ମଧ୍ୟେ ଘ୧୧।୩୮ମି. ଗତେ ଘ୧।୧୩ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୦୩ମି. ଗତେ ଘ୧୧।୩୮ମି. ମଧ୍ୟେ, ଘ୨।୪୮ମି. ଗତେ ଘ୪।୨୩ମି. ମଧ୍ୟେ ମାହେନ୍ଦ୍ରବେଳା।


## classifieds Everyday 0674-2580101, 2549302




SALE

SC gharabari plot for sale just 1.9km. from NH-5 Hanspal- Puri Canal, sqft. 1250. 8763499150. D-12286

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

କଟକ- ଭୁବନେଶ୍ୱର Twin-city ମଧ୍ୟରେ ନିର୍ମିତ ବୃହତ୍ତମ (Grand bazar) ସମ୍ମୁଖରେ ଘରବାରି ବାସୋପଯୋଗୀ plot ଶସ୍ତାରେ ମିଳୁଅଛି। Pramod: 9124321519. D-66355

ଭୁବନେଶ୍ୱର KEC, ଗୁଡିଆପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12389

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ପାଖରେ ଘରବାରି ପ୍ଲଟ କିଣି ଘର କରନ୍ତୁ। 9938066403. D-66358

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଲକାଟି- 450/-, 650/-. 9438823759, 9937922999. D-66369

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247




କାଳୀ ଓ ବଙ୍ଗାଳୀ ଶକ୍ତିରେ ନିପୁଣ। ଯନ୍ତ୍ର-ମନ୍ତ୍ର-ତନ୍ତ୍ର ଦ୍ୱାରା ସମସ୍ୟାଗୁଡ଼ିକ ମୂଳରୁ ସମାପ୍ତ 100% ବଶୀକରଣ, ଋଣ ମୁକ୍ତି। 9779988848. D-12380




To let for office/ Nursing home/ Bank/ Hospital at Unit-6, near Maa Shakti Hospital. Address- 160 Ekamra Marg. 8763038774, 7077704997. D-12388




1499/- ଟଙ୍କା ବିନିଯୋଗ କରି ନିଜ ଘରୁ Business start କରନ୍ତୁ। ମାସକୁ ୧୦,୦୦୦/-ରୁ ୨୦,୦୦୦/- ରୋଜଗାର କରନ୍ତୁ। (Agarbatti and plates, cups etc.) 7735153206. D-12392

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ସଂକ୍ଷେପରେ

### ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି
## ଭୋଟର ମୃତ, ପୋଲିଂ ଅଫିସର ଗୁରୁତର

**ବାରିପଦା ଅଫିସ,୨୯।୪:** ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ମଧ୍ୟରେ ସୋମବାର ମୟୂରଭଞ୍ଜ ଜିଲାରେ ଚତୁର୍ଥ ପର୍ଯ୍ୟାୟର ଭୋଟ ଗ୍ରହଣ ଶେଷ ହୋଇଛି। ଇଭିଏମ ଠିକ ଭାବରେ କାମ ନ କରିବାରୁ ବୁଥ ଆଗରେ ଧାଡ଼ି ଲଗାଇଥିବା ଭୋଟରମାନେ ଖରାରେ ଶିଝି ଅସୁସ୍ଥତା ଅନୁଭବ କରିଥିଲେ। ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଧୀନ ପୋଡ଼ାଅସ୍ତିଆର ୨୪୫ ନମ୍ବର ବୁଥକୁ ଭୋଟ ଦେବାକୁ ଆସି ଅପରାହ୍ନ ୨ଟା ବେଳେ ଘରକୁ ଫେରିବା ପରେ ଝିଙ୍କେଶ୍ୱର ବେହେରା(୬୫) ନାମକ ଜଣେ ଭୋଟର ଅସୁସ୍ଥ ହୋଇ ପ୍ରାଣ ହରାଇଛନ୍ତି। ସେହିପରି ବୁଥରେ ଅସହ୍ୟ ତାତି ଓ ଗୁଳୁଗୁଳିରେ ଅଣନିଃଶ୍ୱାସୀ ହୋଇ ଜଣେ ପୋଲିଂ ଅଫିସର ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ଝିଙ୍କେଶ୍ୱର ପୋଡ଼ାଅସ୍ତିଆ ବୁଥକୁ ଆସି ଧାଡ଼ିରେ ଯାଇ ମତାଧିକାର ସାବ୍ୟସ୍ତ କରିଥିଲେ। ପରେ ସେ ଖରାରେ ଘରକୁ ଫେରିଯାଇଥିଲେ। ଘରେ ପହଞ୍ଚି ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ପିଆରଏମ ମେଡିକାଲକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥାଇ ପାରେ ବୋଲି ପରିବାର ଲୋକ କହିଛନ୍ତି। ପୋଡ଼ାଅସ୍ତିଆର ୨୪୪ ନମ୍ବର ବୁଥରେ ଦ୍ୱିତୀୟ ପୋଲିଂ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ରୋମିୟୋ ସୋରେନ ଗୁଳୁଗୁଳି ଯୋଗୁ ବୁଥ ମଧ୍ୟରେ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଛି। ସେହିପରି ବାରିପଦା ୫୨ ନଂ ବୁଥର ପୋଲିଂ କର୍ମଚାରୀ ଶୁକଦେବ ସିଂ ଅଂଶୁଘାତରେ ଆକ୍ରାନ୍ତ ହୋଇ ପିଆରଏମ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

## ୬ ଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

**ଭୁବନେଶ୍ୱର, ୨୯।୪(ବ୍ୟୁରୋ):** ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୬ଜଣ ଜିଲାପାଳ ଅସହଯୋଗ କରିବା ସହ ନିଷ୍କ୍ରିୟତା ଭାବେ କାର୍ଯ୍ୟ କରିଛନ୍ତି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଆଦର୍ଶ ଆଚରଣବିଧି ଉଲ୍ଲଂଘନ ସମ୍ପର୍କରେ ଭାଜପା ପ୍ରତିନିଧି ଦଳ ବାରମ୍ବାର ଅଭିଯୋଗ କରିବା ପରେ ମଧ ଜିଲାପାଳମାନେ ନିଦାବସ୍ଥୁ ସାଜିଛନ୍ତି। ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା ଏବଂ ଜଗତ୍‌ସିଂହପୁର ଜିଲାପାଳ ଶାସକ ଦଳ ଇଙ୍ଗିତରେ କାର୍ଯ୍ୟ କରି ଆଦର୍ଶ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଚାଲିଛନ୍ତି। ଜିଲାପାଳମାନେ ପୋଲିଂ ଅଧିକାରୀଙ୍କୁ ପୋଷ୍ଟାଲ ବାଲଟ ପେପର ଯୋଗାଇ ଦେବାରେ ଫେଲ୍ ମାରିଛନ୍ତି। ବୁଥ୍ ରିଗିଂ ହେଉଥିଲେ ମଧ ନିରବଦ୍ରଷ୍ଟା ସାଜିଛନ୍ତି। ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ କମିଶନ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଉକ୍ତ ୬ ଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ହୃଦ୍‌ଘାତରେ ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୨୯।୪ (ଡି.ଏନ୍.ଏ.) :** ଭଣ୍ଡାରିପୋଖରୀ ବ୍ଲକ ବନ୍ଧାଲ ମଢିଆଳି ପଞ୍ଚାୟତର ଖପୁରିଆପଦା ବୁଥ୍‌ରେ ଚତୁର୍ଥ ପର୍ଯ୍ୟାୟ ମତଦାନ ଚାଲିଥିବା ବେଳେ ବୁଥ୍‌ରେ ଥିବା ଜଣେ ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ ଘଟିଛି। ଖପୁରିଆପଦା ୧୭୫ ନଂ ବୁଥ୍‌ରେ ଏଜେଣ୍ଟ ଥିବା ମଢିଆଳି ଗ୍ରାମର ବସନ୍ତ ରାଉତ(୬୨) ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ଘରକୁ ନିଆଯାଇ କଟକ ଡାକ୍ତରଖାନା ନିଆଯାଉଥିବା ବେଳେ କୁଆଖିଆ ନିକଟରେ ତାଙ୍କର ମୃତ୍ୟୁ ଘଟିଛି।

# ଭିଜିଲାନ୍ସ ତଦନ୍ତରେ ଶିଥିଳତା: ହାଇକୋର୍ଟଙ୍କ ଉଦ୍‌ବେଗ

**କଟକ ଅଫିସ, ୨୯।୪**

ରାଜ୍ୟରେ ବହୁ ସଂଖ୍ୟକ ଜାଲ୍ ଶିକ୍ଷକ ନିଯୁକ୍ତି ସାଙ୍ଗକୁ ଭୂତ ସ୍କୁଲ ନାମରେ ବାର୍ଷିକ ୨ହଜାର କୋଟି ଟଙ୍କାର ସରକାରୀ ଅର୍ଥ ଲୁଟ୍ ହେଉଛି। ଉକ୍ତ ମାମଲାରେ ଭିଜିଲାନ୍ସ ତଦନ୍ତରେ ଶିଥିଳତା ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ରାଜ୍ୟରେ ଜାଲ୍ ଶିକ୍ଷକ ନିଯୁକ୍ତିକୁ ନେଇ ଭୁବନେଶ୍ୱର ପଟିଆ ଅଞ୍ଚଳର ସାମାଜିକ କର୍ମୀ ସଞ୍ଜୟ କୁମାର ମହାରଣାଙ୍କ ଦ୍ୱାରା ଆଗତ ଏକ ଇ-ମେଲ୍ ପିଟିଶନକୁ ହାଇକୋର୍ଟ ଜନସ୍ୱାର୍ଥ ମାମଲା ଭାବେ ବିଚାର ପାଇଁ ଗ୍ରହଣ କରିଥିଲେ। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ମାମଲାର ଶୁଣାଣି କରି କଟକ ଝୋଲାସାହି ଅଞ୍ଚଳର ଆଇନଜୀବୀ ସୁଦର୍ଶନ ନନ୍ଦଙ୍କୁ ଆମିକସ୍ କ୍ୟୁରୀ ଭାବେ ନିଯୁକ୍ତ କରିଥିବାବେଳେ ଆସନ୍ତା ଜୁନ୍ ୨୪ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ କରିଛନ୍ତି। ସେହିପରି ଏହି ମାମଲାରେ ପକ୍ଷଭୁକ୍ତ ଲାଗି କଟକ ସହରର ସାମାଜିକ କର୍ମୀ କେ.ଏନ୍. ମହାପାତ୍ରଙ୍କ ପକ୍ଷରୁ ଆଉ ଏକ ପିଟିଶନ ଦାଖଲ ହୋଇଛି। ଆବେଦନକାରୀ ମହାପାତ୍ରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଶୁଭ୍ରାଂଶୁ ଭୂଷଣ ମହାନ୍ତି ପିଟିଶନରେ ଦର୍ଶାଇଛନ୍ତି ଯେ, ଦୀର୍ଘ ୩ ଦଶନ୍ଧି ଧରି ଏଭଳି ଜାଲିଆତି ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ ଏ

**ଜାଲ୍ ଶିକ୍ଷକ ନିଯୁକ୍ତି ମାମଲା**



ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଶିକ୍ଷା ବିଭାଗରେ ଏହି ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବାବେଳେ ଏହାକୁ ନିୟନ୍ତ୍ରଣ କରିବା ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇଯାଇଛି। ଏହାଦ୍ୱାରା ରାଜ୍ୟ ତହବିଲ୍‌ରୁ ପ୍ରତିବର୍ଷ ୨ହଜାର କୋଟି ଟଙ୍କା ଚଲୁ ହେଉଛି। ବ୍ୟାକ୍‌ଡୋର ପଲିସିରେ ଅଯୋଗ୍ୟ ଏବଂ ଅଣକୁଶଳୀ ବ୍ୟକ୍ତିଙ୍କୁ ବିଭାଗୀୟ ଅନୁମୋଦନ ଦିଆଯାଇଛି। ସୂଚନାଥାଉ କି, ଆବେଦନକାରୀ ମହାରଣାଙ୍କ ଇ-ମେଲ୍ ପିଟିଶନର ଶୁଣାଣି ୨୦୧୮ ଡିସେମ୍ବର ୧୮ ତାରିଖରେ ହାଇକୋର୍ଟରେ ହୋଇଥିଲା। ଉକ୍ତ ମାମଲାର ଶୁଣାଣି କରିବା ସହ ହାଇକୋର୍ଟ ଭିଜିଲାନ୍ସ ଆଇଜି ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଘଟଣାର ତଦନ୍ତ କରି ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଉଭୟ ବିଭାଗ ରିପୋର୍ଟ ଦାଖଲରେ ବିଫଳ ହୋଇଛି। ଆବେଦନକାରୀ ମହାରଣା ତାଙ୍କର ଇ-ମେଲ୍ ପିଟିଶନରେ ଦର୍ଶାଇଥିଲେ ଯେ, ସ୍କୁଲ ନ ଥାଇ ମଧ୍ୟାହ୍ନଭୋଜନ ଦିଆଯାଉଛି। ବିଶେଷକରି ଜମ୍ମୁ-କଶ୍ମୀର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ରାଜସ୍ଥାନ ଆଦି ବାହାର ରାଜ୍ୟରୁ ଜାଲ୍ ସିଟି, ବି.ଏଡ୍, ବିପିଏଡ୍, ଗ୍ରାଜୁଏଟ, ପୋଷ୍ଟ ଗ୍ରାଜୁଏଟ ସାର୍ଟିଫିକେଟ ଆଣି ଗଣିତ, ବିଜ୍ଞାନ, କଳା, ହିନ୍ଦୀ, ସଂସ୍କୃତ, ପିଇଟି ଶିକ୍ଷକ ପଦବୀରେ ନିଯୁକ୍ତି ପାଇଛନ୍ତି। ଏହି ଜାଲିଆତି କାରବାରରେ ଜିଲା ଓ ବ୍ଲକସ୍ତରୀୟ ଶିକ୍ଷାଧିକାରୀଙ୍କ ସମେତ ଉକ୍ତ କାର୍ଯ୍ୟାଳୟର କର୍ମଚାରୀ ସମ୍ପୃକ୍ତ ଅଛନ୍ତି ବୋଲି ଅଦାଲତଙ୍କୁ ଦର୍ଶାଯାଇଛି। ୫୬୮ଟି ପୁରାତନ ସରକାରୀ ହାଇସ୍କୁଲ, ୨୯୩୦ ନୂତନ ସରକାରୀ ହାଇସ୍କୁଲ, ୬୫୮ଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲ, ୨୬୦୮ଟି ବ୍ଲକଗ୍ରାଣ୍ଟ ହାଇସ୍କୁଲ, ୫୪ହଜାରରୁ ଊର୍ଦ୍ଧ୍ୱ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ଏହି ଜାଲ୍ ଶିକ୍ଷକମାନେ କାର୍ଯ୍ୟ କରୁଛନ୍ତି।

### ■ ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗ
## ସୁପ୍ରିମକୋର୍ଟଙ୍କ ରାୟ ଆବେଦନକାରୀଙ୍କ ମାମଲାରେ କାର୍ଯ୍ୟକାରୀ ହେବ

**କଟକ ଅଫିସ, ୨୯।୪**

ଶ୍ରୀମନ୍ଦିର ସୁରକ୍ଷା ଓ ନୀତିକାନ୍ତି ବିଭ୍ରାଟକୁ ନେଇ ହାଇକୋର୍ଟରେ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି ସୋମବାର ହୋଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଏହି ସମାନ ଘଟଣାକୁ ନେଇ ସୁପ୍ରିମକୋର୍ଟରେ ଏକ ମାମଲା ମଧ ବିଚାରାଧୀନ ଅଛି। ତେଣୁ ସୁପ୍ରିମକୋର୍ଟ ଏହି ମାମଲାରେ ଯେଉଁ ରାୟ ଦେବେ ତାହାକୁ ଆବେଦନକାରୀଙ୍କ ପକ୍ଷରୁ ଆଗତ ମାମଲାରେ କାର୍ଯ୍ୟକାରୀ କରାଯିବ ବୋଲି ଖଣ୍ଡପୀଠ ଆଦେଶ ଦେଇଛନ୍ତି। ସେହିପରି ଆବେଦନକାରୀ ଚାହିଁଲେ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ମାମଲାରେ ପକ୍ଷଭୁକ୍ତ ହୋଇ ନିଜର ପକ୍ଷ ରଖିପାରିବେ ବୋଲି ଖଣ୍ଡପୀଠ ଅନୁରୂପ ଆଦେଶ ଦେଇଛନ୍ତି। ସୂଚନାଥାଉ କି, ଶ୍ରୀମନ୍ଦିର ସୁରକ୍ଷା ଓ ନୀତିକାନ୍ତି ବିଭ୍ରାଟକୁ ନେଇ କଟକର ସାମାଜିକ ସଂଗଠନ ମୈତ୍ରୀ ସଂସଦ ପକ୍ଷରୁ ୨୦୧୧ରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ମାମଲାରେ ହାଇକୋର୍ଟ ସରକାରଙ୍କୁ ଜବାବ ମାଗିଥିଲେ। ପରେ ସରକାର ମଧ ଜବାବ ଦାଖଲ କରିଥିଲେ। ସରକାରଙ୍କ ଜବାବ ଉପରେ ଆବେଦନକାରୀ ମଧ ପ୍ରତିଜବାବ ଦାଖଲ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଅଜୟ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।




### ■ ଟାଟା ଷ୍ଟିଲ ବିସ୍ଥାପିତଙ୍କୁ କ୍ଷତିପୂରଣ ଦାବି
## ଭୋଟ ବର୍ଜନ କଲେ ପ୍ରଭାବିତ ଗ୍ରାମବାସୀ

**ଯାଜପୁର ଅଫିସ,୨୯।୪**

ସୁକିନ୍ଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାରଗାଡିଆ ଦଳିତସାହି ଗ୍ରାମର ୩୦୨ ପରିବାରର ୧୦୦୦ରୁ ଊର୍ଦ୍ଧ୍ୱ ଭୋଟର ଟାଟା ଷ୍ଟିଲ ବିସ୍ଥାପିତଙ୍କୁ କ୍ଷତିପୂରଣ ଦାବିରେ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିଥିବା ଜଣାପଡ଼ିଛି। କଳିଙ୍ଗନଗରରେ ଗଢି ଉଠିଥିବା ଶିଳ୍ପ ସଂସ୍ଥାଗୁଡିକ ପ୍ରଭାବିତ ଅଞ୍ଚଳବାସୀ ତଥା କ୍ଷତିଗ୍ରସ୍ତ ପରିବାରଙ୍କ ସମସ୍ୟାଠାରୁ ଦୂରେଇ ଯାଇଛନ୍ତି। ଫଳରେ ସେଠାରେ ଜନ ଅଶାନ୍ତି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରୁଛି। ଏଭଳି ଅବସ୍ଥା ଏବେ ଯାଜପୁର ଜିଲାର ଦାନଗଦୀ ବ୍ଲକ ବାରଗାଡିଆ ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ୩୦୨ଟି ପରିବାର ଟାଟା ଷ୍ଟିଲ ଦ୍ୱାରା ବିସ୍ଥାପିତ ହୋଇଛନ୍ତି। ସେମାନଙ୍କୁ ଏଯାଏ କ୍ଷତିପୂରଣ ଓ ନିଯୁକ୍ତି ମିଳି ପାରିନାହିଁ । ଏହି ମର୍ମରେ ସେମାନେ ପୂର୍ବରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କେବଳ ପ୍ରତିଶ୍ରୁତି ଛଡା କିଛି ମିଳିନାହିଁ । ଫଳସ୍ୱରୂପ ପୁଞ୍ଜିଭୂତ ଅଶାନ୍ତି ଭୋଟ ବର୍ଜନର ରୂପ ନେଇଛି। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ମତପ୍ରକାଶ ପାଇଛି।

ବିସ୍ଥାପିତ ଲୋକେ ବାରମ୍ବାର ଟାଟା କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିକଟକୁ ଧାଇଁ ଶେଷରେ ଦାବି ହାସଲ କରି ନ ପାରି ନୟାନ୍ତ ହେଉଛନ୍ତି। ଏପରିସ୍ଥଳେ ଭିଟାମାଟି, ଜମି, ଘର, ବୃତ୍ତି ସବୁ କିଛି ହରାଇଥିବା ଲୋକେ ବିଦ୍ରୋହୀ ହୋଇ ଉଠିଛନ୍ତି। ବାରମ୍ବାର ଆନ୍ଦୋଳନ ଯୋଗୁ ଟାଟା ଷ୍ଟିଲ ଭଳି ବୃହତ୍ କମ୍ପାନୀ ଉପରେ ଲୋକଙ୍କ ନକରାତ୍ମକ ଭାବନା ସୃଷ୍ଟି ହେଉଥିବାବେଳେ ପ୍ରଶାସନ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କାରଣ ହେଉଛି। ଏହିସବୁ ଗ୍ରାମର ଚାଷଜମି ସବୁ କମ୍ପାନୀରେ ବ୍ୟବହାର ହୋଇସାରିଲାଣି। ହେଲେ ଜନବସତି କେବଳ ବିସ୍ଥାପନ ଅପେକ୍ଷାରେ ରହିଛି। ଫଳରେ ବିବାଦ ମଧ ଦିନକୁ ଦିନ ବଢି ଚାଲିଛି। ଏଭଳି ପରିସ୍ଥିତିରେ ବିସ୍ଥାପିତ, କ୍ଷତିଗ୍ରସ୍ତ ଲୋକ ଏବଂ ଟାଟା ଷ୍ଟିଲ ମଧ୍ୟରେ ବ୍ୟବଧାନ ବଢି ଚାଲିଛି। ପୁନର୍ବାସ ଓ ଥଇଥାନ ଉପଦେଷ୍ଟା କମିଟି ବସୁଛି ଆଉ ସମସ୍ୟାର ଆଲୋଚନା ହୋଇ ନିଷ୍ପତ୍ତି ହେଉଛି ସତ ହେଲେ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଧୈର୍ଯ୍ୟଚ୍ୟୁତି ଘଟିବାରେ ଲାଗିଛି। ଉଚ୍ଚସ୍ତରରେ ପ୍ରତିନିଧିତ୍ୱ କରୁଥିବା ଜନ ପ୍ରତିନିଧିଙ୍କ ଭୂମିକା ଲୋକଙ୍କ ପାଇଁ ସନ୍ତୋଷଯୋଗ୍ୟ କିମ୍ବା ଗ୍ରହଣଯୋଗ୍ୟ ହେଉନାହିଁ। କେନ୍ଦ୍ର ଓ ରାଜ୍ୟରେ ପରସ୍ପର ବିରୋଧୀ ସରକାର ଥିବାରୁ ନେତାଏ ଖାଲି ରାଜନୈତିକ ଦୃଷ୍ଟିରୁ ପରସ୍ପର ଉପରେ ଦୋଷ ଲଦାଲଦିରେ ବ୍ୟସ୍ତ। ଆଉ ବିସ୍ଥାପିତ ଲୋକଙ୍କ ପରିସ୍ଥିତି ଯାହାକୁ ତାହା ହୋଇ ରହିଛି। ଏ ସମ୍ପର୍କରେ ଆରପିଡ଼ିଏସି ଓ ଗୃହକମିଟି ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଫଳରେ ସୋମବାର ହେଉଥିବା ୪ର୍ଥ ପର୍ଯ୍ୟାୟ ମତଦାନକୁ ସେମାନେ ବର୍ଜନ କରିଛନ୍ତି ।



ଭୋଟ ବର୍ଜନ କରିଥିବା ବାରଗାଡ଼ିଆ ଦଳିତ ସାହିର ଲୋକେ।

# ଘରୁ ଡାକିନେଇ ଗାଁ ମଝିରେ ଯୁବକଙ୍କୁ ହତ୍ୟା

**ଖପ୍ରାଖୋଲ/ଲାଠୋର, ୨୯।୪ (ଡି.ଏନ.ଏ.)**

କିଛି ବର୍ଷର ନୀରବତା ପରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ଅଞ୍ଚଳରେ ଲାଲବାହିନୀ ନିଜର ଉପସ୍ଥିତି ଜାହିର କରିଛି। ଲାଠୋର ଥାନା ତଥା ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ଖୁରିପାଣି ଗାଁର ଜଣେ ଯୁବକଙ୍କୁ ମାଓବାଦୀମାନେ ଘରୁ ଡାକି ନେଇ ଗାଁ ମଝିରେ ହତ୍ୟା କରିଛନ୍ତି। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ତ୍ରିଲୋଚନ ତରିଆ(୪୫)। ତ୍ରିଲୋଚନଙ୍କୁ ମାଓବାଦୀମାନେ ପ୍ରଥମେ ହାତ ବାନ୍ଧି ପ୍ରବଳ ପିଟିଥିଲେ। ପରେ ବନ୍ଧୁକ ବନେଟରେ ଶରୀରର ବିଭିନ୍ନ ସ୍ଥାନକୁ ଆଘାତ କରିଥିଲେ। ଏତିକିରେ ସେମାନଙ୍କ ରୋଷ ଶାନ୍ତି ହୋଇ ନ ଥିଲା। ଶେଷରେ ଗାଁ ମଝିରେ ତାଙ୍କୁ ଗୁଳି ମାରି ହତ୍ୟା କରି ଥିବା ପରିବାର ଲୋକେ କହିଛନ୍ତି। ମୃତଦେହ ଉପରେ ମାଓବାଦୀମାନେ ହାତଲେଖା ପୋଷ୍ଟର ଛାଡି ଯାଇଛନ୍ତି। ଏଥିରେ ଖୁରିପାଣି ଗାଁର ତ୍ରିଲୋଚନ(ସୁରୁବୁଡୁ)ଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି, ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ସତର୍କ କରାଯାଉଛି ବୋଲି ଉଲ୍ଲେଖ କରାଯାଇଛି। ଏହି ଖବର ଜଣାପଡିବା ପରେ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ପ୍ରକାଶ ପାଇଛି । ଲାଠୋର ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସଦଳବଳ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖପ୍ରାଖୋଲ ପଠାଇଛନ୍ତି । ଏ ନେଇ ଲାଠୋର ଥାନାରେ ଏକ ମାମଲା(ନଂ. ୪୦/୧୯) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ରାତି ପ୍ରାୟ ୯ଟାରେ ୨୦ରୁ ୨୫ଜଣ ସଶସ୍ତ୍ର ମାଓବାଦୀ ଗାଁରେ ପହଞ୍ଚି ତ୍ରିଲୋଚନଙ୍କୁ ଘରୁ ଡ଼ାକି ନେଇଥିଲେ । ନିଘୁକ ପିଟିବା ସହ ହତ୍ୟା କରିଥିଲେ। ମାଓବାଦୀମାନେ ଛାଡ଼ିଯାଇଥିବା ପୋଷ୍ଟରରେ ତ୍ରିଲୋଚନ ସହିତ ଅନ୍ୟ କେତେଜଣ ବ୍ୟକ୍ତି ମାଓବାଦୀଙ୍କୁ ସହଯୋଗ କରୁଥିଲେ । ପରେ ସେମାନେ ପୋଲିସର ଇନ୍‌ଫରମର ରୂପେ କାମ କରୁଥିବା ଜଣାପଡିଥିଲା । ତ୍ରିଲୋଚନଙ୍କ ସହିତ ଅନ୍ୟମାନେ ମାଓବାଦୀଙ୍କ ବିରୋଧରେ କାମ କରୁଥିଲେ ବୋଲି ଉକ୍ତ ପୋଷ୍ଟରରେ ଲେଖା ଯାଇଛି। ମାଓବାଦୀଙ୍କ ନାମରେ ଚାନ୍ଦା ଆଦାୟ, ଲୋକଙ୍କ ଉପରେ ଗୁଣ୍ଡାଗର୍ଦ୍ଦି କରିବା, ଗନ୍ଧମାର୍ଦ୍ଦନ ପାହାଡରେ ରଖାଯାଇଥିବା ମାଓବାଦୀଙ୍କ ସାମଗ୍ରୀ ସମ୍ପର୍କରେ ପୋଲିସକୁ ସୂଚନା ଦେବା ଆଦି କାମ ସେ କରୁଥିଲେ । ତାଙ୍କୁ ସୁଧୁରିଯିବାକୁ ଏଥିପାଇଁ ଚେତାବନୀ ଦିଆଯାଇଥିଲା । ହେଲେ ସେ ନ ସୁଧୁରିବାରୁ ତ୍ରିଲୋଚନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ମାଓବାଦୀମାନେ ଛାଡି ଯାଉଥିବା ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ଏହି ଘଟଣା ପରେ ଅନ୍ୟମାନଙ୍କୁ ସୁଧୁରିଯିବାକୁ ଚେତାବନୀ ଦିଆଯାଇଛି। ନଚେତ୍ ସେମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ଲେଖା ଯାଇଛି। ପୋଷ୍ଟର ତଳେ ବି.ବି.ଏମ୍ ଡିଭିଜନାଲ କମିଟି ଭାକପା(ମାଓବାଦୀ), ଏପ୍ରିଲ ୨୦୧୯ ଲେଖା ରହିଛି ।

**ଖପ୍ରାଖୋଲରେ ଲାଲ୍ ବାହିନୀର ବର୍ବରକାଣ୍ଡ**



■ ପୋଲିସ ଇନଫର୍ମର ସନ୍ଦେହ
■ ଗାଁରେ ଆତଙ୍କ, ମୁହଁ ଖୋଲୁ ନାହାନ୍ତି ଗ୍ରାମବାସୀ
■ ମୃତଦେହ ଉପରେ ପଡ଼ିଛି ମାଓବାଦୀ ପୋଷ୍ଟର

ଏହି ଘଟଣା ପରେ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି। କେହିଏ ନେଇ ମୁହଁ ଖୋଲିବାକୁ ସାହସ କରୁ ନାହାନ୍ତି। ମୃତ ତ୍ରିଲୋଚନଙ୍କ ସ୍ତ୍ରୀ, ୨ ଝିଅ ଏବଂ ୩ ପୁଅ ଅଛନ୍ତି। ମଜୁରି ଲାଗି ପରିବାର ଚଳାଉଥିବା ତ୍ରିଲୋଚନ ପୋଲିସ ଇନ୍‌ଫରମର ନ ଥିବା ତାଙ୍କ ସ୍ତ୍ରୀ କାନ୍ତି କହିଛନ୍ତି। ଅନ୍ୟପକ୍ଷେ ଏହି ଘଟଣା ରାତିରେ ଘଟିଥିଲେ ମଧ୍ୟ ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ଗାଁରେ ପୋଲିସ ପହଞ୍ଚି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ପୂର୍ବରୁ ୪ ଜଣଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ। ୨୦୧୪ ମସିହାରେ ତତ୍କାଳୀନ ବ୍ଲକ ଅଧ୍ୟକ୍ଷଙ୍କ ପୁଅଙ୍କୁ ସାନଗୁର୍ଜିଭଟା ଗାଁରେ ମାଓବାଦୀମାନେ ହତ୍ୟା କରିଥିଲେ । ୫ ବର୍ଷର ବ୍ୟବଧାନ ପରେ ଏଭଳି ଘଟଣା ପୁଣି ଥରେ ଭୟ ସୃଷ୍ଟି କରିଛି ।

HITACHI
ସର୍ବୋତ୍ତମ ମୂଲ୍ୟର ଗ୍ୟାରେଣ୍ଟି ଏବଂ
ସର୍ବୋତ୍ତମ ସେବାର ଗ୍ୟାରେଣ୍ଟି
କଷ୍ଟ ଟୁ କଷ୍ଟ ଅଫର୍
କମ୍ପ୍ରେସର୍ ଉପରେ ୧୦ ବର୍ଷର ୱାରେଣ୍ଟି
ମାଗଣା ଇନ୍‌ଷ୍ଟଲେଶନ୍
୦% ଫାଇନାନ୍ସ
କେବଳ ୭ ଦିନ ପାଇଁ
*ସର୍ତ୍ତାବଳୀ ଲାଗୁ
ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର ଏକମାତ୍ର ଅଧିକୃତ ବିକ୍ରୟ ଓ ସର୍ଭିସ୍ ଡିଲର୍
ACE BUSINESS ASSOCIATES
Panda Market Complex, Hanuman Bazar, Angul, Mob- 9861133277

CLASSIFIED DISPLAY




MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ–ଅଧିକ ଖୋଜି ପାରିବ –ଅଧିକ ଶ୍ରମ କରିପାରିବ– ସେ ହିଁ ଅଧିକ ଶକ୍ତି ଲାଭ କରିବ।

–ଶ୍ରୀଅରବିନ୍ଦ

# ସମାଧାନ ନିଷେଧରେ ନାହିଁ

ଶ୍ରୀଲଙ୍କାରେ ୨୧ ଏପ୍ରିଲ ୨୦୧୯ରେ ଘଟିଥିବା ବିସ୍ଫୋରଣରେ ପାଖାପାଖି ୩୨୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ୩୯ ବିଦେଶୀ ପର୍ଯ୍ୟଟକ ଥିଲେ। ବିସ୍ଫୋରଣ ପରେ ସେଠାରେ ପର୍ଯ୍ୟଟନ ଶିଳ୍ପ ଘୋର ବିପଦର ସମ୍ମୁଖୀନ ହୋଇଛି। ଆଇଏସ୍ ଆତଙ୍କବାଦୀ ତଥା ଶ୍ରୀଲଙ୍କାର କୋଟିପତି ବ୍ୟବସାୟୀ ଇନ୍‌ସାଫ ଅହମ୍ମଦ ଇବ୍ରାହିମ୍‌ଙ୍କ ସ୍ତ୍ରୀ ଫାତିମା ଇବ୍ରାହିମ୍ ବିସ୍ଫୋରଣରେ ସମ୍ପୃକ୍ତ ଥିବା ଗୋଇନ୍ଦା ରିପୋର୍ଟ ପ୍ରକାଶ ପାଇବା ପରେ ଶ୍ରୀଲଙ୍କା ସରକାର ମୁସଲମାନ ମହିଳାଙ୍କ ବୁର୍ଖା ପିନ୍ଧିବା ଉପରେ ରୋକ ଲଗାଇଛନ୍ତି। ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ଆକ୍ରମଣର ସପ୍ତାହକ ପରେ ୨୯ ଏପ୍ରିଲରେ ଘୋଷଣା କରିଛନ୍ତି ଯେ, ତାଙ୍କ ଦେଶରେ କୌଣସି ମୁସଲମାନ ମହିଳା ସର୍ବସାଧାରଣ ସ୍ଥାନରେ ମୁହଁରେ ପରଦା ପକାଇପାରିବେ ନାହିଁ। ଏହା କୌଣସି ସମ୍ପ୍ରଦାୟକୁ ଅସୁବିଧାରେ ପକାଇବା ପାଇଁ ନୁହେଁ, ବରଂ ଜାତୀୟ ନିରାପତ୍ତା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି ପରିପ୍ରେକ୍ଷୀରେ ୟୁରୋପୀୟ ରାଷ୍ଟ୍ର ଫ୍ରାନ୍ସର ଉଦାହରଣ ନିଆଯାଉ। ସେଠାରେ ୧୪ ସେପ୍ଟେମ୍ବର ୨୦୧୦ରେ ସର୍ବସାଧାରଣ ସ୍ଥାନରେ ଲୋକେ ମୁହଁ ଘୋଡ଼ାଇ ଯାଇପାରିବେ ନାହିଁ ବୋଲି ଏକ ଆଇନ ପାର୍ଲାମେଣ୍ଟରେ ଅଣାଯାଇଥିଲା। ବିଶେଷକରି ମୁସଲମାନ ମହିଳା ହିଜାବ୍ ଓ ବୁର୍ଖା ଭଳି ମୁହଁ ଓ ଦେହକୁ ଘୋଡ଼ାଇବା ପରି ବସ୍ତ୍ର ପିନ୍ଧି ଘର ବାହାରକୁ ଯିବା ନିଷେଧ କରାଗଲା। ଫ୍ରାନ୍ସରେ କଡ଼ା ଆଇନ ଲାଗୁ ହେବା ପରେ ଏହାର ସପକ୍ଷ ଓ ବିପକ୍ଷରେ ପ୍ରବଳ ମତ ପ୍ରକାଶ ପାଇଲା। ତେବେ ସେହି ଆଇନ ପ୍ରଣୟନକୁ ଦେଖିଲେ ଫ୍ରାନ୍ସର ଆଭ୍ୟନ୍ତରୀଣ ପରିସ୍ଥିତିରେ ସୁଧାର ଆସିଥିବା ଭଳି ସଙ୍କେତ ମିଳୁନାହିଁ। ଚାର୍ଲି ହେବ୍‌ଡୋ କାର୍ଯ୍ୟାଳୟ ଉପରେ ୨୦୧୫ରେ ଆତଙ୍କବାଦୀ ଆକ୍ରମଣରେ ୧୨ ଜଣଙ୍କ ପ୍ରାଣହାନି ଓ ସେହିବର୍ଷ ପ୍ୟାରିସ୍‌ରେ କ୍ରମାଗତ ଆକ୍ରମଣରେ ୧୩୭ ଜଣଙ୍କୁ ହତ୍ୟା ଏବଂ ୨୦୧୬ରେ ନିସ୍‌ରେ ଟ୍ରକ୍ ମଡ଼ାଇ ୮୬ ଲୋକଙ୍କୁ ମାରି ଦିଆଯିବା ଘଟଣା ଘଟିବାରେ ଲାଗିଛି, ଯାହା ଇସ୍‌ଲାମୀୟ ଉଗ୍ରବାଦକୁ ସିଧାସଳଖ ଦର୍ଶାଉଛି। ଯଦି ଫ୍ରାନ୍ସ ଉଦାହରଣକୁ ଦେଖାଯାଏ, ତେବେ ଶ୍ରୀଲଙ୍କା ଯେଉଁ ପଦକ୍ଷେପ ନେଉଛି, ତାହାର ପରବର୍ତ୍ତୀ ପରିସ୍ଥିତି କେଉଁଆଡ଼େ ମୋଡ଼ ନେବ କହିବା ଏବେ କଷ୍ଟକର।

ଶ୍ରୀଲଙ୍କାରେ ସମୁଦାୟ ଜନସଂଖ୍ୟାର ମାତ୍ର ୧୦ ପ୍ରତିଶତ ମୁସଲମାନ। ନିକଟ ଅତୀତରେ ସେଠାରେ ମୁସଲମାନ ଓ ଖ୍ରୀଷ୍ଟିଆନ୍‌ଙ୍କ ମଧ୍ୟରେ ସେଭଳି ଶତ୍ରୁତା ନ ଥିଲା। ହେଲେ ମଧ୍ୟପ୍ରାଚ୍ୟରେ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଦୁର୍ବଳ ହୋଇଯାଇଥିବାରୁ ଏହା ବିଶ୍ୱର ଅନ୍ୟ କେଉଁଠାରେ ନିଜର ଉପସ୍ଥିତି ଜାହିର କରିବାକୁ ଚେଷ୍ଟା କରୁଥିବା ଶ୍ରୀଲଙ୍କା ବିସ୍ଫୋରଣରୁ ଖିଅ ଟାଣି କୁହାଯାଉଛି। ଆତଙ୍କବାଦୀ ଆକ୍ରମଣ ପରେ ଶ୍ରୀଲଙ୍କାର ଜଣେ ମନ୍ତ୍ରୀ ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚସ୍ଥିତ ମସ୍‌ଜିଦ୍‌ରେ ୨୦୧୯ ମାର୍ଚ୍ଚ ୧୫ରେ ହୋଇଥିବା ଘଟଣା ସହ ଏହାକୁ ଯୋଡ଼ିଥିଲେ। ଯେହେତୁ ଶ୍ରୀଲଙ୍କା ବିସ୍ଫୋରଣରେ ମୁସଲମାନ ମହିଳାଙ୍କ ସମ୍ପୃକ୍ତି ନେଇ ଅନେକ ତଥ୍ୟ ମିଳିପାରିଛି, ସେହି ଦୃଷ୍ଟିରୁ ଦେଖିଲେ ସେଠାକାର ସରକାରଙ୍କ ଏଭଳି ନିଷ୍ପତ୍ତି ଏକ ସ୍ୱାଭାବିକ ପ୍ରତିକ୍ରିୟା। କିନ୍ତୁ ଏହା ଏକ ଅସ୍ୱାଭାବିକ ପଦକ୍ଷେପ। ଏଭଳି ପରିସ୍ଥିତିରେ ବୁର୍ଖା ନିଷେଧ ଭଳି ନିଷ୍ପତ୍ତି ଏକ ଚିନ୍ତାଶୀଳ ସରକାରର ପ୍ରତିକ୍ରିୟା ଭାବେ ମନେହୁଏ ନାହିଁ। ଆମେରିକା ଉପରେ ୯/୧୧ ଆକ୍ରମଣର ପ୍ରତିକ୍ରିୟାରେ ସେଭଳି ଶକ୍ତିଶାଳୀ ଦେଶ ଅନ୍ତର୍ଜାତୀୟ ଯୁଦ୍ଧ ଲଗାଇ ଭାବିଥିଲା ଯେ ଆତଙ୍କବାଦୀଙ୍କୁ ଶେଷ କରିପାରିବ। ଆଫଗାନିସ୍ତାନ, ଇରାକ୍ ଏବଂ ମଧ୍ୟପ୍ରାଚ୍ୟକୁ ସମ୍ପୂର୍ଣ୍ଣ ଭାବରେ ଅସ୍ଥିର କରିଦେବା ପରେ ମଧ୍ୟ ଆମେରିକା ତା'ର ଲକ୍ଷ୍ୟ ହାସଲ କରିବା ପୂର୍ବରୁ ସେନା ଫେରାଇ ନେବା ପାଇଁ ବାଧ୍ୟ ହୋଇଛି। ଅବଶ୍ୟ କହିହେବ ଯେ, ନିଜ ଦେଶ ଭିତରେ ଅତି ଶକ୍ତିଶାଳୀ ଗୋଇନ୍ଦା ନଜର ରଖି ପରବର୍ତ୍ତୀ ଆତଙ୍କବାଦୀ ଆକ୍ରମଣ ଘଟାଇଦେଇ ନାହିଁ। ଏଥିପାଇଁ ଆମେରିକାର ଭୌଗୋଳିକ ପରିସ୍ଥିତି ତାକୁ ସହାୟକ ହୋଇଛି। କିନ୍ତୁ ରୁଷିଆ ଭଳି ଦେଶ ମଧ୍ୟ ଇସ୍‌ଲାମୀୟ ଆତଙ୍କବାଦରୁ ରକ୍ଷା ପାଇପାରି ନାହିଁ। ମୁସ୍‌ଲିମ୍ ଚେଚେନ୍ ବିଦ୍ରୋହୀମାନେ ସ୍କୁଲ ଭିତରେ ପଶି ପିଲାମାନଙ୍କୁ ହତ୍ୟା କରିଥିବା ଘଟଣା ସମଗ୍ର ପୃଥିବୀକୁ ଦୁଃଖିତ କରିଥିଲା। ଅନ୍ୟ ଏକ ଦିଗରୁ ଦେଖିଲେ ପାକିସ୍ତାନ ଭଳି ସମ୍ଭବତଃ ପୃଥିବୀରେ ଆତଙ୍କବାଦୀଙ୍କୁ ଖୋଲାଖୋଲି ସମର୍ଥନ କରୁଥିବା ଅନ୍ୟ କୌଣସି ଦେଶ ନାହିଁ। ତଥାପି ପାକିସ୍ତାନ ଉଗ୍ରବାଦୀ ଆକ୍ରମଣରୁ ବର୍ତ୍ତିପାରୁ ନାହିଁ। ଏଥିରୁ ବୁଝିବାକୁ ହେବ, ଅତ୍ୟଧିକ ମିତ୍ରତା କିମ୍ବା ଫ୍ରାନ୍ସ ଓ ଶ୍ରୀଲଙ୍କା ଭଳି ଶତ୍ରୁତା ମାଧ୍ୟମରେ ଇସ୍‌ଲାମୀୟ ଉଗ୍ରବାଦକୁ ପୃଥିବୀବ୍ୟାପୀ ବନ୍ଦ କରିପାରିନାହାନ୍ତି। କେବଳ ଆମେରିକା, ଚାଇନା ଏବଂ ରୁଷିଆ ତିନୋଟିଯାକ ଦେଶ ଆତଙ୍କବାଦୀଙ୍କ ଗୁରୁତର ଶିକାର ହେବା ପରେ ଏବେ ସେଥିରୁ ଆପାତତଃ ବର୍ତ୍ତିକରି ରହିପାରିଛନ୍ତି। ଆମେରିକା ଓ ରୁଷିଆରେ ଆତଙ୍କବାଦୀ ଆକ୍ରମଣ ସାଧାରଣରେ ଜଣାପଡ଼ିଥିଲା ବେଳେ ଚାଇନାର କୌଣସି ଘଟଣା ପଦାକୁ ଆସୁନାହିଁ। ସେହି ଦେଶର ୟୁଘୁର ମୁସଲମାନମାନଙ୍କୁ ନିପାତ କରିବା ପାଇଁ ଚାଇନା ରଣ କରିଛି।

ଶେଷରେ କହିହେବ, ଯେଉଁ ଦେଶରେ ଗୋଇନ୍ଦା ବ୍ୟବସ୍ଥାକୁ କଡ଼ାକଡ଼ି କରାଇ ସମାଜକୁ ସତର୍କ ରଖି ହେଉଛି, ସେହି ଦେଶରେ ଆତଙ୍କବାଦୀ ଆକ୍ରମଣର ମାତ୍ରାକୁ ହ୍ରାସ କରିହେଉଛି। ଏଥିସହିତ ପୂର୍ବଭଳି ଶାରୀରିକ ଗୋଇନ୍ଦା କାର୍ଯ୍ୟକଳାପ ଏବେ ପ୍ରାଚୀନ ଚିନ୍ତାଧାରାର ପରିଚୟ ପାଲଟିଗଲାଣି। ଏବେକା ଯୁଗରେ ଆତଙ୍କବାଦୀମାନେ ସୋସିଆଲ ମିଡିଆ ଏବଂ ଡିଜିଟାଲ ଅନ୍‌ଲାଇନ୍‌କୁ ମାଧ୍ୟମ କରି ନିଜର ଲକ୍ଷ୍ୟ ସାଧନ କରିପାରୁଛନ୍ତି। ଯେଉଁ ସରକାର ସେହି ଡିଜିଟାଲ ପୃଥିବୀକୁ ଅନିଷା କରି ସତର୍କ ରହିପାରୁଛି, ସେହି ଦେଶ ସୁରକ୍ଷିତ ରହିପାରୁଛି।

ତଥାଗତ ସତପଥୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | | | 8 | 7 | | | C | D | 1 | 0 | | 5 |
| 4 | | | D | | A | | | | | | | 1 | 2 | C |
| | | | | | | | D | | | 8 | | 4 | | 9 |
| | 3 | | | | | | 9 | E | | | | A | | |
| | B | | C | | | | 5 | 4 | | E | | | 6 | |
| | | 4 | | | 5 | | | 9 | | 3 | 7 | | 1 | |
| | 1 | | | | | | 8 | D | 2 | B | | 7 | | 3 |
| C | | | A | | | | | 6 | | | D | | | |
| 6 | | | | B | | | 2 | | | 9 | 4 | D | C | |
| 0 | 9 | | 2 | | E | 1 | C | 3 | | | A | | | |
| B | E | | | | 9 | | | | | | | | 4 | 1 |
| | | | | | | 0 | 4 | 2 | | 1 | 9 | | D | |
| | | | 4 | | | | | 8 | | 7 | | 5 | | |
| | 0 | | | 5 | | | 6 | | B | | | | | |
| A | | | | 2 | | 3 | | | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | C | A | 0 | 9 | E | 2 | 5 | 1 | 4 | 8 | D | 7 | 3 | 6 |
| 7 | 0 | 2 | 6 | 8 | C | 4 | 9 | 3 | A | 1 | 5 | D | B | E |
| 4 | D | 1 | 2 | 3 | A | E | 7 | 6 | 9 | C | B | 8 | 0 | 5 |
| 8 | 9 | 6 | 7 | B | 5 | 0 | C | D | E | 3 | 2 | 4 | A | 1 |
| 3 | E | 5 | 4 | 1 | D | 8 | B | A | 0 | 6 | 7 | 9 | C | 2 |
| 5 | A | E | C | 6 | 1 | D | 8 | 9 | 3 | 2 | 0 | B | 7 | 4 |
| 9 | 2 | C | B | 0 | 8 | 5 | E | 4 | 7 | A | 6 | 3 | 1 | D |
| D | 3 | B | A | 2 | 7 | 1 | 6 | 0 | 8 | E | 4 | 5 | 9 | C |
| 6 | 1 | 4 | 5 | E | 9 | 3 | A | 7 | D | B | C | 2 | 8 | 0 |
| 0 | 8 | 7 | D | 4 | 3 | C | 2 | B | 1 | 5 | 9 | E | 6 | A |
| 2 | 4 | 3 | 8 | A | 0 | B | D | E | C | 9 | 1 | 6 | 5 | 7 |
| 1 | 7 | D | E | C | 6 | 9 | 0 | 5 | B | 4 | 3 | A | 2 | 8 |
| A | B | 0 | 9 | 7 | 2 | 6 | 1 | 8 | 5 | D | E | C | 4 | 3 |
| C | 5 | 9 | 1 | D | 4 | A | 3 | 2 | 6 | 7 | 8 | 0 | E | B |
| E | 6 | 8 | 3 | 5 | B | 7 | 4 | C | 2 | 0 | A | 1 | D | 9 |

ଗତକାଲିର ଉତ୍ତର

# ବଢୁଛି ଦୁର୍ନୀତିର ଦୈର୍ଘ୍ୟ–ପ୍ରସ୍ଥ



ଡ. ପ୍ରଫୁଲ୍ଲ କୁମାର ସାହୁ

ସ୍ୱାଧୀନତା ପରେ ଏକ ଦୁର୍ନୀତିମୁକ୍ତ ଆଦର୍ଶ ଭାରତ ଗଢ଼ିବା ଥିଲା ଗାନ୍ଧିଜୀଙ୍କର ସ୍ୱପ୍ନ। ଅଥଚ ଆଜି ଦୁର୍ନୀତିର ପାହାଡ଼ ଉପରେ ଛିଡ଼ାହୋଇଛି ଗାନ୍ଧିଜୀଙ୍କର ସେହି ସ୍ୱପ୍ନର ଭାରତବର୍ଷ। ଦେଶକୁ ଲୁଣ୍ଠନ କରୁଥିବା ବଡ଼ ବଡ଼ ଶଠମାନେ ଆଜି ସାଧୁ ଭଳି ପୂଜା ପାଉଛନ୍ତି, ଯେଉଁମାନଙ୍କୁ ରାସ୍ତାକଡ଼ ବତିଖୁଣ୍ଟରେ ଟଙ୍ଗେଇ ଦିଆଯିବ ବୋଲି ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପ୍ରଭାତରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ପଣ୍ଡିତ ଜବାହରଲାଲ ନେହେରୁ କହିଥିଲେ। ମରୀଚିକାରେ ପରିଣତ ହୋଇଛି ଗାନ୍ଧିଜୀଙ୍କର ସେ ସ୍ୱପ୍ନ ଓ ପଣ୍ଡିତ ନେହେରୁଙ୍କ ପ୍ରତିଶ୍ରୁତି। ସ୍ୱାଧୀନତାର ୭୧ବର୍ଷ ପରେ ଦୁର୍ନୀତି ଓ ଜାଲିଆତିରେ ପୃଥିବୀର ଯେ କୌଣସି ଦେଶକୁ ପଛରେ ପକେଇ ଦେବାର କ୍ଷମତା ହାସଲ କରିସାରିଛି ଭାରତ। ଟ୍ରାନ୍ସପରେନ୍‌ସି ସର୍ବେକ୍ଷଣ ତଥ୍ୟକୁ ଭିତ୍ତିକରି ପ୍ରସ୍ତୁତ ହୋଇଥିବା ଫୋର୍ବସ ରିପୋର୍ଟ ଅନୁଯାୟୀ ସମଗ୍ର ଏସୀୟ– ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସର୍ବାଧିକ ଦୁର୍ନୀତିପ୍ରବଣ ଦେଶ ଭାବରେ ଭାରତ ନିଜ ମୁହଁରେ ନିଜେ ବୋଲିହୋଇଛି କଳା।

ଦିନଥିଲା ବ୍ୟକ୍ତିଗତ ଫାଇଦା ହାସଲ ପାଇଁ କ୍ଷମତାର ଅପବ୍ୟବହାରକୁ ଲୋକେ ଦୁର୍ନୀତି ବୋଲି ଭାବୁଥିଲେ ଏବଂ ଆମ ରାଜନେତାମାନେ ସେଥିରୁ ଦୂରେଇ ରହୁଥିଲେ ବିବେକର ତାଡ଼ନାରେ। ଆଗେ ଦୁର୍ନୀତିରେ ଅଭିଯୁକ୍ତ ହୋଇ କେହି ନେତା ନିନ୍ଦିତ ହେଲେ ସହଜରେ ଛାଡୁ ନ ଥିଲା କଳଙ୍କର ଦାଗ। ମାତ୍ର ଆମ ଗଣତନ୍ତ୍ରର ବୟସ ବଢ଼ିବା ସହିତ ବଦଳିଗଲା ଦୁର୍ନୀତିର ସଂଜ୍ଞା। ସାଧାରଣତଃ ନିର୍ବାଚନର ସ୍ୱଚ୍ଛତା ଉପରେ ନିର୍ଭର କରେ ଗଣତନ୍ତ୍ରର ସଫଳତା। ମାତ୍ର ଦୁର୍ନୀତିର ଏକ ବିଶାଳ ଉତ୍ସହୋଇ ଠିଆହୋଇଛି ଆମ ବ୍ୟୟବହୁଳ ନିର୍ବାଚନ ପ୍ରକ୍ରିୟା। ପ୍ରଚୁର କଳାଟଙ୍କା ଖର୍ଚ୍ଚ କରି ନିର୍ବାଚନ ଲଢ଼ିବା ଓ ଜିଣିଗଲା ପରେ କଳାଟଙ୍କା ଠୁଳ କରିବା ହେଲା ଆମ ରାଜନୀତିର ଏକ ଅଘୋଷିତ ନୀତି। ତେଣୁ କ୍ଷମତା ଅଳିନ୍ଦରେ ବଢ଼ି ଚାଲିଛି ଭ୍ରଷ୍ଟାଚାରର ଆୟୋଜକ, ପ୍ରାୟୋଜକ ଓ ବାହୁବଳୀମାନଙ୍କ ଭିଡ଼। ଗଣତନ୍ତ୍ରର ଗଣିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ଏମାନଙ୍କ ଉପରେ ନିର୍ଭର କରୁଛି ପ୍ରତ୍ୟେକ ରାଜନୈତିକ ଦଳ। ଏମାନଙ୍କୁ ବାଧାଦେଇ ପାରୁନି ଦେଶର ପ୍ରଚଳିତ ଆଇନ। ତେଣୁ ପଞ୍ଚାୟତରୁ ପାର୍ଲାମେଣ୍ଟ ଯାଏ ସବୁନେତାଙ୍କୁ ଗ୍ରାସିଛି ରାଷ୍ଟ୍ରଧନକୁ ଚଳୁ କରିବାର ନିର୍ଲଜ୍ଜପଣ। କିଏ ଇନ୍ଦିରାଆବାସ ହିତାଧିକାରୀଙ୍କଠାରୁ ଲାଞ୍ଚ ଖାଉଛି ତ କିଏ ଚିଟ୍‌ଫଣ୍ଡ ଲୁଟେରାଙ୍କ ସହ ମିଶି କାଟୁଛି ଗରିବଙ୍କ ତଣ୍ଟି। ସେ ରାଫାଲ ହେଉ କି ବୋଫର୍ସ ଏ ଦୁର୍ନୀତି ଅଭିଯୋଗରେ ଯଦି ସତ୍ୟତା ଥାଏ ତେବେ ଧରିନେବାକୁ ହେବ ଯେ, ଆମ ନୀତିନିୟମର ନିୟାମକମାନେ ନୈତିକ ଅପପୁଷ୍ଟିର ଶିକାର। ଏମାନଙ୍କ ସ୍ୱାର୍ଥ ଆଗରେ କୌଣସି ମୂଲ୍ୟ ବହନ କରେନି ଦେଶର ପ୍ରତିରକ୍ଷା ବ୍ୟବସ୍ଥା।


ସରକାରୀ କଳରେ ପ୍ରଶାସନ ଏକ ପ୍ରମୁଖ ସ୍ତମ୍ଭ। ପ୍ରଶାସନିକ ଅଧିକାରୀଙ୍କ ବିନା ସହାୟତାରେ ରାଷ୍ଟ୍ରଧନକୁ କେହି ଆତ୍ମସାତ୍ କରିପାରେନି କି ଦେଶରେ ଉଧେଇ ପାରେନି ଦୁର୍ନୀତିର ଚାରା। ଏମାନଙ୍କ ଦକ୍ଷତା ଓ ପ୍ରତିବଦ୍ଧତା ଉପରେ ନିର୍ଭର କରେ ଶାସନର ସ୍ୱଚ୍ଛତା। ମାତ୍ର ଆମ ଦେଶରେ ସରକାରୀ ବାବୁମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲୁଣ୍ଠନ ହୁଏ ରାଜକୋଷ। ପୂର୍ବତନ ଚିଫ୍ ଭିଜିଲାନ୍ସ କମିଶନର ଏନ୍. ବିଠଲଙ୍କ ମତରେ ଭାରତର ପ୍ରଶାସନିକ ଅଧିକାରୀମାନେ ରାଜନୋତାଙ୍କଠାରୁ ଅଧିକ ଦୁର୍ନୀତିଗ୍ରସ୍ତ। ରାଷ୍ଟ୍ରଧନକୁ ଲୁଣ୍ଠନ କରିବା ପାଇଁ ଏମାନେ ରାଜନେତାଙ୍କ ସହ ସ୍ଥାପନ କରନ୍ତି ଅଶୁଭ ମୈତ୍ରୀ। କେନ୍ଦ୍ରୀୟ ଭିଜିଲାନ୍ସ ପକ୍ଷରୁ ହୋଇଥିବା ଏକ ସମୀକ୍ଷାରୁ ଜଣାଯାଏ, ଆମ ଦେଶର ୫୫ଭାଗ ଆଇଏଏସ୍ ଓ ଆଇପିଏସ୍ ଅଫିସର ଦୁର୍ନୀତିରେ ଲିପ୍ତ। ଏମାନଙ୍କ ଭିତରୁ ଅଧିକାଂଶ ରାଜନେତାଙ୍କ ପ୍ରତି ଅନାବଶ୍ୟକ ଆନୁଗତ୍ୟ ପ୍ରକାଶ କରନ୍ତି, ଅବସର ପରେ କୌଣସି ଉଚ୍ଚ ପଦବୀରେ ଅବସ୍ଥାପିତ ହେବା ଲକ୍ଷ୍ୟରେ। ଦୁର୍ନୀତି ପାଇଁ ଏମାନେ କ୍ଷେତ୍ର ପ୍ରସ୍ତୁତ କରନ୍ତି ଏବଂ ମନ୍ତ୍ରୀମାନଙ୍କର ଅନୀତିକୁ ଘଣ୍ଟ ଘୋଡ଼ାନ୍ତି ଖୁବ୍ ଚତୁରତାର ସହିତ। ଆପଣା ସ୍ୱାର୍ଥପାଇଁ ଆମ ଦେଶର ଅନେକ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ନିଜ ବିବେକ ସହ ସାଲିସ କରିନିଅନ୍ତି ବୋଲି କହିଛନ୍ତି ଖ୍ୟାତନାମା ଆଇଏଏସ ଅଫିସର ତଥା ପଦ୍ମଭୂଷଣ ସି.ପି. ଶ୍ରୀବାସ୍ତବ। ଯେଉଁଠି ଉପରିସ୍ଥ ହାକିମମାନଙ୍କ ବିବେକ ବଳିଗ୍ରସ୍ତ ସେଠାରେ ତଳିଆ କର୍ମଚାରୀମାନେ ଦୁର୍ନୀତିକୁ ଆପଣେଇନେବା ସ୍ୱାଭାବିକ। ଭ୍ରଷ୍ଟାଚାରରେ ଜଡ଼ିତ ବ୍ୟକ୍ତି ଦାୟିତ୍ୱରେ ରହି ଶାସନ କଲେ ତା'ର ପ୍ରଭାବ ସହକର୍ମୀ ଓ ଅଧସ୍ତନଙ୍କ ଉପରେ ପଡ଼ିବ ବୋଲି କେ.ସି. ସହିନ୍ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଯାହା କହିଛନ୍ତି, ତାହା ହିଁ ଆଜି ଆମ ଅମଲାତାନ୍ତ୍ରିକ ବ୍ୟବସ୍ଥାର ଦୁଃଖଦ ଚିତ୍ର। ବ୍ଲକ୍ କାର୍ଯ୍ୟାଳୟଠାରୁ ସଚିବାଳୟ ଯାଏ ସବୁଠି ଚାଲିଛି ଭଣ୍ଡେଇବାର ଫିସାଦ ଓ ରୁଣ୍ଡେଇବାର ପ୍ରତିଯୋଗିତା। ଉତ୍କୋଚରୂପକ ଉତ୍‌ପ୍ରେରକ ବିନା ଅଫିସରେ ଇଞ୍ଚେ ବି ଘୁଞ୍ଚୁନି ଫାଇଲ୍। ୧୯୮୫ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ କହିଥିଲେ, ଜନକଲ୍ୟାଣକାରୀ ଯୋଜନାର ୧୫ପ୍ରତିଶତ ସଫଳତା ଲୋକଙ୍କ ପାଖରେ ପହଞ୍ଚୁଛି ଏବଂ ବାକି ୮୫ ପ୍ରତିଶତ ଯାଉଛି ବାଟମାରଣାରେ।

ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ୍ କଲାମ୍ କହିଥିଲେ, ଦୁର୍ନୀତିର ବିଲୋପ ପାଇଁ ସ୍ୱଚ୍ଛ ନେତା, ସଚ୍ଚୋଟ ଲୋକ ଓ ନିଷ୍ପାପର ଅଧିକାରୀ ଆବଶ୍ୟକ। ମାତ୍ର ଆମ ରାଜନୈତିକ ଦୃଶ୍ୟପଟରେ ଏବେ ଦେଖାଦେଇଛି ସ୍ୱଚ୍ଛ ନେତୃତ୍ୱର ମରୁଡ଼ି। ଦେଶର ମଙ୍ଗୁଆଳମାନେ ଯେଉଁଠି ଦୁର୍ନୀତିକୁ ନୀତିରେ ପରିଣତ କରିଦିଅନ୍ତି, ସେଠାରେ ଲୋକଙ୍କ ଶିରାଶୋଣିତରେ ବି ମିଶିଯାଏ ଦୁର୍ନୀତି ମାନସିକତା। ଏହି କାରଣରୁ ଆମ ଦେଶରେ ଲାଞ୍ଚ ନେଲାବାଲା ଯେତିକି ତତ୍ପର, ଦେଲାବାଲା ତା'ଠାରୁ ଅଧିକ ବ୍ୟାକୁଳ। ଲାଞ୍ଚ ଦେଇ କାମ ହାସଲ କରିବାକୁ ନିଜର ପାରିଲାପଣିଆ ବୋଲି ଭାବିନେଲେଣି ଲୋକେ। ତେଣୁ ଯିଏ ଲାଞ୍ଚ ନେଇ ଲୋକଙ୍କ ନ ହେବା କାମ କରିପାରିଲା ସିଏ ହେଲା ସଚ୍ଚା କର୍ମଚାରୀ। ତେଣିକି ଯିଏ ଅସତ୍ ଉପାୟରେ ଯେତେ ସମ୍ପତ୍ତି ଠୁଳ କରିବ ଯୋଗ୍ୟତାର ମାପକାଠିରେ ସିଏ ହେବ ସେତେ ଦକ୍ଷ ଓ କରିତ୍‌କର୍ମା। ଅନ୍ୟ ପକ୍ଷରେ ଯିଏ ଆପଣା ସଚ୍ଚୋଟପଣିଆକୁ ଗଣ୍ଠିଧନ କରି ବାଟ ଚାଲିଲା, ତାକୁ କିଏ ଓଲୁ କହିବ ତ କିଏ କହିବ ଅପାରଗ। ଏହି ଅପାରଗମାନଙ୍କ ଉପରେ ପଡ଼ିବ ସବୁଆଡୁ ମାଡ଼। ବାସ୍ତବରେ ଆମ ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରେ ଆମେ କେବଳ ଶଠ ତିଆରି କରୁଛୁ ଏବଂ ସେମାନଙ୍କୁ ପିନ୍ଧାଉଛୁ ସଚ୍ଚୋଟତାର ମୁକୁଟ। କର୍ପୋରେଟ୍ ଲୁଟ୍‌ର ବିଜ୍ଞାପିତ ପୁରୁଷମାନଙ୍କ ସ୍ୱାର୍ଥରେ କାମକରୁଥିବା ନେତାଙ୍କୁ ଫୁଲମାଳ ପିନ୍ଧାଉଛୁ ସଭାମଞ୍ଚରେ।

ଦେଶରୁ ଦୁର୍ନୀତି ହଟାଇବା ପାଇଁ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଆବଶ୍ୟକ କଠୋର କାର୍ଯ୍ୟାନୁଷ୍ଠାନ। ମାତ୍ର ଆମ ଦେଶରେ ଦୁର୍ନୀତିଖୋରଙ୍କୁ ଧରିବା ପାଇଁ ଦାୟିତ୍ୱ ନେଇଥିବା ବାବୁମାନେ ବି ସମାନ ରୋଗରେ ଆକ୍ରାନ୍ତ। ଗଲା କେତେମାସ ପୂର୍ବରୁ ସିବିଆଇର ତତ୍କାଳୀନ ଦୁଇ ଉଚ୍ଚପଦାଧିକାରୀ ପରସ୍ପରଙ୍କ ବିରୋଧରେ ଆଣିଥିବା ଲାଞ୍ଚ ଅଭିଯୋଗ ହିଁ ତା'ର ଏକ ଦୃଷ୍ଟାନ୍ତ। ଦେଶର ସବୁଠାରୁ ବଡ଼ ତଦନ୍ତକାରୀ ସଂସ୍ଥାର ଶୀର୍ଷ ସ୍ଥାନୀୟ ଅଧିକାରୀମାନେ ଯଦି ଦୁର୍ନୀତି ଅଭିଯୋଗରେ ଛନ୍ଦିହେବେ ତେବେ ତଦନ୍ତର ଚରିତ୍ର ଓ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହେବା ସ୍ୱାଭାବିକ। ଦୁର୍ନୀତିକୁ ନିର୍ମୂଳ କରିବା ପାଇଁ ନେତାମାନେ ଏଠି କେବଳ ବଡ଼ ବଡ଼ ଭାଷଣ ଦିଅନ୍ତି, ମାତ୍ର ଏ ଦିଗରେ ସରକାରୀ ସ୍ତରରେ ଆଦୌ ପ୍ରକାଶ ପାଏନି ତତ୍ପରତା। ସେଥିପାଇଁ ଦେଶରେ ଦୁର୍ନୀତି ଅଭିଯୋଗର ତଦନ୍ତ ପ୍ରକ୍ରିୟା ଭାରି ମନ୍ଥର ଓ ଶିଥିଳ। ବର୍ଷବର୍ଷ ତଦନ୍ତ ପରେ ବି ଧରା ପଡ଼ନ୍ତିନି ଚିଟ୍‌ଫଣ୍ଡ ଲୁଟେରା। ଭିଜିଲାନ୍ସ ହାତରେ ରଙ୍ଗାହାତ ଧରାପଡ଼ିଥିବା ଅନେକ ଲାଞ୍ଚୁଆ ଅଫିସର ବି ଆଇନର ଜାଲରୁ ଖସିଯାଆନ୍ତି ପର୍ଯ୍ୟାପ୍ତ ପ୍ରମାଣ ଅଭାବରୁ। କାରଣ ଏଠି ଦୋଷୀ ବିରୋଧରେ ପ୍ରମାଣ ଠୁଳ କରିବା ପରିବର୍ତ୍ତେ ତା'ପାଇଁ ଖସିଯିବାର ବାଟ ତିଆରି କରେ ତଦନ୍ତ ପ୍ରକ୍ରିୟା। ଏହାକୁ ଅନୁଭବ କରି ୨୦୧୧ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ କ୍ଷୋଭର ସହିତ କହିଥିଲେ ଏ ଦେଶରେ ୧୪୪ ଧାରା ଉଲ୍ଲଂଘନ କଲାମାତ୍ରେ ଲୋକଙ୍କୁ ଗୁଳି କରାଯାଉଛି, ଅଥଚ ବେଆଇନଭାବେ ବିପୁଳ କଳାଧନ ଠୁଳ କରିଥିବା ଲୋକେ ବୁଲୁଛନ୍ତି ଖୁଲମଖୁଲା। ଅର୍ଥାତ୍ ସରକାରୀ ପ୍ରୋତ୍ସାହନରେ ବଢୁଛି ଦୁର୍ନୀତିର ଦୈର୍ଘ୍ୟ ଓ ପ୍ରସ୍ଥ। ରାଷ୍ଟ୍ରର ବିକାଶ ପ୍ରକ୍ରିୟାକୁ ବାଟବଣା କରୁଥିବା ଏହି ଦୁର୍ନୀତିର ସ୍ୱରୂପକୁ ଦେଖିଲେ ମନେହେଉଛି ଏହା ସୀମାପାର ଆତଙ୍କବାଦଠାରୁ ଆହୁରି ଭୟଙ୍କର।

ବିଜୁପଟ୍ଟନାୟକ ନଗର, ଭଦ୍ରକ,
ମୋ–୯୪୩୮୮୫୫୦୮୮

# ବୋଉର ଶାଢ଼ି



ରୁଦ୍ର ପ୍ରସନ୍ନ ରଥ

ଓଡ଼ିଆ ଘରେ ଝିଅଟିଏ ବାହାହେଲା ବେଳେ ଶାଢ଼ିକୁ ବେଶ୍ ଗୁରୁତ୍ୱ ଦେଇଥାନ୍ତି। ଝିଅ କେଉଁ ଶାଢ଼ି ପିନ୍ଧି ମଣ୍ଡପ ଉପରକୁ ଯିବ, କେଉଁ ଶାଢ଼ି ପିନ୍ଧି ବେଦି ଉପରକୁ ଯିବ ଆଉ ଚତୁର୍ଥୀରେ କେଉଁ ଶାଢ଼ି ପିନ୍ଧିବ ତାକୁ ବାଛିବା ପାଇଁ ସାରା ଘର ଲୋକେ ଦିନରାତି ଏକାଠି କରିଦେଇଥାନ୍ତି। ଅନେକ ଝିଅଙ୍କର ତ ଶାଢ଼ି ସହ ପ୍ରାରମ୍ଭିକ ପରିଚୟ ଏହି ବାହାଘର ସମୟରେ ହୋଇଥାଏ। ଝିଅ କିପରି ଠିକ୍‌ଭାବରେ ଶାଢ଼ି ପିନ୍ଧିପାରିବ ସେନେଇ ସମସ୍ତେ ତାକୁ ଲାଗିପଡି ତାଲିମ୍ ଦେଇଥାନ୍ତି। ଆଉ ଝିଅର ଅଜାଣତରେ ସେ ନିଜେ ନିଜ ଶାଢ଼ି ସହ ଏକ ଭାବନାତ୍ମକ ସମ୍ପର୍କ ଯୋଡି ସାରିଥାଏ। ଶାଢ଼ି ସହ ଯୋଡିହୋଇଥିବା ସମ୍ପର୍କ ଝିଅଟିଏ ଜୁଇଯାଏ ନେଇଯାଇଥାଏ।

ଝିଅ ଶାଶୁଘରକୁ ଆସେ ଟ୍ରଙ୍କ ଭର୍ତ୍ତି ଶାଢ଼ିର ପସରା ନେଇ। ନୂଆ ନୂଆ ସରାଗରେ ଶାଢ଼ି ବି ବେଶ୍ କିଣାହୁଏ। ନୂଆବୋହୂ ଉପରେ ବି ଆଦରରେ ବନ୍ଧୁବାନ୍ଧବ ଶାଢ଼ି ବିଛେଇ ଦିଅନ୍ତି। ପୂଜାରେ ନୂଆ ପିନ୍ଧିବାର ବାହାନାରେ ବେଶ୍ କିଛି ନୂଆ କିଣାହୋଇଯାଏ। ଝିଅଟି ସମୟକ୍ରମେ ବୋଉ ଡାକ ଶୁଣିବା ଲୋଭରେ ମା' ହୋଇପଡ଼େ। ଆଉ ଥରେ ମା' ହେଲା ପରେ ଶାଢ଼ି ପ୍ରତି ନଜର ହଟିଯାଇ ସବୁ ଲୋଭ ପିଲାପାଖକୁ ପଳାଇ ଆସେ। ଆଉ ସ୍ତ୍ରୀରୁ ବୋଉ ପାଲଟିଥିବା ଝିଅଟିର ଶାଢ଼ି ଏବଂ ଶାଢ଼ିର ବ୍ୟବହାର ବଦଳିଯାଇଥାଏ।

ବୋଉର ଶାଢ଼ି ଆଉ ତା'ର ହୋଇ ରହେନାହିଁ। ପିଲାପିଲିଙ୍କ ପାଇଁ ଏହା ପାଲଟି ଯାଏ ବୋଉକୁ ଚିହ୍ନିବାର ପ୍ରଥମ ପରିଚୟପତ୍ର। ପିଲାକୁ ସର୍ଦ୍ଦି ହୋଇଥିଲେ ପ୍ରଥମେ ଖୋଜାପଡ଼େ ବୋଉ ଶାଢ଼ିର କାନି। ଗୋଡ ଖଣ୍ଡିଆ ହେଲେ କିମ୍ବା ଦେହରେ ମାଡ ବାଜି ଫୁଲିଗଲେ ବୋଉ ଶାଢ଼ିର କାନିରେ ପାଟି ପାଖରେ ଫୁ ଫୁ କରି କ୍ଷତ ପାଖରେ ଲଗାଇଦିଏ। ଆମକୁ ଆରମ ମିଳୁ ବା ନ ମିଳୁ ବୋଉ ଖୁସି ହୁଏ। ଶୀତଦିନ ବୋଉ କୋଳରେ ବସି ଯେଉଁ ଶାଢ଼ି ଆମକୁ ଉଷୁମ ଦିଏ ଖରାଦିନେ ସେଇ ଶାଢ଼ିର କାନି ଆମ ପାଇଁ ପଙ୍ଖା ପାଲଟିଯାଏ। ତାରି ପବନରେ ଆମେ ଶୋଇପଡୁ ଆଉ ଆମ ପାଖରେ ଆମ ବୋଉ ଶାଢ଼ିକୁ ମୁଣ୍ଡ ତଳେ ବୁଜୁଳା କରି ଶୋଇପଡ଼େ। ଆମେ ଅଜାଣତରେ ବୋଉର ପଣତକାନିକୁ ଭିଡି ଆଣିଥାଉ ଆମ ଉପରକୁ। ସେଇ ପଣତକାନି, ଯେଉଁଠି ବନ୍ଧା ହୋଇଥାଏ ଘରର ନେଣ୍ଟାଏ ଚାବିକାଠି କିମ୍ବା ପୁଳାଏ ପାନ।

ଖାଇସାରିଲା ପରେ ହାତ ପୋଛିବାକୁ କେହି ତଉଲିଆ ଖୋଜେନି। ବୋଉ ଶାଢ଼ିର କାନି ହିଁ ଯଥେଷ୍ଟ। ବାହାରୁ ଗଣ୍ଡଗୋଳ କରି ଆସିଲେ କିମ୍ବା ବାପାଙ୍କଠାରୁ ମାଡ଼ ଖାଇବାର ଆଶଙ୍କା ଥିଲେ ବୋଉ ଶାଢ଼ିର ଦି ହାତିଆ କାନି ହିଁ ବନିଯାଏ ଆମ ପାଇଁ ଢାଲ। ଯଦି କେବେ ପାଖରେ ବୋଉ ନ ଥାଏ ବା ବାହାରକୁ ଯାଇଥାଏ ବୋଉ ଶାଢ଼ିର ବାସ୍ନା ହିଁ ତାହାର ଉପସ୍ଥିତି ଜାହିର କରୁଥାଏ। ବୋଉର ଶାଢ଼ି କହୁଥାଏ ଜମାରୁ ଦୁଷ୍ଟାମି କରନି, ମୁଁ ଏଇଠି ଅଛି ସବୁ ଦେଖୁଛି। ବୋଉର ଅନୁପସ୍ଥିତିରେ ବୋଉ ଶାଢ଼ିରେ ହାତ ବୁଲାଇ ଆଣିଲେ ବୋଉ ଖୁବ୍ ପାଖରେ ଥିବା ପରି ମନେହୁଏ। ଆମେ ଆଉ ଆମ ବୋଉ ଭିତରେ ବୋଉର ଶାଢ଼ି ହିଁ ଗୋଟିଏ ଚମତ୍କାର ବନ୍ଧ ବାନ୍ଧିଦେଇଥାଏ, ଯାହାକୁ ଡେଇଁଯିବା ଅସମ୍ଭବ।

ବୋଉ ବୁଢ଼ୀ ହୁଏ, ଶାଢ଼ି ବି ପୁରୁଣା ହୁଏ। ବୋଉର ଶାଢ଼ିରୁ ପୁଣି ତିଆରି ହୁଏ କନ୍ଥା। ବୋଉର ଶାଢ଼ି କନ୍ଥା ହେଲା ବେଳକୁ ବେଳେ ବେଳେ ବୋଉ ଚାଲିଯାଇଥାଏ ଆରପାରିକୁ। ଅଥଚ ରଙ୍ଗଛଡା ସେ ଶାଢ଼ିରେ ତିଆରି କନ୍ଥାରେ ଶୋଇପଡିଲେ ବୋଉର ଆଶିଷ ସବୁ ଦେହରେ ବୋଳିହେଲା ପରି ଲାଗେ। ବୋଉ ଚାଲିଯାଇଥାଏ ସତ, ଆମ ପାଇଁ ଛାଡିଯାଇଥିବା ସେ ଶାଢ଼ିତକ ଆମ ଘରର ତଥାପି ଅମୂଲ୍ୟ ସମ୍ପଦ ପାଲଟି ରହିଥାନ୍ତି। କେତେବେଳେ ବୋଉର ଶାଢ଼ିରେ ଗଣ୍ଠିଲି ହୋଇ ଆମ ଘରର ପୁରୁଣା ଲୁଗାପଟା ସବୁ ରଖାଯାଏ ତ ଆଉ କେତେବେଳେ ସେଥିରେ ଦୋଳି ତିଆରି ହୁଏ। କାମକୁ ଯାଉଥିବା ଅନେକ ଲୋକ ତ ଏମିତି ଦୋଳିଟେ ଗଛରେ ବାନ୍ଧି ଦେଇ ନିଜ ପିଲାଙ୍କୁ ସେଥିରେ ଶୁଆଇ ଦେଇ ମନ ଖୁସିରେ କାମରେ ଲାଗିଯାଆନ୍ତି। ବୋଉ ବିଧବା ହେଲେ ଧଳା ଶାଢ଼ି ପିନ୍ଧେ। ଶାଢ଼ିର ରଙ୍ଗ ବଦଳେ ସିନା ତା' କାମ କରିବାରୁ ସେ କେବେ ବିରତ ହୁଏନାହିଁ। ସେ ଶାଢ଼ିରୁ ବି କନା ଆସି ପିଠାହାଣ୍ଡିରେ ଲାଗେ। ଅଥାରହାଣ୍ଡିରେ ଏଣ୍ଠୁରି ହୁଏ। ଆଉ ଧଡି ଚିରାହୋଇ ବଳା ହୋଇ ସଳିତା ହୁଏ।

ବୋଉ ପାଇଁ ଶାଢ଼ି ଖଣ୍ଡେ କିଣିପାରିବା ସବୁ ରୋଜଗାରିଆ ପୁଅର ସ୍ୱପ୍ନ ଥାଏ। ଜୀବନର ପ୍ରଥମ ଦରମାରୁ ବୋଉକୁ ଶାଢ଼ି ଖଣ୍ଡେ କିଣିଦେଲେ ଅନେକଙ୍କୁ ପୁରୁଷପଣିଆ ସାର୍ଥକ ହେଲାପରି ଲାଗେ। ଅବଶ୍ୟ ସେତେବେଳକୁ ବୋଉର ଶାଢ଼ି ପିନ୍ଧିବା ସରାଗ ମରିଯାଇଥାଏ, ତଥାପି ପୁଅ ପାଖରୁ ଶାଢ଼ି ଖଣ୍ଡେ ପାଇଥିଲେ ଗାଁ ଲୋକଙ୍କୁ ଡାକି ଡାକି କହି ହେଉଥାଏ। ପୁଅର ଅନୁପସ୍ଥିତିରେ ପୁଅ ଉପରେ ସେ ସବୁଯାକ ସରାଗ ଢାଳିଦେଉଥାଏ। ବୋଉ ବୁଢୀ ହେଲେ ଗାଁରେ ପଡି ରହେ। ସହରରେ ପୁଅ ଘରେ ଜାଗା ଥିଲେ ବି ରହିବା ପାଇଁ ପୁଅ ହୃଦୟରେ ଆଉ ଜାଗା ନ ଥାଏ। ବୋଉର ଲୁଗା ସାତସିଆଁ ହୁଏ। ତଥାପି ବୋଉ ମୁହଁ ଖୋଲିପାରେନି।

ଝିଅରୁ ବୋହୂ, ବୋହୂରୁ ବୋଉ ଆଉ ବୋଉରୁ ବୁଢ଼ୀମା ପାଲଟିଥିବା ସେ ଲୋକଟି ଦିନେ ଆମ ସମସ୍ତଙ୍କୁ ଛାଡି ଚାଲିଯାଏ। ସେ ଆଣିଥିବା ସବୁ ଲୁଗା ପ୍ରାୟ ସରି ଆସିଥାଏ। ଆଉ ଯାହା ଖଣ୍ଡେ ଅଧେ ବଳିଥାଏ ସେ ବି ବୁଢ଼ୀ ସହ ମଶାଣିକୁ ଯାଏ। ବୁଢ଼ୀ ମରିଯାଏ ସତ କିନ୍ତୁ ଆମଠାରୁ ଆମ ବୋଉର ଶାଢ଼ିକୁ ଛଡେଇ ନେଇପାରେ ନାହିଁ। ସେ ମଲା ପରେ ବି ତା ଶାଢ଼ି ଆମ ସହିତ ଆମ ଅବଶିଷ୍ଟ ଜୀବନର ସୁଖଦୁଃଖର ସାଥୀ ହୋଇଥାଏ।

ଧବଳଗିରି, ଯାଜପୁରରୋଡ୍,
ମୋ–୭୯୭୮୬୭୧୭୭୬

## ଏଇ ଭାରତରେ

ଅଫିସ ଯିବାକୁ ଛାଡୁ ନ ଥିବା ପୁଅର ଭାବାନାତ୍ମକ ଭିଡିଓ ଶେୟାର କରିଛନ୍ତି ଜଣେ ପିତା ତଥା ଆଇପିଏସ୍ ଅଫିସର। କର୍ତ୍ତବ୍ୟ ଆଗରେ ସ୍ନେହମମତା ତୁଚ୍ଛ। ଏବେ ଏଭଳି ଏକ ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ ହୋଇଛି। ଏହା କରିଛନ୍ତି ଓଡ଼ିଶାର ସିଆଇଡି କ୍ରାଇମ୍ ବ୍ରାଞ୍ଚ୍ ମହାନିରୀକ୍ଷକ ଅରୁଣ ବୋଥ୍ରା। ଏଥିରେ ପିଲାଟି ପିତାଙ୍କ ଗୋଡ଼କୁ ଛନ୍ଦି ଅଫିସ ଯିବାକୁ ଦେଉନି। ପିତା ଶୀଘ୍ର ଆସିବା ପାଇଁ କହୁଥିଲେ ମଧ୍ୟ ପିଲାଟି ରାହାଧରି କାନ୍ଦୁଛି। ଏହା ଦେଖଣାହାରୀଙ୍କୁ ବେଶ୍ ଭାବପ୍ରବଣ କରୁଛି। ପ୍ରାୟ ୧ ମିନିଟ୍ ୨୫ ସେକେଣ୍ଡର ଏହି ଭିଡିଓ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ଅରୁଣ ଲେଖିଛନ୍ତି ପୋଲିସ ପଦବୀରେ ଥିଲେ ବି ଏଭଳି ଘଟଣା ଅତି ସମ୍ବେଦନଶୀଳ। ପରିବାରକୁ ପଛରେ ପକାଇ ସେମାନେ କର୍ତ୍ତବ୍ୟକୁ ଗୁରୁତ୍ୱ ଦେଇଥାଆନ୍ତି। ଏହା କେବଳ ଜଣେ ପୋଲିସ କର୍ମଚାରୀ ନୁହେଁ, ସବୁ କର୍ମଜୀବୀ ମହିଳା ଓ ପୁରୁଷ ମର୍ମେ ମର୍ମେ ଅନୁଭବ କରନ୍ତି ବୋଲି ସେ କହିଛନ୍ତି।

### ଚିରନ୍ତନୀ

ମୁକତି ବନ୍ଧନ ଦୁଃଖ ସୁଖ ଯେତେ ହାୟ
ଆସେ ଯାଏ ନିତି ସେ ଯେ ଦିବା ରାତ୍ରି ପ୍ରାୟ
ସମୟର ସ୍ରୋତ ସମ
ଜୀବନର ଶିଖା ମମ
ସବୁରି ଉପରେ ଜାଳି ତଡିବ ଅନ୍ୟାୟ
ଆରମ୍ଭିବି ଜୀବନର ନବୀନ ଅଧ୍ୟାୟ।
(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୩୦ ଏପ୍ରିଲ ୧୯୯୪

- ପରସ୍ପର ବିରୋଧରେ କୌଣସି ସାମରିକ ବା ରାଜନୈତିକ ପଦକ୍ଷେପ ଗ୍ରହଣ ନ କରିବା ତଥା ପରସ୍ପର ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗ କରିବା ପାଇଁ ଚାଇନା ଓ ମଙ୍ଗୋଲିଆ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଭାରତ ମହାସାଗର ମଧ୍ୟରେ ଥିବା କେନିଆର ମୋମବାସା ବନ୍ଦରରେ ଏକ ନୌକା ବୁଡିଯିବା ଫଳରେ ୭୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତୀୟ ଓ ଜାପାନୀଙ୍କ ଜାତୀୟ ଚରିତ୍ର

ମହାଶୟ,

ଗତବର୍ଷ ଜୁଲାଇରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ସଂସଦକୁ ଜଣାଇଥିଲେ ଯେ, ୨୦୧୪ରୁ ୨୦୧୬ ମଧ୍ୟରେ ଭାରତରେ ୧,୧୦,୩୩୩ଟି ବଳାତ୍କାର ଘଟଣା ଘଟିଛି। ତିନିଚାରି ବର୍ଷର ଶିଶୁକନ୍ୟାଙ୍କଠାରୁ ଆରମ୍ଭକରି ୬୦ ବର୍ଷର ମହିଳା ମଧ୍ୟ ଏହି ବଳାତ୍କାର ବା ଗଣବଳାତ୍କାରର ଶିକାର ହୋଇଥାନ୍ତି। ଓଡ଼ିଶା ମଧ୍ୟ ଏଥିରେ ପଛରେ ପଡ଼ିନାହିଁ। ପୂର୍ବରୁ ମିଳିଥିବା ତଥ୍ୟ ଅନୁସାରେ ଓଡ଼ିଶାରେ ଦିନକୁ ହାରାହାରି ୬ଜଣ ବଳାତ୍କାରର ଶିକାର ହୋଇଥାନ୍ତି। ଆଶ୍ଚର୍ଯ୍ୟର କଥା ଯେ, ଜାପାନ ଏପରି ଗୋଟିଏ ଦେଶ ଯେଉଁଠାରେ ଗୋଟିଏ ବଳାତ୍କାର ଘଟଣା ୧୯୯୭ରେ ଘଟିଥିଲା। ଏହାପରେ ସେଠାରେ ଏପରି ଘଟଣା ଘଟିନାହିଁ। ଜାପାନୀଙ୍କ ଜାତୀୟ ଚରିତ୍ର କିପରି ଅମଳିନ ଓ ନିଷ୍କଳଙ୍କ ଏଥିରୁ ସ୍ପଷ୍ଟ ସୂଚନା ମିଳେ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ମହିଳା ସଶକ୍ତୀକରଣର ଭିନ୍ନ ନମୁନା

ଧରିତ୍ରୀ (୨୯।୩)ରେ ରାଜଗାଙ୍ଗପୁର ଆର୍‌ଆଇ ମାନସୀ ସାହୁ ୮ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡି ଗିରଫ ହେବା ଖବର ପ୍ରକାଶ ପାଇଛି। ମହିଳାଙ୍କ ଶିକ୍ଷାଦୀକ୍ଷା ଯୋଗୁ ସମାଜରେ ସେମାନଙ୍କୁ ପୁରୁଷଙ୍କ ସମକକ୍ଷ ହେବା ପାଇଁ ସରକାର ବହୁବିଧ ସୁବିଧାସୁଯୋଗର ବ୍ୟବସ୍ଥା କରିଛନ୍ତି। ନାରୀ ସଶକ୍ତୀକରଣ ପାଇଁ ମଧ୍ୟ ବହୁ ନାରୀ ସଂଗଠନ ସଭାସମିତି କରି ଜନଜାଗରଣ ସୃଷ୍ଟି କରୁଛନ୍ତି। ରାଜନୀତି, ଚାକିରି ଓ ଶିକ୍ଷା ଅନୁଷ୍ଠାନ ଆଦିରେ ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାହେଉଛି। ତେବେ ଚାକିରି ଖଣ୍ଡେ ମିଳିଯିବା ପରେ ଦୁର୍ନୀତିଗ୍ରସ୍ତ ପୁରୁଷ କର୍ମଚାରୀମାନଙ୍କ ପରି ମହିଳାମାନେ ଲାଞ୍ଚ ନେବାର ମାନସିକତା ଆଦୌ ଗ୍ରହଣୀୟ ନୁହେଁ। ଜଣେ ଜନଜାତିର ବ୍ୟକ୍ତିଙ୍କଠାରୁ ଦାଖଲ ଖାରଜ ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ ହେବା କଥା ଭାବି ହେଉନାହିଁ। ଏବେ ଜେଲ ଯିବେ, ଚାକିରିରୁ ନିଲମ୍ବନ ଓ କାର୍ଯ୍ୟାନୁଷ୍ଠାନ ହେବ। ଏମାନଙ୍କୁ ଭଗବାନ୍ ସଦ୍‌ବୁଦ୍ଧି ଦିଅନ୍ତୁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ଢେଙ୍କାନାଳ ଅଫିସ,୨୯।୪:** ଢେଙ୍କାନାଳ ସଦର ଥାନା ଅଞ୍ଚଳର ଯୁକ୍ତ ୨ ପଢୁଥିବା ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ରବିବାର ରାତିରେ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଘର ନିକଟରୁ ୩ ଜଣ ଯୁବକ ତାଙ୍କୁ ଏକ କାର୍‌ରେ ଅପହରଣ କରି ନେଇଯାଇଛନ୍ତି। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୬୪/୧୯ରେ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ମଳୟ କୁମାର ନାୟକ ସୂଚନା ଦେଇଛନ୍ତି ।

### କଲେଜ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା



**ପରଜଙ୍ଗ, ୨୯।୪(ଡି.ଏନ.ଏ.):** ପରଜଙ୍ଗ କଲେଜ ଅଧକ୍ଷ ତଥା ଓଡ଼ିଆ ବିଭାଗ ପ୍ରାଧାପକ ଡ. ସୁନୀଲ କୁମାର ରଥଙ୍କୁ ସୋମବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ବିଭାଗୀୟ ମୁଖ୍ୟ ଅଧାପକ ପ୍ରସନ୍ନ କୁମାର ସାହୁ ଉପସ୍ଥିତ ରହି ବିଦାୟୀ ଅଧକ୍ଷଙ୍କ ସହ କାଟିଥିବା ୨୫ବର୍ଷର କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଡ. ସୁନୀଲ କୁମାର ରଥଙ୍କ ସମୟରେ କଲେଜରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ଜଣେ ଛାତ୍ରବତ୍ସଳ ଏବଂ ସମୟାନୁବର୍ତ୍ତୀ ପ୍ରାଧାପକ ଭାବେ ତାଙ୍କର କୃତିତ୍ୱ ପ୍ରଶଂସନୀୟ ବୋଲି ମତପ୍ରକାଶ ପାଇଥିଲା। ଇଂଲିଶ ବିଭାଗ ବରିଷ୍ଠ ଅଧାପକ ପ୍ରବୋଧ କୁମାର ରଥ, ରାଜନୀତି ବିଜ୍ଞାନ ପ୍ରାଧାପକ ନିହାର ରଞ୍ଜନ ସାହୁ, ଅଧାପକ ଅଞ୍ଜନ କୁମାର ମହାରଣା, ଅଧାପିକା ପ୍ରାଚୀପ୍ରଭା ସାମନ୍ତ ପ୍ରମୁଖ ତାଙ୍କର ନିରାମୟ ଅବସର ଜୀବନର କାମନା କରିଥିଲେ।

### ଷ୍ଟ୍ରଙ୍ଗ୍ ରୁମ୍ ଦେଖିଲେ ଭାଜପା ପ୍ରାର୍ଥୀ

**ପାଲଲହଡ଼ା,୨୯।୪(ଡି.ଏନ.ଏ):** ପାଲଲହଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଅଶୋକ ମହାନ୍ତି ସୋମବାର ଇଭିଏମ ଥିବା ଷ୍ଟ୍ରଙ୍ଗ ରୁମ ପରିଦର୍ଶନ କରିଛନ୍ତି। ପାଲଲହଡ଼ା ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଅଜିତ କୁମାର ପ୍ରଧାନ ସୁରକ୍ଷା ବ୍ୟବସ୍ଥା ବୁଲାଇ ଦେଖାଇଥିଲେ। ଅନ୍ୟମାନଙ୍କ ମଧରେ ଜିଲାପରିଷଦ ସଭ୍ୟ ସରୋଜ କୁମାର ସାହୁ, ତନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜଗୁଆଳିଙ୍କୁ ଦଳିଦେଲା ଦନ୍ତା



**ପରଜଙ୍ଗ, ୨୯।୪(ଡି.ଏନ.ଏ.)**

■ ୩ ଦିନରେ ଦ୍ୱିତୀୟ ଘଟଣା

■ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ: ରେଞ୍ଜର

ଢେଙ୍କାନାଳ ଜିଲା ହାତୀ ଆକ୍ରମଣଜନିତ ମୃତ୍ୟୁ ତାଲିକାରେ ଆଉ ଏକ ଅଙ୍କ ଯୋଡ଼ିହୋଇଛି। ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ କୁମୁସି କାଜୁଜଙ୍ଗଲରେ ସୋମବାର ଭୋର ୪ଟାରେ ଦନ୍ତାହାତୀ ଆକ୍ରମଣରେ ଜଗୁଆଳିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତୁମୁସିଂହା ଥାନା ସୋଗର ଗ୍ରାମର ନରୋତ୍ତମ ଦେହୁରୀ। ଗତ ୩ଦିନ ମଧରେ ଏହା ହେଉଛି ଦ୍ୱିତୀୟ ଘଟଣା।

ଉକ୍ତ କାଜୁ ବଗିଚାକୁ ଶ୍ରୀକାନ୍ତ ସାହୁ ନିଲାମ ନେଇଛନ୍ତି। ସେଠାରେ ଅନେକ ଶ୍ରମିକ କାମ କରୁଛନ୍ତି। ଭୋର୍ ସମୟରେ ନରୋତ୍ତମ ଏବଂ ଅନ୍ୟ ଜଣେ ଶ୍ରମିକ ସତ୍ୟ ଦେହୁରୀ ପରିସ୍ରା କରିବାକୁ ଉଠିଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଦୁହେଁ କିଛି ବୁଝିବା ପୂର୍ବରୁ ହାତୀ ନରୋତ୍ତମଙ୍କୁ ଶୁଣ୍ଢରେ ଟେକି ନେଇ ଦଳି ଦେଇଥିଲା। ସତ୍ୟଙ୍କ ପାଟି ଶୁଣି ଅନ୍ୟ ଶ୍ରମିକମାନେ ରୁଣ୍ଡ ହୋଇଯିବାରୁ ହାତୀ ପଳାଇଥିଲା।

ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସାଆନ୍ଦା ଫାଣ୍ଡି ଅଧିକାରୀ ସୁରେଶ ମହାପାତ୍ର, ରେଞ୍ଜର ହରମୋହନ ନାୟକ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତକଙ୍କ ଝିଅ କାମିନି ବେହେରାଙ୍କ ଅଭିଯୋଗକ୍ରମେ ପରଜଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବନ ବିଭାଗ ତରଫରୁ ପ୍ରାଥମିକ ପର୍ଯ୍ୟାୟରେ ୪୦ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ରେଞ୍ଜର କହିଛନ୍ତି।

ସୂଚନାଯୋଗ୍ୟ, ଭାପୁର ଫାଣ୍ଡି ଅଧୀନ ଓସ୍ତପାଳଗ୍ରାମର ବେଣୁଧର ନାଏକ (୫୫) ଗତ ଶନିବାର କାଜୁ ତୋଳିବାକୁ ଯାଇଥିବାବେଳେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିଲେ।

## କାଜୁ ବଗିଚାରେ ଅସୁରକ୍ଷିତ ଶ୍ରମିକ

ଉନ୍ନତମାନର କାଜୁ ଉତ୍ପାଦନ ପାଇଁ ଢେଙ୍କାନାଳ ସୁନାମ ଅର୍ଜନ କରିଛି। ବିଶେଷ କରି ସଦର ବ୍ଲକ, ଭାପୁର, ହିନ୍ଦୋଳ, ରାସୋଳ, ପରଜଙ୍ଗ, କାମାକ୍ଷାନଗର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ କାଜୁ ବଗିଚା ରହିଛି। ଉକ୍ତ ବଗିଚାଗୁଡ଼ିକରେ ଶତାଧିକ ଶ୍ରମିକ କାମ କରୁଛନ୍ତି। ହେଲେ କାଜୁବଗିଚା ଲିଜ୍ ନେଉଥିବା ମାଲିକମାନେ ସେମାନଙ୍କ ସୁରକ୍ଷା ଲାଗି ସାମାନ୍ୟତମ ଧ୍ୟାନ ଦେଉନାହାନ୍ତି। ଅନ୍ୟପଟେ ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଏଥିରୁ ରକ୍ଷା ପାଇବାକୁ ହାତୀମାନେ କାଜୁ ବଗିଚାରେ ଦଳବଦ୍ଧ ହୋଇ ରହୁଛନ୍ତି। ଅନେକ ସମୟରେ ଶ୍ରମିକମାନେ ବଗିଚାରେ କାମ କରୁଥିବାବେଳେ ହାତୀ ସହ ମୁହାଁମୁହିଁ ହୋଇ ପ୍ରାଣ ହରାଉଛନ୍ତି। ରୋଜଗାରର ଅନ୍ୟ ପନ୍ଥା ନ ଥିବାରୁ ଶ୍ରମିକମାନେ ବିପଦସଙ୍କୁଳ ଅବସ୍ଥାରେ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି। କାଜୁ ବଗିଚାରେ ନିୟୋଜିତ ଶ୍ରମିକ ଅସୁରକ୍ଷିତ ଭାବେ କାମ କରୁଥିବାବେଳେ ବନ ବିଭାଗ ଏବଂ ବଗିଚା ଲିଜ୍‌ଧାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ହାତୀ ଉପଦ୍ରବ ନିତିଦିନିଆ

ମହାବିରୋଡ଼ ରେଞ୍ଜରେ ହାତୀ ଉପଦ୍ରବ ନିତିଦିନିଆ ହେଲାଣି। ଜଙ୍ଗଲରେ ଖାଦ୍ୟ, ପାଣିର ଅଭାବ ହାତୀଙ୍କୁ ଜନବସତି ମୁହାଁ କରୁଛି। ସୀମିତ ବନ କର୍ମଚାରୀ ଦିନରାତି ହାତୀ ଘଉଡ଼ାଇବା କାର୍ଯ୍ୟରେ ନିୟୋଜିତ ଥିଲେ ମଧ ଏହା ପ୍ରଭାବହୀନ ହୋଇପଡୁଛି। ଦଳବଦ୍ଧ ଭାବେ ରହୁଥିବା ହାତୀପଲ ଏକା ସମୟରେ ବିଭିନ୍ନ ସ୍ଥାନରେ ଉପଦ୍ରବ କରୁଛନ୍ତି, ଯାହା ବନ କର୍ମଚାରୀଙ୍କ ଚିନ୍ତା ବଢ଼ାଇଛି। ହାତୀପଲ ଉପସ୍ଥିତି ସମ୍ପର୍କରେ ସୂଚନା ଦେବାସତ୍ତ୍ୱେ ଅଧିକାରୀମାନେ ଫୋନ୍ ଉଠାଉ ନ ଥିବା ଅଭିଯୋଗ ମଧ ହେଉଛି। ଏହାକୁ ନେଇ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ପ୍ରତିକାର କରିବା ସହ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ ଜିଲା ବନଖଣ୍ଡ ଅଧିକାରୀ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

ଏ ନେଇ ଫରେଷ୍ଟର ରାମଚନ୍ଦ୍ର ରାଉତ କୁହନ୍ତି, ହାତୀଙ୍କୁ ଘଉଡ଼ାଇବା ସମୟରେ ହୁଏତ କେତେବେଳେ ଫୋନ ଉଠାଇବାରେ ସମସ୍ୟା ହୋଇଥାଇପାରେ। ଏହାକୁ ନେଇ ଲୋକମାନେ ଅଭିଯୋଗ କରୁଛନ୍ତି। ହାତୀଙ୍କୁ ଘଉଡ଼ାଇବାରେ ବନ ବିଭାଗ ପକ୍ଷରୁ ସମସ୍ତ ଉଦ୍ୟମ କରାଯାଉଛି। କର୍ମଚାରୀ କମ୍ ଥିବାରୁ ସମସ୍ୟା ହେଉଥିବା ସେ କହିଛନ୍ତି।

■ ନବୋଦୟ ବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବ

# ‘ଶିକ୍ଷାକୁ ନିଷ୍ଠା ଭାବେ ଗ୍ରହଣ କର’



ଜଣେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ପରଜଙ୍ଗ, ୨୯।୪(ଡି.ଏନ.ଏ.)**

ସକାଳର ଫୁଲ ଜାଣି ନ ଥାଏ ସେ ପୂଜା ପାଇଁ ଠାକୁରଙ୍କ ପାଖକୁ ଯିବ, କି ମଶାଣିକୁ ଯିବ। ଫୁଲର ଗୁଣ, ବାସ ଲାଗି ସମସ୍ତେ ତାକୁ ଆଦର କରିଥାନ୍ତି। ସେହିପରି ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ହେଉଛି ଆଲୋକବର୍ତ୍ତିକା। ଶିକ୍ଷାକୁ ନିଷ୍ଠା ଭାବେ ଗ୍ରହଣ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ କୌଣସି ସମସ୍ୟା ହେବନାହିଁ ବୋଲି କହିଛନ୍ତି ପରଜଙ୍ଗ ତହସିଲଦାର ଜୟନ୍ତ କୁମାର ଜୟସିଂ। ସରାଙ୍ଗସ୍ଥିତ ନବୋଦୟ ବିଦ୍ୟାଳୟ ପରିସରରେ ସୋମବାର ଆୟୋଜିତ ୩୩ତମ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏପରି ସାରଗର୍ଭକ ବକ୍ତବ୍ୟ ରଖିଥିଲେ।

ସ୍କୁଲ ଅଧକ୍ଷ ନୃସିଂହ ଚରଣ କରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଢେଙ୍କାନାଳ କଲେଜର ସହକାରୀ ପ୍ରଫେସର ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଥର୍ମାଲ ଡିଏଭି ସ୍କୁଲ ଅଧକ୍ଷ ନିଶିକାନ୍ତ କର, ସାଉଥବଲଣ୍ଡାସ୍ଥିତ ନିଗମାନନ୍ଦ ପବ୍ଲିକ ସ୍କୁଲର ମ୍ୟାନେଜର ମନୋରଞ୍ଜନ ଗଡ଼ନାୟକ ପ୍ରମୁଖ ମଞ୍ଚାସୀନ ରହି ପିଲାମାନଙ୍କ ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୮୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ ଉପାଧକ୍ଷା ପ୍ରତିମା ମିଶ୍ର ଧନ୍ୟବାଦ ଦେଇଥିଲେ ।

ପଦ୍ମନାଭ ପାଢ଼ୀ, କୌଶିକ ମୁଖାର୍ଜୀ, ସମୀର କୁମାର ସିଂ, ମଧୁସ୍ମିତା ମିଶ୍ର, ମମତା ମହାରଣା, ରାଜେନ୍ଦ୍ର ବେହେରା, କସ୍ତୁରୀବାଳା ମହାରଣା, ମୀନକେତନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ସୌଭାଗ୍ୟ ଯୋଜନା ବାଟବଣା

# ସଂଯୋଗ ନ ଥାଇ ଆସୁଛି ବିଦ୍ୟୁତ୍ ବିଲ୍

**ଢେଙ୍କାନାଳ ଅଫିସ, ୨୯।୪**



ଢେଙ୍କାନାଳ ଜିଲାରେ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟକ୍ରମ ସମୀକ୍ଷା ହେଉନାହିଁ। ବିଦ୍ୟୁତ୍ ସଂଯୋଗ ନ ଥାଇ ପ୍ରତିମାସରେ ବିଲ୍ ଆସୁଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଓଡ଼ାପଡ଼ା ବ୍ଲକ ସିମିନଈ ଗ୍ରାମର ସୌଭାଗ୍ୟ ଯୋଜନା ହିତାଧିକାରୀ ହେଉଛନ୍ତି ସାବିତ୍ରୀ ସିଂ। ରବୀନ୍ଦ୍ର ସିଂଙ୍କ ସ୍ତ୍ରୀ ସାବିତ୍ରୀ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରି ଯୋଗ୍ୟତା ଅର୍ଜନ କରିଥିଲେ। ଦୀର୍ଘଦିନ ହେଲା ତାଙ୍କ ଘର ସମ୍ମୁଖରେ ବିଦ୍ୟୁତ୍ ଖୁଣ୍ଟ ପଡ଼ିଛି। ହେଲେ ବିଦ୍ୟୁତ୍ ସଂଯୋଗ ମିଳିନାହିଁ। ଅନ୍ୟପଟେ ମାସକୁ ମାସ ବିଦ୍ୟୁତ୍ ବିଲ୍ ସମ୍ପର୍କିତ ରସିଦ ଆସିବାରେ ଲାଗିଛି। ଏ ନେଇ ସୋମବାର ସାବିତ୍ରୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ସେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଏ ସଂକ୍ରାନ୍ତରେ ସେସୁ ନିର୍ବାହୀଯନ୍ତ୍ରୀ ସ୍ୱପ୍ନସରିତ ମିଶ୍ର କୁହନ୍ତି, ଏ ନେଇ ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ହୋଇନାହିଁ। ଏହାର ଅନୁଧାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

## ମଧୁବାବୁଙ୍କ ଜୀବନୀ ଉପରେ ଆଲୋଚନା

**ଅନୁଗୋଳ ଅଫିସ, ୨୯।୪**

ଅନୁଗୋଳ ଜିଲା ଟାକ୍ସ ବାର୍ ଆସୋସିଏସନ ହଲରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବାର ସଦସ୍ୟ ପ୍ରଶାନ୍ତ ବେହେରାଙ୍କ ସ୍ତ୍ରୀଙ୍କ ବିୟୋଗରେ ଶୋକପ୍ରାର୍ଥନା କରାଯାଇଥିଲା। ସଭାପତି ଶଙ୍କରଲାଲ ଝୁନଝୁନ୍‌ୱାଲା, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦେହୁରୀ, ଉପସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ, କୋଷାଧକ୍ଷ ଦୋଳଗୋବିନ୍ଦ ବେହେରାଙ୍କ ସମେତ ବାର୍ ସଦସ୍ୟମାନେ ଉପସ୍ଥିତ ରହି ମଧୁବାବୁଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଯୁବ ଆଇନଜୀବୀମାନେ ମଧୁସୂଦନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବାରେ ମନୋନିବେଶ କରିବାକୁ ମତ ପ୍ରକାଶ ପାଇଥିଲା।

■ ଜିଲା କାରାଗାରରେ ଆଇନ ସଚେତନତା ଶିବିର

# ମାମଲା ଶୀଘ୍ର ଫଇସଲା କରିବା ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୨୯।୪**





ଶିବିରରେ ମଞ୍ଚାସୀନ ଅତିଥିଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସୋମବାର ଜିଲା କାରାଗାର ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧକ୍ଷ ଗଜେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିବେକ ସାସ୍‌ମଲ, ସୋନାଲି ଅପରାଜିତା ପ୍ରମୁଖ ଯୋଗଦେଇ କାରାଗାର ଅନ୍ତେବାସୀଙ୍କ ଲାଗି ରହିଥିବା ଆଇନଗତ ସୁବିଧାସୁଯୋଗ, ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ। ମାମଲାଗୁଡ଼ିକ ଯେପରି ଶୀଘ୍ର ଫଇସଲା ହୋଇପାରିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା।

ଅନ୍ୟତମ ଅତିଥି ଭାବେ ସିଭିଲ ଜଜ୍ ଅନ୍ ପ୍ରୋବେଶନ ମୈତ୍ରୀ ସାମନ୍ତରାୟ, ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ, ଜିଲା କାରାଗାର ଅଧିକାରୀ ବୀରେନ ସାହୁ, ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ପବ୍ଲିକ ପ୍ରସିକ୍ୟୁଟର ଗଣେଶ୍ୱର ବେହେରା, ଅତିରିକ୍ତ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଯୁଗଳ କିଶୋର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସାମାଜିକକର୍ମୀ ଶାନ୍ତିଲତା ମିଶ୍ର, ଭାରତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଆଇନଗତ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସରକାରୀ କାରାଗାର ଅଧିକାରୀ ସୋମାରାଣୀ ପ୍ରଧାନ, ପାରାଲିଗାଲ ଭଲ୍ୟୁଣ୍ଟିୟର ବଶିଷ୍ଠ ବରାଳ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଲେଖକ ସଂସଦର ସାରସ୍ୱତ ମହୋତ୍ସବ

**ଢେଙ୍କାନାଳ ଅଫିସ, ୨୯।୪**

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଢେଙ୍କାନାଳ ଜିଲା ଲେଖକ ସଂସଦ ପକ୍ଷରୁ ରବିବାର ସାରସ୍ୱତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବିଚାରପତି ଭିକାରି ଚରଣ ରାଉତ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧାପକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ମାନିତ ବକ୍ତା ସଂସଦର ସମ୍ପାଦକ ବସନ୍ତ କୁମାର ପଟ୍ଟନାୟକ ଯୋଗଦେଇ ମଧୁସୂଦନଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଆବାହିକା ସୁକାନ୍ତି ସାହୁ ମଧୁବାବୁଙ୍କ ଓଡ଼ିଆ ଜାତି ପ୍ରତି ଅବଦାନକୁ କବିତା ମାଧମରେ ବଖାଣିଥିଲେ।

ଏହି ଉପଲକ୍ଷେ ଆୟୋଜିତ କବିତା ଆସରରେ ରଶ୍ମିତା ରାଉତ, ଶଙ୍କର୍ଷଣ ଶତପଥୀ, ଗୌରୀ ଦେଈ, ବିଦ୍ୟାଧର ବାରିକ, ଅଥୟ ସାହୁ, ସରିତା ପାଟସାହାଣୀ, କବିତାମୟୀ ସର, ପ୍ରଭାତୀ ମହାପାତ୍ର, ବାହାଦୁର ପାଟସାହାଣୀ, ଭ୍ରମର ସାହୁ, ମାନସୀ କର ପ୍ରମୁଖ କବିତା ଆବୃତ୍ତି କରିଥିଲେ। ଉପସଭାପତି ଗଗନ ବିହାରୀ ନନ୍ଦ, କୋଷାଧକ୍ଷ କାଳିନ୍ଦୀ ଚରଣ ସାହୁ, ସଙ୍ଗଠନ ସମ୍ପାଦକ ଅଞ୍ଜନ ସାହୁ, ଲେଖିକା ସଂସଦ ସଭ୍ୟା ବିଷ୍ଣୁପ୍ରିୟା ରଥ, କବୟିତ୍ରୀ ବୈଜୟନ୍ତୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଫଟୋରେ ଖବର



ଢେଙ୍କାନାଳ ଜିଲା ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳନ ଅବସରରେ ରବିବାର ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

■ ଆଇଆଇଏମ୍‌ସିରେ ଓଏସ୍‌ଓୟୁ ଶିକ୍ଷାର୍ଥୀଙ୍କ ପ୍ରଶିକ୍ଷଣ ଆରମ୍ଭ

# ‘ସାମ୍ବାଦିକତା ପାଇଁ ସ୍ୱତନ୍ତ୍ର ଲିଖନ ଶୈଳୀ ଆବଶ୍ୟକ’

**ଢେଙ୍କାନାଳ ଅଫିସ, ୨୯।୪**



ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ମୃଣାଳ ଚାଟାର୍ଜୀ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପରିସରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ର ସାମ୍ବାଦିକତା ବିଭାଗ ଛାତ୍ରୀଛାତ୍ରଙ୍କୁ ନେଇ ସୋମବାରଠାରୁ ଆରମ୍ଭ ହୋଇଛି ପ୍ରଶିକ୍ଷଣ ଶିବିର। ଶୁକ୍ରବାରଯାଏ ଚାଲିବାକୁ ଥିବା ଏହି ତାଲିମ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି।

ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ମୃଣାଳ ଚାଟାର୍ଜୀ ଏହାକୁ ଉଦ୍‌ଘାଟନ କରି କହିଲେ, ସାମ୍ବାଦିକତା ପାଠ ହେଉଛି ବ୍ୟାବହାରିକ ଶିକ୍ଷା। ଖବରକାଗଜ, ଦୂରଦର୍ଶନ, ରେଡ଼ିଓ ସାମ୍ବାଦିକତା ପାଇଁ ବୈଷୟିକ ଜ୍ଞାନ ସହ ସ୍ୱତନ୍ତ୍ର ଲିଖନ ଶୈଳୀର ଆବଶ୍ୟକତା ରହିଛି। ଏଥିଲାଗି ସ୍ୱତନ୍ତ୍ର ପ୍ରଶିକ୍ଷଣ ଲୋଡ଼ା। ଦୂରନିରନ୍ତର ଶିକ୍ଷା ମାଧମରେ ପଢୁଥିବା ଶିକ୍ଷାର୍ଥୀଙ୍କ ପାଇଁ ଶ୍ରେଣୀଗୃହ ଏବଂ ବ୍ୟାବହାରିକ ଶିକ୍ଷାର ସୁଯୋଗ ନ ଥାଏ। ଏହି ଅଭାବକୁ ଦୂର କରିବାକୁ ଓଏସ୍‌ଓୟୁରେ ସାମ୍ବାଦିକତା ପଢୁଥିବା ଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ସେ କହିଥିଲେ। ଡ. ଚାଟାର୍ଜୀ ଆହୁରି ମଧ କହିଲେ, ୮୦ ଏବଂ ୯୦ ଦଶକରେ ଦୂରଦର୍ଶନ ସାମ୍ବାଦିକତାରେ ବଡ଼ କ୍ୟାମେରା ବ୍ୟବହାର ହେଉଥିଲା। ଏଥିଲାଗି ଜଣେ କ୍ୟାମେରା ମ୍ୟାନ୍ ସହ ସାଉଣ୍ଡମ୍ୟାନ୍ ନିୟୋଜିତ ହେଉଥିଲେ। ପରେ କ୍ୟାମେରା ଆକାର ଛୋଟ ହେଲା। ସାଉଣ୍ଡମ୍ୟାନ ଆବଶ୍ୟକ ପଡ଼ିଲେନାହିଁ। ଏବେ ମୋବାଇଲ ମାଧମରେ ଭିଡ଼ିଓ ଏବଂ ଫଟୋ ଉତ୍ତୋଳନ କରି ତୁରନ୍ତ ଖବର ପ୍ରସାରଣ କରାଯାଇପାରୁଛି। ଦିନକୁ ଦିନ ବୈଷୟିକ କୌଶଳରେ ଦ୍ରୁତ ପରିବର୍ତ୍ତନ ହେଉଛି। ଦର୍ଶକ ଏବଂ ପାଠକଙ୍କ ମାନସିକତା, ବୌଦ୍ଧିକତାକୁ ଦୃଷ୍ଟିରେ ରଖି ଖବର ପରିବେଷଣ ଶୈଳୀ ବଦଳୁଛି। ଏସବୁ ଦୃଷ୍ଟିରୁ ସାମ୍ବାଦିକତା ପାଠ୍ୟକ୍ରମରେ ଉପଯୁକ୍ତ ପ୍ରଶିକ୍ଷଣ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ।

ଉଦ୍‌ଘାଟନୀ ଦିବସରେ ପ୍ରଶିକ୍ଷାର୍ଥୀମାନେ ମିଡିଆ ସଂଗ୍ରହାଳୟ ବୁଲି ଦେଖିଥିଲେ। ଖବର, ନିବନ୍ଧ, ଲଳିତ ନିବନ୍ଧ, ସମୀକ୍ଷା ଲେଖିବାର ଶୈଳୀ ସମ୍ପର୍କରେ ସହାୟକ ପ୍ରଫେସର ସମ୍ମିତ ପାଲ ପ୍ରଶିକ୍ଷଣ ଦେଇଥିଲେ। ପର୍ଯ୍ୟାୟକ୍ରମେ ଦୂରଦର୍ଶନ, ରେଡ଼ିଓ ଏବଂ ମୋବାଇଲ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ଦିଆଯାଇଛି।

**ODISHA JOINT ENTRANCE EXAMINATION-2019 (OJEE - 2019)**

No: 163/OJEE19 Date: 29.04.2019

**NOTICE**

**OJEE 2019 will be conducted on**
**(i) 12.05.2019 (Pen and Paper Based Examination) and**
**(ii) 13.05.2019 (Computer Based Examination)**

Admit Cards for OJEE 2019 have been uploaded in the OJEE website **‘www.ojee.nic.in’**. All the Candidates can download their admit cards from OJEE website by login to their login id. Candidates completed their application in all respects but not able to download admit card are advised to report to OJEE Cell Gandamunda **latest by 05.05.2019.**

Sd/-
Chairman, OJEE

**ସୂଚନା**

**ତା.07.05.2019 ରିଖ ରେ ବିକ୍ରେତା ସମ୍ମିଳନୀ**

ପୂର୍ବ ତଟ ରେଳପଥ ଚିତ୍ତରଞ୍ଜନ ଲୋକୋମୋଟିଭ ୱାର୍କସ୍ ସହଯୋଗରେ ନୂଆ ବିକ୍ରେତାମାନଙ୍କୁ ବିକସିତ କରିବା ଏବଂ ବର୍ତ୍ତମାନର ବିକ୍ରେତାମାନଙ୍କ ଉତ୍ପାଦରେଞ୍ଜକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ **ତା.07.05.2019 ରିଖ ପୂର୍ବାହ୍ନ 1000 ଘଟିକାରେ ପୂର୍ବ ତଟ ରେଳପଥ ଅଡିଟୋରିୟମ୍, ରେଳ ଷ୍ଟାଡିୟମ୍ ନିକଟ, ମଞ୍ଚେଶ୍ୱର, ଭୁବନେଶ୍ୱର ଠାରେ ବିକ୍ରେତା ସମ୍ମିଳନୀ (Vendor Meet) ର ଆୟୋଜନ କରୁଛି ।** ରେଳବାଇକୁ ସାମଗ୍ରୀଗୁଡ଼ିକର ଯୋଗାଣ ନିମନ୍ତେ ଇଚ୍ଛୁକ ସମସ୍ତ ବର୍ତ୍ତମାନର ତଥା ଆଶାୟୀ ବିକ୍ରେତାମାନଙ୍କୁ ଏଥିରେ ଅଂଶ ଗ୍ରହଣ କରିବା ପାଇଁ ନିବେଦନ କରାଯାଉଛି । ଇଚ୍ଛୁକ ବିକ୍ରେତାମାନେ ନିଜର ଅଗ୍ରୀମ ପଞ୍ଜୀକରଣ ନିମନ୍ତେ **ଶ୍ରୀ ଜେ.ଏନ୍. ପଟ୍ଟନାୟକ, ବରିଷ୍ଠ ସାମଗ୍ରୀ ପ୍ରବନ୍ଧକ / II / ପୂର୍ବ ତଟ ରେଳପଥ, ମୋବାଇଲ ନଂ. 08455885763 କିମ୍ବା ଇ-ମେଲ୍ ଆଇଡି : smm3ecor@gmail.com** କିମ୍ବା **ଶ୍ରୀ ପି.କେ. ପଟେଲ, ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ / II / ପୂର୍ବ ତଟ ରେଳପଥ, ମୋବାଇଲ୍ : 08455885753 କିମ୍ବା ଇ-ମେଲ୍ ଆଇଡି : dycmm3ecor@gmail.com** ଙ୍କ ସହିତ ଯୋଗାଯୋଗ କରିପାରିବେ । ସେମାନେ **ତା.07.05.2019 ରିଖ ପୂର୍ବାହ୍ନ 0930 ଘଟିକାରେ ଉପରୋକ୍ତ ସ୍ଥାନ ଠାରେ ମଧ ନିଜର ପଞ୍ଜୀକରଣ କରିପାରିବେ ।**

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/II/ଭୁବନେଶ୍ୱର

ପୂର୍ବ ତଟ ରେଳପଥ

PR-55/K/19-20

## ସଂକ୍ଷେପରେ

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା

### ୧୨ରେ ଅଫ୍‌ଲାଇନ୍, ୧୩ରେ ଅନ୍‌ଲାଇନ୍ ପରୀକ୍ଷା

ଭୁବନେଶ୍ୱର,୨୯।୪(ବ୍ୟୁରୋ)- ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଆସନ୍ତା ମେ ୧୨ ଓ ୧୩ରେ ଅନୁଷ୍ଠିତ ହେବ। ୧୨ତାରିଖରେ ଅଫ୍‌ଲାଇନ୍ ମୋଡ୍‌ରେ ପରୀକ୍ଷା ହେବ। ପ୍ରଥମ ସିଫ୍ଟ(ସକାଳ ୯ଟାରୁ ମଧ୍ୟାହ୍ନ ୧୨)ରେ ବି.ଫାର୍ମା, ପ୍ରଥମ ସିଫ୍ଟ(ସକାଳ ୯ଟାରୁ ୧୦ଟା)ରେ ଯୁକ୍ତ୩ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ବିଟେକ୍, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ଦ୍ୱିତୀୟ ସିଫ୍ଟ(ଅପରାହ୍ନ ୨ଟାରୁ ୪ଟା)ରେ ଡିପ୍ଲୋମା ଛାତ୍ରୀଛାତ୍ରଙ୍କ ପାଇଁ ବିଟେକ୍ ପାଠ୍ୟକ୍ରମ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ। ୧୩ତାରିଖରେ ଅନ୍‌ଲାଇନ୍ ମୋଡ୍‌ରେ ପରୀକ୍ଷା ହେବ। ଏହିଦିନ ପ୍ରଥମ ସିଫ୍ଟ(ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା)ରେ ଏମ୍‌ବିଏ, ଦ୍ୱିତୀୟ ସିଫ୍ଟ(ଅପରାହ୍ନ ୨ଟାରୁ ୪ଟା)ରେ ଏମ୍.ଟେକ୍, ଏମ୍.ଆର୍କ, ଏମ୍‌ସିଏ, ଲାଟେରାଲ ଏମ୍‌ସିଏ ଏବଂ ଦ୍ୱିତୀୟ ସିଫ୍ଟ(ଅପରାହ୍ନ ୨ଟାରୁ ୩ଟା)ରେ ଏମ୍.ଫାର୍ମା ଓ ଏମ୍.ପ୍ଲାନ୍ ପାଠ୍ୟକ୍ରମ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ। ଏ ନେଇ ସୋମବାର ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### 'ଫନୀ' ମୁକାବିଲା ନେଇ ଧର୍ମେନ୍ଦ୍ରଙ୍କ ଆଲୋଚନା

ଭୁବନେଶ୍ୱର, ୨୯।୪(ବ୍ୟୁରୋ): ଓଡ଼ିଶା ଉପରେ ସାମୁଦ୍ରିକ ଝଡ 'ଫନୀ'ର ସମ୍ଭାବ୍ୟ ପ୍ରଭାବ ନେଇ ସୋମବାର ବରିଷ୍ଠ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟେଲିଫୋନ ଯୋଗେ ଆଲୋଚନା କରିଛନ୍ତି। ସମ୍ଭାବ୍ୟ ବାତ୍ୟା ନେଇ ଆବଶ୍ୟକୀୟ ମୁକାବିଲା ଏବଂ ପଦକ୍ଷେପ ନେବା ସମ୍ପର୍କରେ ଧର୍ମେନ୍ଦ୍ର ଆଲୋଚନା କରିଥିବା ସୂଚନା ଦେଇଛନ୍ତି । ଧର୍ମେନ୍ଦ୍ର କହିଛନ୍ତି, ସାମୁଦ୍ରିକ ଝଡ଼ ଫନୀ ସ୍ଥଳଭାଗ ନିକଟବର୍ତ୍ତି ହେବା ନେଇ ଆଲୋଚନା ହୋଇଛି । କ୍ୟାବିନେଟ ସେକ୍ରେଟାରୀ ପି.କେ. ସିହ୍ନା, ଆଇଏମ୍‌ଡିର ଆଞ୍ଚଳିକ ମୁଖ୍ୟ ଏଚ୍ଆର୍ ବିଶ୍ୱାସ, ଏନଡିଆର୍‌ଏଫ୍‌ର ଡିଆଇଜି କେ.କେ. ସିହ୍ନାଙ୍କ ସହିତ କଥାବାର୍ତ୍ତା ହୋଇ ଓଡ଼ିଶା ଉପରେ ସମ୍ଭାବ୍ୟ ପ୍ରାକୃତିକ ଦୁର୍ବିପାକର ଭୟ ତଥା ଆବଶ୍ୟକୀୟ ମୁକାବିଲା ଓ ପରିଚାଳନା ନେଇ ବିସ୍ତୃତ ଆଲୋଚନା କରିଥିବା ସେ ଉଲ୍ଲେଖ କରିଛନ୍ତି।

■ ବୁଥ୍ ରିଗିଂ, ଟଙ୍କା ବଣ୍ଟା ଅଭିଯୋଗ

# ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ଡିଜିପି

ଭୁବନେଶ୍ୱର, ୨୯।୪ (ବ୍ୟୁରୋ)

ଚତୁର୍ଥ ପର୍ଯ୍ୟାୟ ମତଦାନବେଳେ ସୋମବାର କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀରେ ବୁଥ୍ ରିଗିଂ ଓ ଟଙ୍କା ବଣ୍ଟା ଅଭିଯୋଗ ହୋଇଛି। ଏଥିସହ କେତେକ ସ୍ଥାନରେ ହିଂସାକାଣ୍ଡ ଘଟିଛି। ଏ ସଂକ୍ରାନ୍ତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ବାଲେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନ ରେମୁଣା, ଭୋଗରାଇ, ବସ୍ତା ଅଞ୍ଚଳରେ ନିର୍ବାଚନୀ ହିଂସା ଘଟିଛି। ବିଭିନ୍ନ ସ୍ଥାନରେ ଭାଜପା ଏବଂ ବିଜେଡି କର୍ମୀ ମୁହାଁମୁହିଁ ହୋଇଥିଲେ। ରେମୁଣା ପଞ୍ଚାୟତର ୮୩ନଂ. ବୁଥ୍ ସାମ୍ନାରେ ଟଙ୍କା ବଣ୍ଟାଯିବା ଘଟଣା ନେଇ ବିଜେଡି ଓ ଭାଜପା କର୍ମୀ ମୁହାଁମୁହିଁ ହୋଇଥିବା ବେଳେ ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀର ୧୪୭ନଂ. ବୁଥ୍‌ରେ ଅନୁରୂପ ଗଣ୍ଡଗୋଳ ହୋଇଛି। ଭଦ୍ରକ ନିର୍ବାଚନମଣ୍ଡଳୀର ଚଣ୍ଡିଗାଁ ବୁଥ୍, ବାସୁଦେବପୁର ନିର୍ବାଚନମଣ୍ଡଳୀର ୧୨୫, ୧୭୭ ଓ ୨୩୦ ନଂ. ବୁଥ୍ ଏବଂ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ବୟାଁବନାପୁର ପଞ୍ଚାୟତରେ ହିଂସାକାଣ୍ଡ ଘଟିଛି।

କେନ୍ଦ୍ରାପଡ଼ା ଲୋକ ସଭା ଅନ୍ତର୍ଗତ ଆଳି, ପଟ୍ଟାମୁଣ୍ଡାଇ ଓ ମାହାଙ୍ଗା ସମେତ ଅନ୍ୟ କେତେକ ଅଞ୍ଚଳରେ ବୁଥ୍ ରିଗିଂ ହୋଇଥିବା ଓ ଟଙ୍କା ବଣ୍ଟାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଏକ ନିର୍ଦ୍ଦିଷ୍ଟ ଦଳର ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ କର୍ମୀମାନେ କିଛି ଲୋକଙ୍କୁ ପ୍ରବର୍ତ୍ତାଇବାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଏସବୁ ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପୋଲିସ ଡିଜି କେନ୍ଦ୍ରାପଡା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଅଭିଯୋଗକୁ କେନ୍ଦ୍ରାପଡ଼ା ଏସ୍‌ପି ନୀତିଶେଖର ସ୍ୱୀକାର କରିଛନ୍ତି। ବୁଥ୍ ରିଗିଂ ଅଭିଯୋଗ ସମ୍ପର୍କରେ ତଦନ୍ତ ଜାରି ରହିଥିବା ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଭିନ୍ନ ବୁଥ୍‌ରେ ମତଦାନ ଚାଲିଥିବାବେଳେ କେତେକ ବ୍ୟକ୍ତି ବିଶୃଙ୍ଖଳା ସୃଷ୍ଟି କରିଛନ୍ତି। ଉକ୍ତ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ବିଶ୍ୱ ନୃତ୍ୟ ଦିବସ ଅବସରରେ ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ

ପୁରୀ ଅଫିସ, ୨୯।୪:

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ ହୋଇଛି । ଅପରାହ୍ନ ୪ଟା ୨୦ରୁ ରାତି ୮ଟା ପର୍ଯ୍ୟନ୍ତ ଦଇତାପତି ସେବକମାନେ ଠାକୁରଙ୍କ ଶ୍ରୀଅଙ୍ଗରେ ପଇତାଲାଗି କରିଥିଲେ । ମଧ୍ୟାହ୍ନ ଧୂପ ସରିବା ପରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ । ଦେଉଳକରଣଙ୍କଠାରୁ ବାସୁଙ୍ଗା ପାଟରେ ନିର୍ମିତ ପଇତା ନେଇ ଦଇତାପତିମାନେ ଗୋଷ୍ଠୀଗତ ଭାବେ ଏହି ପଇତାଲାଗି କରିଥିଲେ । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ସାଧାରଣ ଦର୍ଶନ ବନ୍ଦ ରହିଥିଲା । ଏହି ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ଚାଲିଥିଲା । ଏଥିପାଇଁ ପ୍ରାୟ ୪ ଘଣ୍ଟା ଦର୍ଶନ ବନ୍ଦ ରହିଥିଲା । ପଇତାଲାଗି ନୀତି ସମ୍ପନ୍ନ ହେବା ପରେ ଭକ୍ତମାନଙ୍କୁ ଦର୍ଶନ ପାଇଁ ଛଡା ଯାଇଥିଲା ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି । ସୂଚନାଥାଉ କି, ଠାକୁରଙ୍କ ଶ୍ରୀଅଙ୍ଗର ସୁରକ୍ଷା ଲାଗି ବର୍ଷକୁ ପ୍ରାୟ ୪/୫ ଥର ପଇତାଲାଗି କରାଯାଏ । ଦୈନନ୍ଦିନ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଚନ୍ଦନ ଖସି ନ ଯିବା ପାଇଁ ଏହା କରାଯାଇଥାଏ ।

## ଜଙ୍ଗଲୀ କନ୍ଦା ଖାଇ ୧୦ ଶ୍ରମିକ ଅସୁସ୍ଥ

ମୁନିଗୁଡ଼ା, ୨୯।୪(ଡି.ଏନ୍.ଏ.)-

ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ଗ୍ରାମ ନିକଟରେ ଚାଲିଥିବା ରାସ୍ତା କାମରେ ନିୟୋଜିତ ଥିବା ଶ୍ରମିକମାନେ ସୋମବାର ଜଙ୍ଗଲୀ କନ୍ଦା ଖାଇ ଅସୁସ୍ଥ ହୋଇଛନ୍ତି। ସୁପରଭାଇଜର ସେଥି ମଧ୍ୟରୁ ୧୦ଜଣଙ୍କୁ ଚିକିତ୍ସା ପାଇଁ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଅସୁସ୍ଥ ଶ୍ରମିକମାନେ ହେଲେ ଧ୍ରୁବା ବାତ୍ରା(୩୫), ବନମାଳୀ ମାଝି(୫୦), କୀର୍ତ୍ତି ବାତ୍ରା(୨୫), ବବୁଲୁ ବେହେରା(୨୬), ସହଦେବ ମୁଣ୍ଡା(୧୮), କୋମଳ ବାତ୍ରା(୫୧), ପ୍ରମୋଦ ବାତ୍ରା(୩୮), ପତନୀ ବାତ୍ରା(୨୨), ଅଭି ବିଷୋଇ(୨୬) ଓ ଦୁର୍ଲଭ ବାତ୍ରା(୬୦)। ଅଭି ଓ ଦୁର୍ଲଭଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅସୁସ୍ଥ ଶ୍ରମିକମାନେ କୋରାପୁଟ ଓ ନବରଙ୍ଗପୁର ଜିଲାର ବୋଲି ଜଣାପଡିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଉଁଶ ଗଛର କନା**
**ଏବେ ବଢ଼ିଗଲା ଗୋବରା ନନା**
**ଆଗେ ସିଉଁଥିଲା ଦନା ।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇଥାଏ। ଧନ ବଳରେ ସେ ନିଜ ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ଉପେକ୍ଷା କରିବା ସହ ଅଣଦେଖା କରିବାକୁ ଲାଗିଥାଏ। ଧନ ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଂକାରୀ ସଜାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଘ ନ ଦେଖିଲେ ବିଲେଇ ଦେଖ**
**ଝିଅ ନ ଦେଖିଲେ ମାଆକୁ ଦେଖ ।**

ବାଘ ଓ ବିଲେଇ ଦୁହେଁ ଦେଖିବାକୁ ପ୍ରାୟତଃ ଏକାପରି ହୋଇଥାନ୍ତି। କେବଳ ଆକାରରେ ଯାହା କିଛି ଫରକ ବା ପ୍ରଭେଦ ରହିଥାଏ। ସେହିପରି ମା' ଓ ଝିଅ ପ୍ରାୟତଃ ସମଗୁଣ ବିଶିଷ୍ଟ ହୋଇଥାନ୍ତି। କଥାରେ ଅଛି ମା' ଗୁଣେ ଝିଅ। ଝିଅ ନ ଦେଖିଲେ ମା'କୁ ଦେଖି ଝିଅ ବିଷୟରେ ସମ୍ୟକ ଧାରଣା ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

## ୬ ହାର୍ଡକୋର ମାଓବାଦୀ ଗିରଫ



ମାଲକାନଗିରି,୨୯।୪ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଓ ଦାନ୍ତେୱାଡ଼ା ପୋଲିସ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସୋମବାର ୬ ହାର୍ଡକୋର ମାଓବାଦୀଙ୍କୁ ଗିରଫ କରିଥିବା ଛତିଶଗଡ଼ ଡିଆଇଜି ବିବେକାନନ୍ଦ ସିହ୍ନା ସୂଚନା ଦେଇଛନ୍ତି। ଦାନ୍ତେୱାଡା ଏସ୍.ପି. ଚନ୍ଦ୍ରକାନ୍ତ ଭାର୍ଗବଙ୍କ ନିର୍ଦ୍ଦେଶରେ ଏହି ଚଢାଉ ହୋଇଥିଲା। ଗିରଫ ମାଓବାଦୀମାନେ ହେଲେ ମିଲିସିଆ ପ୍ଲାଟୁନର ହୁଙ୍ଗା କାରାମେ, କିଶୋର ମାଡାବି, ସିଏନ୍‌ଏମ୍ ସଦସ୍ୟ ଯୋଗୀ କାରାମେ, ଜନ ମିଲିସିଆର କମାଣ୍ଡର ପବୁନୁ ଆଟାମି, ଶୁକଦେବ ବାକା ଓ ମିଟୁ କେଶବ। ଏମାନେ ସମସ୍ତେ ପୋଲିସ ଉପରେ ଆକ୍ରମଣ, ଲ୍ୟାଣ୍ଡମାଇନ ବିସ୍ଫୋରଣ, ଇନ୍‌ଫର୍ମର ସନ୍ଦେହର ହତ୍ୟା ଭଳି ବହୁ ହିଂସାରେ ଜଡିତ ଅଛନ୍ତି। ଆନ୍ଧ୍ର ଓଡିଶା ଓ ତେଲେଙ୍ଗାନା ୩ ରାଜ୍ୟରେ ସେମାନଙ୍କ ସଙ୍ଗଠନ କାର୍ଯ୍ୟ କରୁଥିବା ସିହ୍ନା କହିଛନ୍ତି।

## ଭୋଟ୍ ଦେବାକୁ ଆସି ଟଳି ପଡ଼ିଲେ ଭୋଟର

ବସ୍ତା, ୨୯।୪(ସ୍ୱ.ପ୍ର.):

ବସ୍ତା ବ୍ଲକର ପତ୍ରଝଡ଼ା ପଞ୍ଚାୟତର ମହାଦେବସରାଇ ଗ୍ରାମରେ ଜଣେ ବ୍ୟକ୍ତି ନିକଟସ୍ଥ ବୁଥ୍‌କୁ ଭୋଟ ଦେବାକୁ ଆସି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏହି ଗ୍ରାମର ହରି ଦେହୁରୀ (୫୭) ସୋମବାର ମଧ୍ୟାହ୍ନରେ ଭୋଟ୍ ଦେବାକୁ ମାଛିଆ ଗ୍ରାମ ସ୍ଥିତ ପ୍ରାଇମେରୀ ପ୍ରାକ୍ଟିସିଂ ସ୍କୁଲ (୬ନଂ ବୁଥ୍)କୁ ଆସିଥିଲେ। ପରେ ସେ ସେଠାରେ ଭୋଟ ଦେଇସାରିବା ପରେ ଅସୁସ୍ଥ ଅନୁଭବ କରି ସେହି ବୁଥ୍ ପରିସୀମା ଭିତରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କର ଏଭଳି ଅବସ୍ଥା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ବସ୍ତା ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

FINANCE

୧୯୮୨ଠାରୁ ଆପଣଙ୍କ ସେବାରେ
GLOBAL FINANCE PVT. LTD.
ପି.ଏମ୍.ଜନଧନ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଗ୍ରୁପ୍ ଋଣ ଓ ସବୁ ଋଣ ମାତ୍ର ୨୪ ଘଣ୍ଟାରେ
୨% ସୁଧ ଓ ୪୦% ଛାଡ଼
ଯେକୌଣସି କମ୍ପାନୀ, ବ୍ୟାଙ୍କରୁ ପ୍ରତାରିତ ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
7894704743
House No.2, Ram Nagar, Narnol, Haryana.

ଋଣ
ମହାଲକ୍ଷ୍ମୀ ଫାଇନାନ୍ସ
ଏଜୁକେଶନ୍, ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ବ୍ୟବସାୟ ମତ୍ସ୍ୟପାଳନ, ବ୍ୟକ୍ତିଗତ ଋଣ
୩ ଲକ୍ଷରୁ ୫୦ ଲକ୍ଷ
ସୁଧ ହାର: ୪% ବାର୍ଷିକ
!! କୌଣସି ଫାଇଲ୍ ଚାର୍ଜ ନାହିଁ !!
07052133043
08419077960
Add : - 41/14, Sec.1, Pushp Vihar, Delhi

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବା ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ:
8763499150
OMM HONEY

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

DHARITRI Career appointment Every Wednesday and Saturday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ଆତଙ୍କବାଦୀ ସଙ୍ଗଠନ ଓ ଜେହାଦୀ ଗୋଷ୍ଠୀଗୁଡ଼ିକ ଉପରେ ପାକିସ୍ତାନ କଟକଣା ଜାରିକରି କାର୍ଯ୍ୟାନୁଷ୍ଠାନ ନେଉଛି।
- ମେଜର ଜେନେରାଲ ଆସିଫ୍ ଗଫୁର, ଆଇଏସ୍‌ପିଆର୍ ମହାନିର୍ଦ୍ଦେଶକ

## ■ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ: ୯ ରାଜ୍ୟର ୭୨ ଆସନରେ ୬୪% ମତଦାନ

# ୯୬୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରିତ

ନୂଆଦିଲ୍ଲୀ,୨୯।୪(ପି.ଟି.)

ପଶ୍ଚିମବଙ୍ଗ ଓ ଜମ୍ମୁ-କଶ୍ମୀର ହିଂସାକୁ ଛାଡ଼ିଦେଲେ ସୋମବାର ଚତୁର୍ଥ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଅନ୍ୟ ସମସ୍ତ ସ୍ଥାନରେ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଛି। ୯ ରାଜ୍ୟର ୭୨ ଲୋକ ସଭା ଆସନର ୧.୪୦ ଲକ୍ଷ ବୁଥ୍‌ରେ ୧୨.୭୯ କୋଟି ଭୋଟରଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଛନ୍ତି।

ଏଥିସହ ୯୬୧ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ବନ୍ଦ ହୋଇଯାଇଛି।

ଚତୁର୍ଥ ପର୍ଯ୍ୟାୟରେ ଓଡ଼ିଶାର ୬ ଆସନ ସହ ବିହାରର ୫, ଝାଡଖଣ୍ଡ ୩, ମଧ୍ୟପ୍ରଦେଶ ୬, ମହାରାଷ୍ଟ୍ର ୧୭, ରାଜସ୍ଥାନ ୧୩, ଉତ୍ତରପ୍ରଦେଶ ୧୩, ପଶ୍ଚିମବଙ୍ଗ ୮ ଓ ଜମ୍ମୁ-କଶ୍ମୀରର ଗୋଟିଏ ଲୋକ ସଭା କ୍ଷେତ୍ରରେ ମତଦାନ ଶେଷ ହୋଇଛି। ଶାନ୍ତିଶୃଙ୍ଖଳା ସହ ଭୋଟଗ୍ରହଣ ଲାଗି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ନିର୍ବାଚନ କମିଶନଙ୍କ ସୂତ୍ରରୁ ମିଳିଥିବା ସୂଚନାନୁସାରେ ସନ୍ଧ୍ୟା ୬ଟା ସୁଦ୍ଧା ମୋଟ ୬୪% ମତଦାନ ହୋଇଛି। ପଶ୍ଚିମବଙ୍ଗରେ ସର୍ବାଧିକ ୭୬.୪୭% ମତଦାନ ହୋଇଥିବାବେଳେ ରାଜସ୍ଥାନରେ ୬୨%, ଉତ୍ତରପ୍ରଦେଶ ୫୩.୧୨%, ମଧ୍ୟପ୍ରଦେଶରେ ୬୫.୮୬% ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ମହାରାଷ୍ଟ୍ରରେ ୫୨%, ଓଡ଼ିଶା ୬୪.୦୫%, ବିହାର ୫୩.୬୭%, ଝାଡ଼ଖଣ୍ଡରେ ୬୩.୪୨% ମତଦାନ ହୋଇଥିବାବେଳେ ଜମ୍ମୁ-କଶ୍ମୀରର ଅନନ୍ତନାଗରେ ମାତ୍ର ୧୦.୩% ଭୋଟଗ୍ରହଣ କରାଯାଇଛି। ଏଠାରେ କେତେକ ବୁଥ୍‌ରେ ଟେକାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ମହାରାଷ୍ଟ୍ର ସମେତ କେତେକ ରାଜ୍ୟରେ ଇଭିଏମ୍ ଏବଂ ଭିଭିପିଏଟି ମେଶିନ୍‌ରେ ତ୍ରୁଟି ପରିଲକ୍ଷିତ ହୋଇଛି।



ଏହି ପର୍ଯ୍ୟାୟରେ ଭାଗ୍ୟ ନିର୍ଦ୍ଧାରଣ ହୋଇସାରିଥିବା ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି କହ୍ନେୟା କୁମାର, ଗିରିରାଜ ସିଂ, ଏସ୍.ଏସ୍. ଆହଲୁୱାଲିଆ, ବାବୁଲ ସୁପ୍ରିୟୋ, ଗଜେନ୍ଦ୍ର ସିଂ ଶେଖାୱତ୍, ପି.ପି. ଚୌଧୁରୀ, ଡ. ସୁଭାଷ ଭାମ୍ରେ, ସୁଦର୍ଶନ ଭଗତ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସ୍ତ୍ରୀ ଡିମ୍ପଲ, ସଲମାନ ଖୁର୍ସିଦ, ମୁନ୍‌ମୁନ୍ ସେନ୍, ଉପେନ୍ଦ୍ର କୁଶୱାହା, ସାକ୍ଷୀ ମହାରାଜ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ପୁଅ ନକୁଳନାଥ, ଅର୍ଜୁନ ସିଂଙ୍କ ପୁଅ ଅଜୟ ସିଂ, ପୁନମ ମହାଜନ, ପ୍ରିୟା ଦତ୍ତ, ମିଲିନ୍ଦ୍ ଦେଓରା, ଉର୍ମିଳା ମାତୋଣ୍ଡକର ପ୍ରମୁଖ। ସେହିପରି ଜମ୍ମୁ-କଶ୍ମୀରର ଅନନ୍ତନାଗ ଲୋକ ସଭା ଆସନ ପାଇଁ ସୁରକ୍ଷା କାରଣରୁ ତିନୋଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଉଛି। ଏଠାରେ କେତୋଟି ଜିଲାରେ ଏପ୍ରିଲ ୨୩ରେ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଥିବାବେଳେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ କରାଯାଇଛି। ତୃତୀୟ ପର୍ଯ୍ୟାୟରେ ମେ ୬ରେ ମତଦାନ ହେବ। ଏହି ଆସନରେ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କ ବିରୋଧରେ ରାଜ୍ୟ କଂଗ୍ରେସ ସଭାପତି ଜି.ଏ. ମିର୍ ଏବଂ ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି)ର ହସନୈନ୍ ମାସୁଦି ପ୍ରାର୍ଥୀ ହୋଇଛନ୍ତି। ଏହି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିବା ୭୨ ଆସନ ମଧ୍ୟରୁ ୨୦୧୪ରେ ଭାଜପା ଓ ତା'ର ସହଯୋଗୀ ଦଳଗୁଡ଼ିକ ୫୬ ଆସନ ଦଖଲ କରିଥିବାବେଳେ କଂଗ୍ରେସକୁ ୨ଟିରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ସେହିପରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିଜୁ ଜନତା ଦଳ (ବିଜେଡି)କୁ ୬ଟି ଲେଖାଏ ଆସନରେ ସଫଳତା ମିଳିଥିଲା।

## ■ ବାରାଣସୀ ଲଢ଼େଇ
# ମୋଦିଙ୍କ ବିରୋଧରେ ତେଜବାହାଦୁର ଏସ୍‌ପି ପ୍ରାର୍ଥୀ

ଲକ୍ଷ୍ନୌ,୨୯।୪(ପି.ଟି.)

ବାରାଣସୀ ଲୋକ ସଭା ଆସନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସମାଜବାଦୀ ପାର୍ଟି (ଏସ୍‌ପି) ସୋମବାର ଶାଳିନୀ ଯାଦବଙ୍କ ପ୍ରାର୍ଥିତ୍ୱକୁ ପ୍ରତ୍ୟାହାର କରିନେଇଛି। ଏହାସହ ବିଏସ୍‌ଏଫ୍‌ର ପୂର୍ବତନ ଯବାନ ତେଜବାହାଦୁର ଯାଦବଙ୍କୁ ଦଳ ପ୍ରାର୍ଥୀ କରିଛି।

ଯବାନଙ୍କୁ ଖରାପ ଖାଦ୍ୟ ଦିଆଯାଉଛି ବୋଲି ୨୦୧୭ରେ ସୋସିଆଲ ମିଡିଆରେ ଅଭିଯୋଗ ଆଣି ଚର୍ଚ୍ଚାକୁ ଆସିଥିବା ତେଜବାହାଦୁରଙ୍କୁ ଚାକିରିରୁ ବର୍ଖାସ୍ତ କରାଯାଇଥିଲା। ସେ ନିଜକୁ ଅସଲ ଚୌକିଦାର ବୋଲି କହି ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡିର ମିଳିତ ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସରୁ ଅଜୟ ରାୟଙ୍କୁ ପ୍ରାର୍ଥୀ କରାଯାଇଛି। ଏହି ଅବସରରେ ତେଜବାହାଦୁର କହିଛନ୍ତି, ସେ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ସୁରକ୍ଷା ବଳରେ ଦୁର୍ନୀତି ହଟାଇ ସେନାକୁ ସୁଦୃଢ଼ କରିବା ତାଙ୍କର ଲକ୍ଷ୍ୟ। ମେ ୨୩ରେ ଭୋଟଗ୍ରହଣ ହେବାକୁ ବାରାଣସୀ ଲୋକ ସଭା ଆସନରେ ସୋମବାର ଥିଲା ନାମାଙ୍କନପତ୍ର ଦାଖଲର ଶେଷଦିନ।



# ୪୦ ଟିଏମ୍‌ସି ବିଧାୟକ ସମ୍ପର୍କରେ ଅଛନ୍ତି: ମୋଦି

ଶ୍ରୀରାମପୁର,୨୯।୪(ପି.ଟି.)

ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ୪୦ ଜଣ ବିଧାୟକ ମୋ ସହ ସମ୍ପର୍କରେ ଅଛନ୍ତି ବୋଲି ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସାଧାରଣ ନିର୍ବାଚନରେ ଭାଜପା ବିଜୟୀ ହେଲେ ସେମାନଙ୍କ ଦଳକୁ ମରୁଭୂମି କରିଦେବୁ ବୋଲି ସେ ଚେତାବନୀ ଦେଇ କହିଛନ୍ତି। ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ସମାଲୋଚନା କରି ମୋଦି କହିଛନ୍ତି ଯେ, ସେ ନିଜ ପୁତୁରାକୁ ରାଜନୀତିରେ ପ୍ରଭାବଶାଳୀ କରିବାକୁ ଚାହୁଁଛନ୍ତି। ହେଲେ ପ୍ରଧାନମନ୍ତ୍ରୀ ହେବା ଲାଗି ସ୍ୱପ୍ନ ଦେଖୁଥିବା ଦିଦିଙ୍କ ଲାଗି ଦିଲ୍ଲୀ ବହୁ ଦୂର ବୋଲି ମୋଦି କଟାକ୍ଷ କରି କହିଛନ୍ତି।

ଶ୍ରୀରାମପୁରଠାରେ ନିର୍ବାଚନ ର୍‍ୟାଲିକୁ ସମ୍ବୋଧିତ କରି ସମ୍ପର୍କରେ ଥିବା ଟିଏମ୍‌ସିର



୪୦ ବିଧାୟକ ଖସିଆସିବା ପରେ ଦିଦିଙ୍କ ଗୋଡ଼ତଳୁ ମାଟି ଖସିଯିବ ବୋଲି ମୋଦି କହିଛନ୍ତି। ହାତଗଣତି କେତୋଟି ଆସନ ରଖି ଦିଲ୍ଲୀରେ ପହଞ୍ଚିବାର ସ୍ୱପ୍ନ ଦେଖିବା ଠିକ୍ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ମମତାଙ୍କ ପୁତୁରା ଅଭିଷେକ ଡାଇମଣ୍ଡ ହାର୍ବରରୁ ଏବେ ଏମ୍‌ପି ଅଛନ୍ତି।

# ୬୦ ଭାରତୀୟଙ୍କୁ ମୁକ୍ତକଲା ପାକିସ୍ତାନ

ଇସ୍‌ଲାମାବାଦ୍, ୨୯।୪ (ଆଇଏଏନ୍‌ଏସ୍)

ପାକିସ୍ତାନ ସୋମବାର ସଦ୍‌ଭାବନା ସଙ୍କେତ ଦେଇ ୬୦ ଜଣ ଭାରତୀୟଙ୍କୁ ମୁକ୍ତ କରିଛି। ସେମାନଙ୍କ ମଧ୍ୟରେ ୫୫ ଜଣ ଧୀବର ଓ ୫ ଜଣ ସାଧାରଣ ନାଗରିକ ଅଛନ୍ତି। କରାଚୀର ମାଲିର ଜେଲରୁ ରବିବାର ଦିନ ସେମାନଙ୍କୁ ମୁକ୍ତ କରାଯାଇଥିବା ରିପୋର୍ଟରୁ ଜଣାପଡିଛି। ପାକିସ୍ତାନ ଅଧିକୃତ ଅଞ୍ଚଳରେ ବେଆଇନ୍‌ଭାବେ ମାଛ ଧରୁଥିଲାବେଳେ ଏହି ୫୫ ଧୀବରଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ୫ ଜଣଙ୍କୁ ବେଆଇନ୍‌ଭାବେ ସୀମା ପାର୍ କରିଥିବା ଅଭିଯୋଗରେ ପାକିସ୍ତାନ ପକ୍ଷରୁ ଗିରଫ କରାଯାଇଥିଲା। ସେମାନଙ୍କୁ ଏକ ଟ୍ରେନରେ ଲାହୋର ଅଣାଯାଇ ୱାଘା ସୀମାରେ ଭାରତୀୟ ଅଧିକାରୀଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

# ପଶ୍ଚିମବଙ୍ଗରେ ଭୋଟ ବେଳେ ହିଂସା

କୋଲକାତା/ନୂଆଦିଲ୍ଲୀ, ୨୯।୪(ପି.ଟି./ଆଇଏଏନ୍‌ଏସ୍)

ପଶ୍ଚିମବଙ୍ଗର ୮ ଲୋକ ସଭା ଆସନରେ ସୋମବାର ଚତୁର୍ଥ ପର୍ଯ୍ୟାୟ ଭୋଟଗ୍ରହଣ ବେଳେ ଏକାଧିକ ସ୍ଥାନରେ ହିଂସାକାଣ୍ଡ ସାମ୍ନାକୁ ଆସିଛି। ଆସାନସୋଲ ଆସନର ଭାଜପା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋଙ୍କ କାର୍‌କୁ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କର୍ମୀମାନେ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏହାସହ କେତେକ ସ୍ଥାନରେ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ କେତେଜଣ ଆହତ ହୋଇଛନ୍ତି। ହିଂସାକୁ ଦୃଷ୍ଟିରେ ରଖି କେତୋଟି ବୁଥ୍‌ରେ ମତଦାନ ସ୍ଥଗିତ କରାଯାଇଛି। ଏନେଇ ଉଭୟ ଭାଜପା ଏବଂ ଟିଏମ୍‌ସି ନିର୍ବାଚନ କମିଶନ (ଇସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି।



■ ଭାଜପା, ଟିଏମ୍‌ସି ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ

■ କେତେକ ସ୍ଥାନରେ ମତଦାନ ସ୍ଥଗିତ

ଆସାନସୋଲ ଆସନରେ ଭାଜପା ପକ୍ଷରୁ ବାବୁଲ ସୁପ୍ରିୟୋଙ୍କ ବିରୋଧରେ ମୁନ୍‌ମୁନ୍ ସେନଙ୍କୁ ପ୍ରାର୍ଥୀ କରିଛି ଟିଏମ୍‌ସି। ଏହି ଆସନରେ ଭୋଟଗ୍ରହଣ ଚାଲିଥିବାବେଳେ ବାରାବନୀରେ ଟିଏମ୍‌ସି ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ସୁପ୍ରିୟୋ ଏକ କାର୍‌ରେ ବସିଥିବାବେଳେ ଆକ୍ରମଣ ହୋଇଛି। ଏଥିରେ ତାଙ୍କ କାର୍‌ର ଝରକା ଭାଙ୍ଗିଯାଇଛି। ଉତ୍ୟକ୍ତ କର୍ମୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାର୍ଜ କରିଛି। ବାବୁଲ କେତେଜଣ ପୋଲିସ କର୍ମଚାରୀଙ୍କ ସହ ଯୁକ୍ତିତର୍କ କରୁଥିବା ଭିଡିଓ ଭାଇରାଲ ହୋଇଛି। ମତଦାତାଙ୍କୁ ଭୋଟ ଦେବା ସୁଯୋଗରୁ ବଞ୍ଚିତ କରାଯାଉଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିଏମ୍‌ସିର କେତେଜଣ ସଦସ୍ୟ ହିଂସାକାଣ୍ଡ ଭିଆଇଛନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ଲଜ୍ଜାଜନକ ବୋଲି ସୁପ୍ରିୟୋ ଟୁଇଟ୍ କରିଛନ୍ତି। ଏହାସହ ରାଣୀଗଞ୍ଜ ବିଧାନସଭା ଆସନର ବୁଥ୍ ନମ୍ବର ୧୬୯, ୧୧୩ ଓ ୨୧୮କୁ ଟିଏମ୍‌ସି ପକ୍ଷରୁ କ୍ୟାପ୍‌ଚର କରାଯାଇଥିବା ସେ ଅଭିଯୋଗ ଆଣିଛନ୍ତି।

ଏତଦ୍‌ବ୍ୟତୀତ ବୀରଭୂମ ଆସନର ନାନୁର, ରାମପୁରହାଟ, ନଲହାଟୀ ଓ ସିଉରି ଅଞ୍ଚଳରେ ଟିଏମ୍‌ସି ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ଅନେକ ସମର୍ଥକ ଆହତ ହୋଇଛନ୍ତି। ସେହିପରି ଦୁବ୍ରାଜପୁର ଅଞ୍ଚଳରେ ଭୋଟରମାନଙ୍କୁ ମୋବାଇଲ ନେଇ ବୁଥ୍‌କୁ ଯିବାକୁ ଅନୁମତି ମିଳି ନ ଥିଲା। ଏହାକୁ ନେଇ ମତଦାତା ଓ କେନ୍ଦ୍ରୀୟ ସୁରକ୍ଷା ବଳ ମଧ୍ୟରେ ଗଣ୍ଡଗୋଳ ହୋଇଛି। ସୁରକ୍ଷା ବଳ ଭିଡ଼କୁ ଆୟତ୍ତ କରିବାକୁ ଯାଇ ବ୍ଲାଙ୍କ ଫାୟାର କରିବା ପରେ ମତଦାନ ସ୍ଥଗିତ କରାଯାଇଛି। ପଶ୍ଚିମବଙ୍ଗ ହିଂସାକୁ ନେଇ ନିର୍ବାଚନ କମିଶନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରୁ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ଟିଏମ୍‌ସିର ଅଭିଯୋଗ କ୍ରମେ ସୁପ୍ରିୟୋଙ୍କ ନାମରେ ମାମଲା ମଧ୍ୟ ଦାଏର ହୋଇଛି।

## କେନ୍ଦ୍ରମନ୍ତ୍ରୀ ସୁପ୍ରିୟୋଙ୍କ କାର୍ ଭାଙ୍ଗିଲେ

ଅନ୍ୟପକ୍ଷରେ ଟିଏମ୍‌ସି କର୍ମୀମାନେ ରାଜ୍ୟରେ ଗଣତନ୍ତ୍ରକୁ ଅପହରଣ କରିନେଇଛନ୍ତି ବୋଲି ଭାଜପାର ପ୍ରତିନିଧି ଦଳ ଇସିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହାସହ ପଶ୍ଚିମବଙ୍ଗ ହିଂସାକୁ ନେଇ ସମସ୍ତ ବୁଥ୍‌ରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ପାଇଁ ଭାଜପା ପକ୍ଷରୁ ଦାବି କରାଯାଇଛି। ପ୍ରତିନିଧି ଦଳରେ କେନ୍ଦ୍ରମନ୍ତ୍ରୀ ମୁଖ୍‌ତାର ଅବାସ ନକ୍‌ଭୀ ଓ ବିଜୟ ଗୋଏଲଙ୍କ ସମେତ ଭାଜପାର ମିଡିଆ ପ୍ରଭାରୀ ଅନିଲ ବାଲୁନି ସାମିଲ ଥିଲେ। ସେପଟେ ଟିଏମ୍‌ସିର ଏକ ପ୍ରତିନିଧି ଦଳ ମଧ୍ୟ ଇସିଙ୍କ ନିକଟରେ ଭାଜପା ଏବଂ କେନ୍ଦ୍ରୀୟ ବଳ ବିରୋଧରେ ଫେରାଦ ହୋଇଛି। ଭାଜପା ପ୍ରାର୍ଥୀମାନେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି। ରାଜ୍ୟରେ ମୁତୟନ ହୋଇଥିବା କେନ୍ଦ୍ରୀୟ ବଳ ଲୋକଙ୍କ ମନରେ ଆତଙ୍କ ଖେଳାଇଛି। ମୁକ୍ତ ଓ ଅବାଧ ନିର୍ବାଚନ ହେଉ ବୋଲି ସୁରକ୍ଷା ବଳ ଚାହୁଁ ନ ଥିବା ଏଥରୁ ମନେହେଉଛି ବୋଲି ଉଲ୍ଲେଖ କରି ଟିଏମ୍‌ସି ନେତା ଚନ୍ଦନ ମିତ୍ର ଓ ଶାନ୍ତା ଛେତ୍ରି ଇସିଙ୍କୁ ଦୁଇଟି ପତ୍ର ଦେଇଛନ୍ତି।

## ଇତିହାସର ଆଇନାରେ
### ଏପ୍ରିଲ ୩୦ର ପ୍ରମୁଖ ଘଟଣା

୨୦୧୨ ଏପ୍ରିଲ ୩୦ରେ ବ୍ରହ୍ମପୁତ୍ର ନଦୀରେ ଏକ ନୌକା ବୁଡ଼ିଯିବା ଫଳରେ ଅନ୍ୟୂନ ୧୦୩ ଲୋକଙ୍କ ମୃତ୍ୟୁ ଘଟିଥିଲା। ବ୍ରହ୍ମପୁତ୍ର ନଦୀ ମାନସରୋବରରୁ ବାହାରି ହିମାଳୟର ଉତ୍ତର ଭାଗରେ ପ୍ରବାହିତ ହେଉଛି। ଏହା ଭୁଟାନ ଦେଇ ଭାରତର ଜୋଗିଘୋପାକୁ ଯୋଗ କରୁଛି।

୨୦୧୪ ଏପ୍ରିଲ ୩୦ରେ ଚାଇନାର ଏକ ସ୍ୱୟଂଶାସିତ ଅଞ୍ଚଳ ଜିନ୍‌ଜିଆଙ୍ଗ ୟୁଗୁର ରାଜଧାନୀ ଉରୁମ୍‌କିରେ ବୋମା ବିସ୍ଫୋରଣ ଯୋଗୁ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭୯ଜଣ ଆହତ ହୋଇଥିଲେ। ଚାଇନାର ଟାଙ୍ଗ୍‌ବଂଶର ଶାସନ କାଳରେ ଏହା ଏକ ବୃହତ୍ ବ୍ୟବସାୟିକ କେନ୍ଦ୍ର ଥିଲା ଏବଂ ଏହା ମଧ ଦେଇ ସିଲ୍‌କ ରୋଡ ଯାଇଥିଲା।

# ଉମା ଭାରତୀଙ୍କୁ ଭେଟି କାନ୍ଦିଲେ ପ୍ରଜ୍ଞା

ଭୋପାଳ,୨୯।୪(ପି.ଟି.)

ମାଲେଗାଁଓ ବିସ୍ଫୋରଣର ଅଭିଯୁକ୍ତ ତଥା ମଧ୍ୟପ୍ରଦେଶର ଭୋପାଳ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ପ୍ରଜ୍ଞା ସିଂ ଠାକୁର ସୋମବାର କେନ୍ଦ୍ରମନ୍ତ୍ରୀ ଉମା ଭାରତୀଙ୍କୁ ଶ୍ୟାମଲା ହିଲ୍‌ସ୍ଥିତ ବାସଭବନରେ ଭେଟିବା ପରେ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଉମା ଭାରତୀ ଅତୀତରେ ଭୋପାଳରୁ ଜିତିଥିଲେ ହେଁ ଏଥର ନିର୍ବାଚନ ଲଢୁନାହାନ୍ତି। ପ୍ରଜ୍ଞା ତାଙ୍କୁ ଭେଟିବାକୁ ଯାଇ ଫେରୁଥିବାବେଳେ ଭାଙ୍ଗିପଡ଼ିଥିଲେ। ବିଦାୟ ନେବାବେଳେ ପ୍ରଜ୍ଞାଙ୍କ ଆଖିରୁ ଲୁହ ଝରିଥିଲା। ଜନସାଧାରଣ ଓ ଗଣମାଧ୍ୟମ କର୍ମୀଙ୍କ ସାମ୍ନାରେ ଉମା ଭାରତୀ ତାଙ୍କର ଲୁହ ପୋଛିଦେଇଥିଲେ। ଏହି ଆସନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂଙ୍କୁ ଦଳ ଟିକେଟ ଦେଇଛି।



# ପ୍ରାର୍ଥୀପତ୍ର ଦାଖଲ କଲେ ସନ୍ନି ଦେଓଲ, ଶତ୍ରୁଘ୍ନ ସିହ୍ନା

**ଚଣ୍ଡିଗଡ଼/ପାଟନା,୨୯।୪(ପି.ଟି.)-** ଅଭିନେତା ତଥା ଭାଜପା ପ୍ରାର୍ଥୀ ସନ୍ନି ଦେଓଲ ସୋମବାର ପଞ୍ଜାବର ଗୁର୍‌ଦାସପୁର ଲୋକ ସଭା ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସୋମବାର ସକାଳେ ଅମୃତସରସ୍ଥିତ ସ୍ୱର୍ଣ୍ଣମନ୍ଦିର ଏବଂ ଦୁର୍ଗିଆନା ମନ୍ଦିରରେ ପୂଜାର୍ଚ୍ଚନା କରିବାପରେ ଦେଓଲ ତାଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ସମୟରେ ତାଙ୍କ ସାଥିରେ ଥିଲେ ତାଙ୍କ ଭାଇ ବବି ଦେଓଲ, ଅକାଳୀ ଦଳ ନେତା ଗୁର୍‌ବଚନ ସିଂ ବାବେହାଲି ଏବଂ ଅନ୍ୟ ନେତୃବୃନ୍ଦ। ସେହିପରି କଂଗ୍ରେସ ପ୍ରାର୍ଥୀ ତଥା ଅଭିନେତାରୁ ରାଜନେତା ପାଲଟିଥିବା ଶତ୍ରୁଘ୍ନ ସିହ୍ନା ସୋମବାର ବିହାରର ପାଟନାସାହିବ ଲୋକ ସଭା ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଉକ୍ତ ଆସନରେ ଶେଷ ପର୍ଯ୍ୟାୟ ମେ ୧୯ରେ ମତଦାନ ହେବ। ପୂର୍ବରୁ ଏମ୍‌ପି ଥିବା ସିହ୍ନା ଭାଜପା ଛାଡି ଏପ୍ରିଲ ୬ରେ କଂଗ୍ରେସରେ ଯୋଗ ଦେଇଥିଲେ।



# ମତଦାନ କଲେ ହେଭିୱେଟ୍







## ପାୱାର, ଉଦ୍ଧବ, ଇରାନୀ

**ମୁମ୍ବାଇ,୨୯।୪(ପି.ଟି.):** ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି ଅଧ୍ୟକ୍ଷ ଶରଦ ପାୱାର, ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ଏବଂ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ଭଳି ହେଭିୱେଟ୍ ନେତା ଏଠାରେ ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ମହାରାଷ୍ଟ୍ରର ୧୭ ଲୋକ ସଭା ଆସନ ପାଇଁ ସୋମବାର ଭୋଟ ନିଆଯାଇଥିବା ବେଳେ ତନ୍ମଧ୍ୟରେ ମୁମ୍ବାଇ ନଗରୀରେ ୬ଟି ଆସନ ଅନ୍ତର୍ଭୁକ୍ତ। ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ ଠାକ୍‌ରେ ଏବଂ ତାଙ୍କ ସ୍ତ୍ରୀ ଶର୍ମିଳାଙ୍କୁ ଭୋଟଦେବା ପାଇଁ ଶିବାଜୀ ପାର୍କ ଅଞ୍ଚଳର ଏକ ମତଦାନ କେନ୍ଦ୍ରରେ ଘଣ୍ଟାଏରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡିଥିଲା।

ଉଦ୍ଧବ ଠାକ୍‌ରେ, ତାଙ୍କ ସ୍ତ୍ରୀ ରଶ୍ମି ଏବଂ ପୁଅ ଆଦିତ୍ୟ ବାନ୍ଦ୍ରାଇଷ୍ଟସ୍ଥିତ ମ୍ୟୁନିସିପାଲ ସ୍କୁଲ୍‌ରେ ମତଦାନ କରିଥିଲେ। ପାୱାର, ତାଙ୍କ ଜ୍ୱାଇଁ ସଦାନନ୍ଦ ସୁଲେ ଏବଂ ନାତୁଣୀ ରେବତୀ ସୁଲେଙ୍କ ସହିତ ଯାଇ ମତଦାନ କରିଥିଲେ।

ଉତ୍ତରପ୍ରଦେଶର ଆମେଠିରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା କେନ୍ଦ୍ରମନ୍ତ୍ରୀ ତଥା ଭାଜପା ପ୍ରାର୍ଥୀ ସ୍ମୃତି ଇରାନୀ ମଧ୍ୟ ମୁମ୍ବାଇରେ ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି।

## ଅନିଲ ଅମ୍ବାନି, ମହାଜନ, ଦେଓରା

**ମୁମ୍ବାଇ:** ଭାଜପା ସାଂସଦ ପୁନମ ମହାଜନ, ଶିଳ୍ପପତି ଅନିଲ ଅମ୍ବାନି ମୁମ୍ବାଇରେ ସୋମବାର ଚତୁର୍ଥ ପର୍ଯ୍ୟାୟରେ ମତାଧିକାର ସାବ୍ୟସ୍ତ କରିଛନ୍ତି। ରାଜ୍ୟ ଶିକ୍ଷାମନ୍ତ୍ରୀ ବିନୋଦ ତୱାଡେ, ମୁମ୍ବାଇ-ନର୍ଥ ଇଷ୍ଟର ଭାଜପା ପ୍ରାର୍ଥୀ ମନୋଜ କୋଟାକ ଏବଂ ମୁମ୍ବାଇ-ସେଣ୍ଟ୍ରାଲ୍‌ର କଂଗ୍ରେସ ପ୍ରାର୍ଥୀ ଏକନାଥ ଗାଏକୱାଡ ଦିବସର ପ୍ରାରମ୍ଭରେ ମତଦାନ କରିଥିଲେ।



କେନ୍ଦ୍ରମନ୍ତ୍ରୀ ସୁଭାଷ ଭାମ୍‌ରେ (ଧୁଳେ ଆସନ), କଂଗ୍ରେସ ନେତା ମିଲିନ୍ଦ ଦେଓରା (ମୁମ୍ବାଇ-ଦକ୍ଷିଣ) ଏବଂ ଉର୍ମିଳା ମାତୋଣ୍ଡକର (ମୁମ୍ବାଇ-ଉତ୍ତର) ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିସହିତ ମୁମ୍ବାଇ-ନର୍ଥ ସେଣ୍ଟ୍ରାଲରୁ କଂଗ୍ରେସର ପ୍ରିୟା ଦତ୍ତ ଏବଂ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ପୁତୁରାଙ୍କ ପୁଅ ପାର୍ଥ ପାୱାର ମାଭାଲ ଆସନରୁ ପ୍ରାର୍ଥୀ ହୋଇଛନ୍ତି।

## ଭୋଟଦାନ କଲେ କମଲ ନାଥ

**ଛିନ୍ଦୱାରା:** ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲ ନାଥ ଛିନ୍ଦୱାରା ଜିଲାର ଏକ ପୋଲିଂ ବୁଥ୍‌ରେ ମତଦାନ କରିଛନ୍ତି। ତାଙ୍କ ପୁଅ ନକୁଲ ନାଥ ଛିନ୍ଦୱାରା ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମୁଖ୍ୟମନ୍ତ୍ରୀ, ତାଙ୍କ ସ୍ତ୍ରୀ, ପୁତ୍ର ଏବଂ ବୋହୂ ମତଦାନ କରିବା ପାଇଁ ସକାଳ ୮ଟାରେ ଶିକାପୁରସ୍ଥିତ ଏକ ପୋଲିଂ ବୁଥ୍‌ରେ ପହଞ୍ଚିଥିଲେ। ଏହି ସମୟରେ ବିଜୁଳି ଚାଲିଯିବାରୁ କମଲନାଥ ଖବରଦାତାଙ୍କ କ୍ୟାମେରାର ଫ୍ଲାଶ ଲାଇଟ୍‌ରେ ମତଦାନ କରିଥିଲେ। ୨୫-୩୦ ମିନିଟ ପରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଥିଲା।



ସୂଚନାଯୋଗ୍ୟ ଯେ, ଛିନ୍ଦୱାରା ବିଧାନସଭା ଆସନ ପାଇଁ ଉପନିର୍ବାଚନ ହେଉଛି। ଏଠାରେ କମଲ ନାଥ ମଧ୍ୟ ପ୍ରାର୍ଥୀ ହୋଇଛନ୍ତି। କାରଣ ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ ହୋଇଥିବାରୁ ସେ ବିଧାୟକ ଭାବେ ନିର୍ବାଚିତ ହେବା ଆବଶ୍ୟକ।

# ତୈମୁରଙ୍କୁ ସାଥିରେ ନେଇ ଭୋଟ ଦେବାକୁ ଗଲେ କରୀନା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କରୀନା କପୁର ସୋମବାର ତାଙ୍କ ଦୁଇ ବର୍ଷର ପୁତ୍ର ତୈମୁରଙ୍କୁ ସାଥିରେ ନେଇ ଭୋଟ ଦେବାକୁ ଯାଇଥିଲେ। ସେ ଏକ ଧଳା ଟି-ଶାର୍ଟ ଏବଂ ଜିନ୍ସ ପ୍ୟାଣ୍ଟ ପରିଧାନ କରିଥିବାବେଳେ ତୈମୁର ଏକ କମଳା ରଙ୍ଗର ଟି-ଶାର୍ଟ ଏବଂ ସବୁଜ ପ୍ୟାଣ୍ଟ ପିନ୍ଧିଥିବା ଦେଖାଯାଇଥିଲା। ମତଦାନ କରି ସାରିବା ପରେ କରୀନା ତାଙ୍କ କାଳିଦାଗ ଚିହ୍ନିତ ଅଙ୍ଗୁଳି ଦେଖାଇ ଫଟୋଗ୍ରାଫରଙ୍କୁ ପୋଜ୍ ଦେଇଥିଲେ।

ଇତିମଧ୍ୟରେ କରୀନା 'ଗୁଡ୍ ନ୍ୟୁଜ୍'ର ଶୁଟିଂ ସାରି ଫେରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର, ଦିଲ୍‌ଜିତ ଦୋସାଞ୍ଜ ଏବଂ କାଏରା ଆଡଭାନୀ ଅଭିନୟ କରିଛନ୍ତି। କରୀନା ମଧ୍ୟ କରନ୍ ଜୋହରଙ୍କ ଏକ ପିରିୟଡ୍ ଫିଲ୍ମ 'ତଖତ'ରେ ଦେଖିବାକୁ ମିଳିବେ। ଏଥିରେ ରଣବୀର ସିଂ, ଅନିଲ କପୁର, ଆଲିଆ ଭଟ୍, ଭିକି କୌଶଲ, ଭୂମି ପେଡନକର ଏବଂ ଜାହ୍ନବୀ କପୁର ଅଭିନୟ କରିଛନ୍ତି।



# ମତଦାନର ମୁହୂର୍ତ୍ତ


ଗରଦପୁର ବ୍ଲକ ତଲକୁସୁମା ୟୁପି ସ୍କୁଲ ମତଦାନ କେନ୍ଦ୍ରରେ ବିଜୟ ମହାପାତ୍ର


ତିର୍ତ୍ତୋଲ ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁ ଚରଣ ଦାସ


ଆଳି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ


କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାର ଏକ ବୁଥ୍‌କୁ ଜଣେ ବୃଦ୍ଧାଙ୍କୁ ନିଆଯାଉଛି


ଭଦ୍ରକ ଜିଲା ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ଭଦ୍ରକ ଲୋକ ସଭା ବିଜେଡି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଭୋଟ ଦେଇଛନ୍ତି


ମତଦାନ କେନ୍ଦ୍ର ସମ୍ମୁଖରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ


ଜଗତ୍‌ସିଂହପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ଚିରଞ୍ଜୀବ ବିଶ୍ୱାଳ


ଜଗତ୍‌ସିଂହପୁର ବିଜେଡି ଏମ୍‌ପି ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକ


ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ


କୋରେଇ ବିଧାୟକ ଆକାଶ ଦାସନାୟକ


ଭୋଗରାଇ ବିଜେଡି ବିଧାୟକ ପ୍ରାର୍ଥୀ ଅନନ୍ତ ଦାସ ମତଦାନ କରୁଛନ୍ତି


ମତଦାନ କେନ୍ଦ୍ରରେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥିନୀ ପ୍ରମିଳା ମଲ୍ଲିକ


ରାଜନଗର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଂଶୁମାନ ମହାନ୍ତି


ଆଳି ବିଧାୟକ ଦେବେନ୍ଦ୍ର ଶର୍ମା ଭୋଟଦାନ କରି ଫେରୁଛନ୍ତି


ନିମାପଡ଼ାର ବିଜେଡି ବିଧାୟକ ପ୍ରାର୍ଥୀ ସମୀର ରଞ୍ଜନ ଦାଶ


ନିମାପଡ଼ାର ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡ଼ା


ମତଦାନ ପାଇଁ ଧାଡ଼ିରେ ଥିବା ବାଲେଶ୍ୱର ବିଜେଡି ଏମ୍‌ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନା ଓ ତାଙ୍କ ପତ୍ନୀ


ହାଇକୋର୍ଟ ବିଚାରପତି ଦେବବ୍ରତ ଦାଶ ବାରିପଦା ସହରର ଏକ ବୁଥରେ ଭୋଟ ଦେଇଛନ୍ତି


ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ ମତଦାନ କରି ଫେରୁଛନ୍ତି


ଭୋଟଦାନ ପରେ ଭଦ୍ରକ ଭାଜପା ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ


ନିମାପଡ଼ା ବିଧାନସଭା କଂଗ୍ରେସ ପ୍ରାର୍ଥୀ ଦିଲୀପ ନାୟକ


କାକଟପୁର ବିଧାନସଭା ଆସନ ବିଜେଡି ପ୍ରାର୍ଥୀ ତୁଷାରକାନ୍ତି ବେହେରା


ମତଦାନ ପାଇଁ ବାଲେଶ୍ୱର ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଧାଡ଼ିରେ ଛିଡ଼ା ହୋଇଛନ୍ତି


ଭୋଟ ଦେଇସାରିବା ପରେ ଓଡିଆ ସିନେ ତାରକା ତଥା ନିର୍ଦ୍ଦେଶକ ଅସିତ ପତି


ବାସୁଦେବପୁର ବିଜେଡି ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ମତଦାନ କରୁଛନ୍ତି



ପୋଲିଂ ବୁଥରେ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ


କାକଟପୁର କଂଗ୍ରେସ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ


କାକଟପୁର ଭାଜପା ବିଧାୟକ ପ୍ରାର୍ଥୀ ରବି ମଲ୍ଲିକ


ଯାଜପୁର ବିଜେଡି ଏମ୍‌ପି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ ।


ଯାଜପୁର ବିଧାନସଭା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବପ୍ରକାଶ ଦାସ ।


ମତଦାନ ପରେ ମୟୂରଭଞ୍ଜ ଜିଲାପାଳ ବିନିତ ଭରଦ୍ୱାଜ


ନୀଳଗିରି ଭାଜପା ବିଧାୟକ ପ୍ରାର୍ଥୀ ସୁକାନ୍ତ ନାୟକ


ବାଲେଶ୍ୱର ସଦର ଭାଜପା ବିଧାୟକ ପ୍ରାର୍ଥୀ ମଦନମୋହନ ଦତ୍ତ


ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଝଙ୍କଡ଼ି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମତଦାନ କରିଥିବା ୧୦୪ ବର୍ଷୀୟା ବୃଦ୍ଧା ନଳିନୀ ଦେ


ଗରସଙ୍ଗ ବୁଥରେ ଭଦ୍ରକ କଂଗ୍ରେସ ଏମ୍‌ପି ପ୍ରାର୍ଥିନୀ ମଧୁମିତା ସେଠୀ ଓ ସିମୁଳିଆ ବିଧାୟକ ପ୍ରାର୍ଥୀ ଅନନ୍ତ ସେଠୀ ଭୋଟ ଦେବାକୁ ଯାଉଛନ୍ତି


ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ଆବୋଲି ନରୱାଣେ ଭୋଟ ଦେଇଛନ୍ତି


ଅଲ୍‌ଇଣ୍ଡିଆ ଫରୱାର୍ଡ ବ୍ଲକ୍ ବିଧାୟକ ପ୍ରାର୍ଥୀ ଲକ୍ଷ୍ମୀଧର ଗିରି


ସିମୁଳିଆ ଭାଜପା ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ମତଦାନ ଚିହ୍ନ ଦେଖାଉଛନ୍ତି


ନୀଳଗିରିରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ମନୋଜ ମଞ୍ଜରୀ ଦେବୀ ପରିବାର ସହ ଭୋଟ ଦେଇ ଫେରୁଛନ୍ତି


ମୟୂରଭଞ୍ଜ ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଦେବାଶିଷ ମାରାଣ୍ଡି ପତ୍ନୀଙ୍କ ସହିତ ଆସି ଭୋଟ ଦେଇଛନ୍ତି

## ସଂକ୍ଷେପରେ

■ସିଜେଆଇଙ୍କ ବିରୋଧରେ ଅଭିଯୋଗ ପ୍ରକାଶନ ମାମଲା

### ମିଡିଆ କଟକଣା ଆବେଦନ ଖାରଜ

ନୂଆଦିଲ୍ଲୀ ,୨୯।୪(ପି.ଟି.)
ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ବିରୋଧରେ ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ ଆଣିଥିବା ଯୌନଶୋଷଣ ଅଭିଯୋଗ ଘଟଣା ପ୍ରକାଶନ ନେଇ ମିଡିଆ ଉପରେ କଟକଣା ଲଗାଇବାକୁ କରାଯାଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଗ୍ରହଣ କରିନାହାନ୍ତି। ଜଷ୍ଟିସ ରାଜେନ୍ଦ୍ର ମେନନ୍ଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଏକ ଏନ୍ଜିଓ ଦ୍ୱାରା କରାଯାଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ ଏନେଇ କହିଛନ୍ତି ଯେ, ସର୍ବୋଚ୍ଚ ଅଦାଲତ ଘଟଣାର ତଦନ୍ତ କରୁଥିବାବେଳେ ଏହା ଉପରେ ଅଧିକ ହସ୍ତକ୍ଷେପର ଆବଶ୍ୟକତା ନାହିଁ।

ସିଜେଆଇଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପର୍କିତ ଖବର ପ୍ରକାଶନ ଦ୍ୱାରା ଭାରତୀୟ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଭାବ ପଡିବ ବୋଲି କହୁଥିବା ଏନ୍ଜିଓକୁ ଖଣ୍ଡପୀଠ ସୁପ୍ରିମକୋର୍ଟ ଯିବାକୁ କହିଛନ୍ତି। ପ୍ରକାଶଥାଉ କି, ସୁପ୍ରିମକୋର୍ଟଙ୍କ ତିନିଜଣିଆ ବିଚାରପତି ପ୍ୟାନେଲ ଏହି ଅଭିଯୋଗର ତଦନ୍ତ କରୁଥିଲାବେଳେ ଏହା ଶେଷ ହେବା ପର୍ଯ୍ୟନ୍ତ ଏସମ୍ପର୍କିତ କୌଣସି ଖବର ପ୍ରକାଶନ ଓ ପ୍ରସାରଣ ଉପରେ ତୁରନ୍ତ କଟକଣା ଲଗାଇବା ଲାଗି ଏନ୍ଜିଓ ପକ୍ଷରୁ ଆବେଦନ କରାଯାଇଥିଲା। ଏହି ଘଟଣାରେ ଦେଶବିରୋଧୀ ତତ୍ତ୍ୱ ସାମିଲ ଥିବାରୁ ଏହାର ପ୍ରସାରଣ ଓ ପ୍ରକାଶନ ଉପରେ କଟକଣା ନ ଲାଗିଲେ ଭାରତୀୟ ନ୍ୟାୟ ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ତୁଟିଯିବ ବୋଲି ଆବେଦନରେ ଦର୍ଶାଯାଇଥିଲା।

### ମଧୁବାବୁଙ୍କ ଜୟନ୍ତୀ ସମାରୋହ

ତାଳଚେର,୨୯।୪(ନି.ପ୍ର)-
ତାଳଚେର ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ରଞ୍ଜିତ କୁମାର ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ଅରୁଣ ଶଙ୍କର ମିଶ୍ର, ଦେବୀ ପ୍ରସାଦ ରଥ, ଯଦୁମଣି ସାହୁ, ହରେକୃଷ୍ଣ ପାତ୍ର, ଛବି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ଭାବେ ଏଡିଜେ ତାଳଚେର ଲୁନା ମହାନ୍ତି, ସବଜଜ୍ ତାଳଚେର ସୌମ୍ୟା ଶୁଭଦର୍ଶିନୀ,ଏସ୍ଡିଜେଏମ୍ ତାଳଚେର ଜୀବନ କୁମାର ପଟ୍ଟନାୟକ ଯୋଗଦେଇ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଂଘ ଉପସଭାପତି ସର୍ବେଶ୍ୱର ନାଏକ ଧନ୍ୟବାଦ ଦେଇଥିଲେ।

# ସ୍ୱଚ୍ଛ ହୋଇପାରିନି କାଣ୍ଡସର ଗୋଚ୍ଛାୟତସାହି


ମହିଳାମାନେ ପଡ଼ିଆକୁ ଶୌଚ ହେବା ପାଇଁ ବାହାରିଛନ୍ତି।

■କାହାରି ଘରେ ପାଇଖାନା ନାହିଁ
■ଖୋଲାରେ ଶୌଚ ହେଉଛନ୍ତି ସାହିବାସୀ

ବଅଁରପାଳ, ୨୯।୪ (ଡି.ଏନ୍.ଏ)

ଦେଶ ହେବ ସ୍ୱଚ୍ଛ, ଖୋଲା ମଳମୁକ୍ତ। ଏଥିପାଇଁ କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ଜରିଆରେ ଘରେ ଘରେ ପାଇଖାନା ନିର୍ମାଣ ପାଇଁ ଗୁରୁତ୍ୱ ଦେଉଛନ୍ତି। ସଚେତନତା ନାଁରେ ବ୍ୟାପକ ଅର୍ଥ ମଧ୍ୟ ଖର୍ଚ୍ଚ ହେଉଛି। ତଥାପି ଏ ପର୍ଯ୍ୟନ୍ତ ଅନେକ ଗାଁରେ ଏହି ଯୋଜନାର ଗନ୍ଧ ବାରିପାରିନାହାନ୍ତି ଲୋକେ। ଯାହା ଅନୁଗୋଳ ଜିଲା ବଅଁରପାଳ ବ୍ଲକ କାଣ୍ଡସର ଗୋଚ୍ଛାୟତସାହିରେ ଦେଖିବାକୁ ମିଳିଛି। ସାହିର କାହାରି ଘରେ ବି ପାଇଖାନାଟିଏ ନ ଥିବାରୁ ସାହିବାସୀ ଖୋଲା ପଡିଆରେ ଶୌଚ କରୁଛନ୍ତି। ଏଥିଯୋଗୁ ପରିବେଶ ପୂତି ଗନ୍ଧମୟ ହେବା ସହ ଲୋକେ ମଧ୍ୟ ହଇରାଣ ହେଉଛନ୍ତି।

ସାହିରେ ପ୍ରାୟ ୩୫ ପରିବାରର ୩ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ବିକାଶ ଠାରୁ ଗାଁ ବହୁ ଦୂରରେ ଥିବାବେଳେ ଏଠାକାର ଲୋକେ ମୌଳିକ ସୁବିଧାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ସ୍ୱାସ୍ଥ୍ୟ, ବିଦ୍ୟୁତ୍ ସେବା, ରାସ୍ତା ସମସ୍ୟାରେ ଲୋକେ ଯୁଝି ହେଉଥିବାବେଳେ ପରିମଳ ବ୍ୟବସ୍ଥା ଅଭାବରୁ ଲୋକେ ନାନା ହଇରାଣ ହେଉଛନ୍ତି। ସାହିର କୌଣସି ଜଣଙ୍କ ଘରେ ମଧ୍ୟ ପାଇଖାନା ନ ଥିବାରୁ ମହିଳା, ପୁରୁଷଙ୍କ ସମେତ ଛୋଟ ଛୋଟ ପିଲାମାନେ ମଧ୍ୟ ଘରଠାରୁ କିଛି ଦୂରରେ ଥିବା ପଡିଆକୁ ଯାଇ ଖୋଲାରେ ଶୌଚ ହେଉଛନ୍ତି। ବର୍ଷା ହେଲେ ଲୋକେ ଅଧିକ ଅସୁବିଧା ଭୋଗୁଛନ୍ତି। ଅନ୍ୟପକ୍ଷରେ ବର୍ଷା ଦିନେ ଲୋକେ ଏଥିଯୋଗୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସାହିର ଅଧିକାଂଶ ଲୋକ ହିତାଧିକାରୀ ହୋଇଥିଲେ ହେଁ ଏ ପର୍ଯ୍ୟନ୍ତ କାହାରି ଘରେ ପାଇଖାନା ନିର୍ମାଣ କରାଯାଇ ନ ଥିବା ନେଇ ଅସନ୍ତୋଷ ଦେଖାଦେଇଛି।

ଏ ସମ୍ପର୍କରେ ସାହିର ପାଞ୍ଚାଳି ଗୋଚ୍ଛାୟତ, ଲତା ଗୋଚ୍ଛାୟତ, କିଶୋର ଗୋଚ୍ଛାୟତ, ଶୋଭାଗିନୀ ଗୋଚ୍ଛାୟତ, କୁନା ଗୋଚ୍ଛାୟତ ପ୍ରମୁଖ କୁହନ୍ତି, ଆମ ସାହିରେ ଅନେକ ସମସ୍ୟା ରହିଥିଲେ ମଧ୍ୟ ସମାଧାନ ପାଇଁ କାହାରି ଦୃଷ୍ଟି ପଡୁନାହିଁ। ଘରେ ଘରେ ପାଇଖାନା ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଥିବାବେଳେ ଆଜି ପର୍ଯ୍ୟନ୍ତ ସାହିରେ କାହାରି ଘରେ ପାଇଖାନାଟିଏ ନାହିଁ। ଫଳରେ ଏଠାରୁ ବହୁ ଦୂରକୁ ଯାଇ ଶୌଚ ହେବାକୁ ପଡୁଛି। ଏଥିଯୋଗୁ ଅନେକ ସମୟରେ ବିଭିନ୍ନ ଅସୁବିଧା ମଧ୍ୟ ହେଉଛି। ଏ ସମ୍ପର୍କରେ ବଅଁରପାଳ ବିଡିଓ ସ୍ୱରୂପା ନନ୍ଦ ସାହୁ କୁହନ୍ତି, ନିର୍ବାଚନ ପାଇଁ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟ ଟିକେ ଧିମେଇ ଯାଇଛି। ନିର୍ବାଚନ ପରେ ଏହି କାମକୁ ଦ୍ରୁତଗତିରେ କରାଯିବ। ଯେଉଁମାନଙ୍କର ପାଇଖାନା ହୋଇନାହିଁ ସେମାନେ ଏଥିରେ ନିଶ୍ଚିତ ଉପକୃତ ହେବେ।

# ଓଡ଼ିଶାର ଉନ୍ନତି ଥିଲା ମଧୁବାବୁଙ୍କ ମୂଳ ଲକ୍ଷ୍ୟ


ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯାଉଛି।

ଅନୁଗୋଳ ଅଫିସ, ୨୯।୪

ଅନୁଗୋଳ ଜିଲାର ଉତ୍କଳ ସମ୍ମିଳନୀ ଓ ନାଲ୍କୋ ନଗର ମଧୁସ୍ମିତା କମିଟି ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୨ ତମ ଜୟନ୍ତୀ ସ୍ଥାନୀୟ ମଧୁସୂଦନ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଜିଲା ସମ୍ପାଦକ ଇଂ. ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରେଢ଼ାଖୋଲ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ଶିଶିର କୁମାର ମିଶ୍ର ମୁଖ୍ୟଅତିଥି, ବାଙ୍କି ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଭରତ ଚନ୍ଦ୍ର ସାମନ୍ତରାୟ ଓ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଅମାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସହ ଓଡ଼ିଶାର ସାମଗ୍ରିକ ଉନ୍ନତି ମଧୁବାବୁଙ୍କ ଚିରଲକ୍ଷ୍ୟ ଥିଲା ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ପ୍ରବନ୍ଧକ ଇଂ. ସଚ୍ଚିଦାନନ୍ଦ ପାଢ଼ୀ, ମାମିନା ବେହେରା, ଶାନ୍ତି କୁମାରୀ ନାୟକ ମଧୁବାବୁଙ୍କ ଜୀବନୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସାନନ୍ଦ ଚନ୍ଦ୍ର ପରିଡ଼ା କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ଦାସ, ଗୌରହରି ପାତ୍ର, ରବିନାରାୟଣ ନାଥ, ବିଜୟ ସ୍ୱାଇଁ, ସତ୍ୟଜିତ୍ ବେହେରା ପ୍ରମୁଖ ମଧୁବାବୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସମ୍ମିଳନୀର ଅନୁଗୋଳ ଶାଖା କୋଷାଧ୍ୟକ୍ଷ ଶ୍ରୀକାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଶ୍ରମିକ ଦିବସ ପାଳନ ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ନେପୁର ସଦସ୍ୟମାନେ।

ବଅଁରପାଳ, ୨୯।୪ (ଡ଼ି.ଏନ୍.ଏ)

ଆସନ୍ତା ମେ ୧ ତାରିଖରେ ଶ୍ରମିକ ଦିବସ ପାଳନ ପାଇଁ ନେପୁ ଶ୍ରମିକ ସଙ୍ଗଠନ ପକ୍ଷରୁ ସୋମବାର ସନ୍ଧ୍ୟାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ୟୁନିୟନର ସଭାପତି ବିନୋଦ ବିହାରୀ ସେଠଙ୍କ ସଭାପତିତ୍ୱରେ ଏହି ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ନାଲ୍କୋ ସିପିପି ଓ ସ୍ମେଲଟର ପ୍ଲାଣ୍ଟରେ ପ୍ରତି ମାସରେ କର୍ମଚାରୀମାନେ ଅବସର ନେଉଥିବାବେଳେ ନୂତନ ନିଯୁକ୍ତି କରାଯାଉ ନ ଥିବାରୁ ନାଲ୍କୋ ପ୍ଲାଣ୍ଟରେ ମ୍ୟାନ ପାୱାର ହ୍ରାସ ପାଉଛି। ଏଥିଯୋଗୁ ପ୍ଲାଣ୍ଟରେ କାମ କରୁଥିବା ଅନ୍ୟ ଶ୍ରମିକଙ୍କ ଉପରେ ଚାପ ପଡୁଛି ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଥିଲା। ଏଥିସହ ଶ୍ରମିକ ଦିବସ ପାଳନ ଉପରେ ଆଲୋଚନା ହୋଇଥିଲା। ବୈଠକରେ ସାଧାରଣ ସମ୍ପାଦକ ମାଙ୍ଗିଲାଲ ସାମଲ, କାର୍ଯ୍ୟକାରୀ ସଭାପତି ଅଜୟ ଦାସ, ସମ୍ପାଦକ ଦିଲୀପ ସାମଲ, ସଞ୍ଜୟ ପ୍ରଧାନ, ପ୍ରଶାନ୍ତ ସାହୁ, ଭାସ୍କର ସାହୁ, ସୁଜିତ କୁମାର ସାହୁ ପ୍ରମୁଖଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ହୋଟେଲରୁ ମଦ ଓ ଫ୍ରିଜ୍ ଜବତ

ଖୁଣ୍ଟା,୨୯।୪(ଡି.ଏନ୍.ଏ)
ନିର୍ବାଚନ ପାଇଁ ସବୁ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ରହିଥିବା ସୁଯୋଗରେ କିଛି ଅସାଧୁ ବ୍ୟବସାୟୀ ଖୁଲୁମଖୁଲା ମଦ ବିକୁଥିଲେ। ଖୁଣ୍ଟା ଅବକାରୀ ବିଭାଗ ଚଢ଼ାଉ କରି ଡୁକୁରା ବଜାରସ୍ଥିତ ଏକ ହୋଟେଲରୁ ବିପୁଳ ପରିମାଣର ବିଦେଶୀ ମଦ, ବିୟର ଓ ନକଲି ମଦ ଜବତ କରିବା ସହିତ ମଦ ବିକ୍ରିରେ ବ୍ୟବହାର ହେଉଥିବା ଏକ ଫ୍ରିଜ ଜବତ କରଛନ୍ତି। ଏହିଘଟଣାରେ ହୋଟେଲ ମାଲିକଙ୍କୁ ଗିରଫ କରାଯାଇଛି। ଗିରଫ ହୋଟେଲ ମାଲିକ ଡୁକୁରା ଗ୍ରାମର ଲାଲ ମୋହନ ବେହେରା ବୋଲି ଜଣାପଡିଛି । ହୋଟେଲରୁ ବିଦେଶୀ ମଦ ୮. ୬୪୦ ଲିଟର ,ବିୟର ୧୦.୪୦୦ ଲିଟର ଓ ନକଲି ବିଦେଶୀ ମଦ ୨୦ ଲିଟର ଜବତ ହୋଇଛି। ସେହିପରି ଅପରାହ୍ନରେ କରକଟିଆ ଗ୍ରାମର ହରେକୃଷ୍ଣ ନାଏକ ନାମକ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରାଯାଇ ୧୬ .୩୮୦ ଲିଟର ବିଦେଶୀ ମଦ ଓ ୧୨ ଲିଟର ନକଲି ବିଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତ ହରେକୃଷ୍ଣ ଫେରାର ହୋଇଯାଇଥିବାରୁ ତାଙ୍କୁ ଗିରଫ କରାଯାଇନାହିଁ। ବସନ୍ତ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ନିର୍ବାଚନୀ ଫ୍ଲାଇଂ ସ୍କାଡ ଓ ଖୁଣ୍ଟା ଅବକାରୀ ଅଧିକାରୀ ସଞ୍ଜୟ କୁମାର ପଣ୍ଡା,ଏଏସଆଇ କହ୍ନେଇ ମୁର୍ମୁ , ବୁଧଦେବ ମହାନ୍ତ, ତମାନ ପରିଡା ଓ ଦୀପାଞ୍ଜଳି ଦାସ ଚଢାଉରେ ସାମିଲ ଥିଲେ ।

■ଢେଙ୍କାନାଳ ସାଂସ୍କୃତିକ ପରିଷଦର ବୈଠକ

# ବାଜି ରାଉତଙ୍କ ନାମରେ ରାସ୍ତା, ପାର୍କ ନାମକରଣ ଦାବି


ବୈଠକରେ ଉପସ୍ଥିତ ପରିଷଦର ସଦସ୍ୟମାନେ।

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ସ୍ଥାନୀୟ ବୁଦ୍ଧମନ୍ଦିର ସଭାଗୃହରେ ସୋମବାର ଢେଙ୍କାନାଳ ସାଂସ୍କୃତିକ ପରିଷଦ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଲକ୍ଷ୍ମୀନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଆବାହକ ପ୍ରେମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଦେବା ସହ ପରିଷଦର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। କଟକ ଓ ଭୁବନେଶ୍ୱର ଦ୍ୱୈତ ନଗରୀରେ ରହୁଥିବା ଢେଙ୍କାନାଳର ଅଧିବାସୀମାନେ ବହୁଳଭାବେ ଏହି ଅନୁଷ୍ଠାନ ସହ ଯୋଡ଼ିହେବାକୁ ରାଜନାରାୟଣ ତ୍ରିପାଠୀ ଅନୁରୋଧ କରିଥିଲେ। ଅନୁଷ୍ଠାନ ପକ୍ଷରୁ ହୋଇଥିବା ତଥା ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କୃଷ୍ଣଚନ୍ଦ୍ର ଆଇଚ ସୂଚନା ଦେଇଥିଲେ। ରାଜଧାନୀ ଭୁବନେଶ୍ୱରରେ ଶହୀଦ ବାଜି ରାଉତଙ୍କ ସ୍ମାରକୀ ପ୍ରତିଷ୍ଠା କରିବା ସହ ଏକ ରାସ୍ତା ଓ ପାର୍କକୁ ତାଙ୍କ ନାମରେ ନାମିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଢେଙ୍କାନାଳ ଜିଲାରେ ଜନ୍ମିତ ତଥା ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ପୁସ୍ତିକା ପ୍ରକାଶନ ପାଇଁ ବୈଠକରେ ଉଦ୍ଧବ ଚରଣ ନାୟକ ପ୍ରସ୍ତାବ ରଖିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡ. ନୃସିଂହ ପ୍ରସାଦ ତ୍ରିପାଠୀ, ଡ. ସୌରେନ୍ଦ୍ର କୁମାର ମହାପାତ୍ର, ଡ. ସୂର୍ଯ୍ୟନାରାୟଣ ବେହେରା, ଡ. ନିର୍ମଳ ଚନ୍ଦ୍ର ଦାଶ, ଇଂ. ଉମାକାନ୍ତ ପାଣି, ଆଶୁତୋଷ ମିଶ୍ର, ମମତା ଷଡଙ୍ଗୀ, ମମତା ତ୍ରିପାଠୀ, ଦୀପକ ଚୌଧୁରୀ, ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରା ନିଶା କାରବାର ରୋକିବାକୁ ଦାବି




ବଇଣ୍ଡା,୨୯।୪(ଡି.ଏନ.ଏ)

ଗ୍ରାମାଞ୍ଚଳରେ ଏବେ ଚୋରା ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପୋଲିସର ନୀରବତାକୁ ସୁଯୋଗ ନେଇ ମାଫିଆମାନେ ଗଞ୍ଜେଇ ମଦ ଭଳି ମାଦକ ଦ୍ରବ୍ୟ ବ୍ୟବସାୟ କରୁଛନ୍ତି। ଏଥିପ୍ରତି ପୋଲିସ ଅଧିକ ଗୁରୁତ୍ୱ ଦେବାକୁ ସୋମବାର କିଶୋରନଗର ବ୍ଲକ କଟରଙ୍ଗା ପଞ୍ଚାୟତ ପରିସରରେ ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ଗ୍ରାମାବାସୀ ଦାବି କରିଛନ୍ତି। ଗ୍ରାମ ସଭାପତି କୁମୁଦ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ହଣ୍ଡପା ଆଇଆଇସି ଲବ ବୋଡ଼ା, ଏଏସ୍ଆଇ କୁନି ବାରିକ, ସରପଞ୍ଚ ପ୍ରିୟବ୍ରତ ପଲେଇ, ଶିକ୍ଷାବିତ ଲୋଚନ ପ୍ରଧାନ, ବରୁଣ ସାହୁ, ଆର୍ତ୍ତତ୍ରାଣ ବେହେରା, ଧର୍ମାନନ୍ଦ ପ୍ରଧାନ, ରମେଶ ବେହେରା, ବାଳକୃଷ୍ଣ ପ୍ରଧାନ, ଉମାକାନ୍ତ ବେହେରାଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଲୋକେ କିଭଳି ସାଇବର ଠକେଇର ଶିକାର ନ ହେବେ ସେ ସମ୍ପର୍କରେ ପୋଲିସ ଲୋକଙ୍କୁ ସଚେତନ କରାଇଥିଲା।

# ଛେଣ୍ଡିପଦାରେ ଉତ୍କଟ ପାନୀୟ ସଙ୍କଟ

ଛେଣ୍ଡିପଦା,୨୯।୪(ଡି.ଏନ.ଏ)

■କାମ କରୁନି ଅଧିକାଂଶ ନଳକୂଅ
■ପୋଖରୀ, କୂଅ ଶୁଖିଲା
■କେନାଲ, ଚୁଆରୁ ପାଣି ସଂଗ୍ରହ କରୁଛନ୍ତି ଲୋକେ



ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ଦେଖାଦେଇଛି ଉତ୍କଟ ପାନୀୟ ଜଳାଭାବ। ଦିନକୁ ଦିନ ଆଶାତୀତ ଭାବେ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଧାରଣ ଜୀବନଯାତ୍ରାକୁ ଠପ୍ କରିଦେଇଛି। ନଈ, ନାଳ, ପୋଖରୀ ଶୁଖିଲା ପଡ଼ିବା ଯୋଗୁ ମଣିଷ ସହ ଜଙ୍ଗଲ ପାହାଡ ଇଲାକାରେ ଚଳପ୍ରଚଳ କରୁଥିବା ବନ୍ୟଜନ୍ତୁ ପିଇବା ପାଣି ପାଇଁ ଡହଳବିକଳ ହେଉଥିବା ଲକ୍ଷ୍ୟ କରାଯାଉଛି।

ବାଗେଡିଆ ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପ ଦୀର୍ଘଦିନ ଧରି ଅଚଳ ହୋଇପଡିଛି। ଫଳରେ ଲୋକେ ଖୋଲାକୂଅ, ନଳକୂପ ଉପରେ ନିର୍ଭର କରୁଛନ୍ତି। ଅଧିକାଂଶ ସ୍ଥାନରେ ଭୂତଳ ଜଳସ୍ତର ହ୍ରାସ ପାଇଥିବାରୁ ଖୋଲାକୂଅ ଏବଂ ନଳକୂପଗୁଡିକ ମଧ୍ୟ ଶୁଖିଲା ପଡ଼ିଛି। ସେହିପରି ଦୁର୍ଗାପୁର ପଞ୍ଚାୟତରେ ପାନୀୟ ଜଳ ଅଭାବ ଯୋଗୁ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଏଠାରେ ଥିବା ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆବଶ୍ୟକତା ମୁତାବକ ପାଣି ଯୋଗାଇ ପାରୁ ନ ଥିବାରୁ ଦୁର୍ଗାପୁର, ଟାଙ୍ଗିରୀ ସାହି, ପାଣସାହି ରାଜସ୍ୱ ଗ୍ରାମରେ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ସରକାର ପ୍ରତି ଘରକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳଯୋଗାଣ କରିଥିବା ଡିଣ୍ଡିମ ପିଟୁଛନ୍ତି। ମାତ୍ର ବାସ୍ତବରେ କେବଳ କାଗଜକଲମରେ ଏହା ସୀମିତ ଥିବା ଲୋକେ ଅଭିଯୋଗ କରିଛନ୍ତି।

ସେହିପରି କଣଲୋଇ ପଞ୍ଚାୟତ କର୍ଣ୍ଣପାଳ ଗ୍ରାମବାସୀ ମଧ୍ୟ ସମାନ ସମସ୍ୟା ଭୋଗୁଛନ୍ତି। ଗ୍ରାମବାସୀ ଆଉଁଳି ଜଳସେଚନ ପ୍ରକଳ୍ପ ଦ୍ୱାରା ପରିଚାଳିତ କେନାଲର ଦୂଷିତ ପାଣି ବ୍ୟବହାର କରୁଛନ୍ତି। କତଡା ପଞ୍ଚାୟତ ବାଲିସାହି ଗ୍ରାମବାସୀ ବାଉରୀ ନାଳରୁ ଚୁଆ ଖୋଳି ପିଇବା ପାଣି ସଂଗ୍ରହ କରୁଛନ୍ତି।

ଅନ୍ୟପକ୍ଷରେ ଛେଣ୍ଡିପଦା ବ୍ଲକ ଅଧୀବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଲା ଖଣିଜ ପାଣ୍ଠି ଆର୍ଥିକ ସହାୟତାକ୍ରମେ ଏକ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ହେଲେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ଲୋକେ କିପରି ପାନୀୟ ସଙ୍କଟରୁ ମୁକ୍ତି ପାଇବେ ତାହା ଚିନ୍ତାର ବିଷୟ ହୋଇଛି। ଜିଲା ପ୍ରଶାସନ ତଥା ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ ଛେଣ୍ଡିପଦା ବ୍ଲକ ପାନୀୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାଶ କହିଛନ୍ତି, ପାନୀୟ ଜଳ ଅଭାବ ଦେଖାଦେଇଛି। ଲୋକଙ୍କ ଆବଶ୍ୟକତା ମୁତାବକ ଜଳଯୋଗାଣର ବ୍ୟବସ୍ଥା କରାଯାଇଛି। ବିଭାଗ ପକ୍ଷରୁ ଏ ଦିଗରେ ସମ୍ପୂର୍ଣ୍ଣ ଅବଗତ ରହିବା ସହ ପରିସ୍ଥିତି ପ୍ରତି ନଜର ରଖାଯାଇଛି। ଜଳାଭାବ ପରିସ୍ଥିତି ସୃଷ୍ଟି ହେଲେ ଅବିଳମ୍ବେ ପ୍ରତିକାରମୂଳକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



# ସମର ଫ୍ୟାଶନ ଟ୍ରିକ୍ସ



ଯୁବତୀ ଓ ଫ୍ୟାଶନ୍ ଦୁଇଟି ମଧ୍ୟରେ ପୁରୁଣା ସମ୍ପର୍କ। ଏମିତିରେ ଖରାଦିନେ କ'ଣ ପିନ୍ଧିବେ କ'ଣ ପିନ୍ଧିବେନି ସବୁବେଳେ ତାଙ୍କର ଆଉଟ୍‌ଫିଟ୍‌କୁ ନେଇ ଚିନ୍ତିତ ରହିଥାନ୍ତି। ଖରାଦିନକୁ ଲକ୍ଷ୍ୟ କରି ବଜାରରେ ବିଭିନ୍ନ କପଡା ଉପଲବ୍ଧ ରହିଛି। କିନ୍ତୁ ଆପଣ ପିନ୍ଧିବେ ସେଥିରେ କନ୍‌ଫ୍ୟୁଜ୍ ହୁଅନ୍ତି। ଆପଣ ଯଦି ଆସେସରିଜ୍‌କୁ ଆପଣାଇ ଆପଣ ଅଧିକ ଗ୍ଲାମରସ୍ ଦେଖାଯିବେ।

**ସ୍କାର୍ଫ କରିବ ଆପଣଙ୍କୁ ପରଫେକ୍ଟ**

ଖରାଦିନେ ଖରାରୁ ରକ୍ଷା ପାଇବାକୁ ହେଲେ ସ୍କାର୍ଫ ବ୍ୟବହାର କରାଯାଏ। ଏହା ସହିତ ଆପଣ ଆକର୍ଷକ ହେୟାର ବ୍ୟାଣ୍ଡ ଓ ବ୍ରେସଲେଟ୍‌ବି ଆପଣଙ୍କ ଲୁକ୍‌କୁ ଅଧିକ ଆକର୍ଷଣୀୟ କରିଥାଏ।

**❖ଆଇକେୟାର ଜରୁରୀ**

ଖରାଦିନେ ଫ୍ୟାଶନେବଲ ଆସେସରିଜ୍‌ରେ ଚଷମା ପ୍ରଥମେ ଆସିବ। ଏହା ଆପଣଙ୍କୁ ଖରାଦିନେ ଟ୍ରେଣ୍ଡି ଲୁକ୍ ଦେଇଥାଏ। ଖରାଦିନେ ସାଧାରଣତଃ ସମସ୍ତେ ସନ୍‌ଗ୍ଲାସ ଲଗାଇଥାନ୍ତି। ସନ୍‌ଗ୍ଲାସ ପିନ୍ଧିବା ଦ୍ୱାରା ଆପଣଙ୍କ ଅଲ୍‌ଟ୍ରା ଭାଓଲେଟ୍ କିରଣରୁ ରକ୍ଷା ମିଳିଥାଏ। ଆଜିର ସମୟରେ ଷ୍ଟାଇଲିଶ୍ ଦେଖାଯିବାକୁ ଚାହୁଁଥିଲେ ଡିପ୍ ବ୍ଲୁ,ବ୍ଲାକ୍ କିମ୍ବା ବ୍ରାଉନ୍ କଲର ଗ୍ଲାସର ଚଷମା ଚୟନ କରିପାରନ୍ତି। ଏହା ବ୍ୟତୀତ ଫ୍ରେମ୍‌ରେ ମେଟାଲ କ୍ଲାସି ଓ୍ୱାର୍କକୁ ବାଛି ପାରିବେ।

**ହ୍ୟାଟ୍ସ**

ଖରାଦିନେ କ୍ୟାପ୍ ବି ଆପଣଙ୍କୁ କୁଲ୍ ଲୁକ୍ ଦେଇଥାଏ। ହ୍ୟାଟ୍ସ ଆପଣଙ୍କ ଲୁକ୍‌କୁ ବଢ଼ାଇବା ସହିତ ଆପଣଙ୍କ କେଶ ଏବଂ ମୁହଁକୁ ଖରା ଦାଉରୁ ରକ୍ଷା କରିଥାଏ।

**ଫୁଟଓ୍ୱେର**

ଫୁଟ୍‌ଓ୍ୱେର ବି ଡ୍ରେସ ଅନୁଯାୟୀ ହେବା ଆବଶ୍ୟକ। ଏଥି ସହ ଏହିଦିନରେ ଝାଳ ଅଧିକ ଆସିଥାଏ। ଖାସ୍‌କରି ଟେଉଁ ମହିଳାଙ୍କ ପାଦରୁ ଝାଳ ବାହାରିଥାଏ ସେମାନେ ଏପରି ଫୁଟଓ୍ୱେର ଚୟନ କରିବା ଆବଶ୍ୟକ ଯାହା ପାଦକୁ ଆରାମ ପ୍ରଦାନ କରିବ।

**–ହ୍ୟାଣ୍ଡବ୍ୟାଗ୍**


ଏହି ଖରାଦିନେ ଆପଣଙ୍କୁ ନୂଆ ଟ୍ରେଣ୍ଡୀ ବ୍ୟାଗ୍ ବ୍ୟବହାର କରନ୍ତୁ। ଏହାସହ ଆପଣଙ୍କୁ ଜାପାନୀ ଷ୍ଟାଇଲ୍‌ର ବିଞ୍ଚଣା ଓ ଛତା ବ୍ୟବହାର କରିବା ଆବଶ୍ୟକ। ଏହି ସବୁ ଜିନିଷକୁ ଆପଣ ନିଜ ଲୁକ୍ ବଦଳାଇ ଫ୍ୟାଶନ ମୁତାବିକ ଷ୍ଟାଇଲ୍ ହୋଇଯିବେ।



# ମହିଳାଙ୍କ ଋତୁସ୍ରାବକୁ ଅପ୍ରାକୃତିକ କରା ନ ଯାଉ

ଡା.ଦ୍ୱିଜେଶ କୁମାର ପଣ୍ଡା







ମହିଳାଙ୍କ ମାସିକ ଋତୁସ୍ରାବ ପ୍ରାକୃତିକ ନିୟମରେ ହୁଏ। ସମାଜ ଏହାକୁ ହୀନ ଦୃଷ୍ଟିରେ ଦେଖେ। ରଜସ୍ୱଳା ମହିଳାମାନଙ୍କୁ ଅଲଗା ରଖାଯାଏ। ମନ୍ଦିର ଭିତରକୁ ପ୍ରବେଶ ମନା। ଆଧୁନିକ ସମାଜରେ ଅନେକେ ଏହାକୁ ମାନୁ ନାହାନ୍ତି। ବିଭିନ୍ନ କାରଣରୁ ଓ ପରିବାର ନିୟନ୍ତ୍ରଣ ପାଇଁ ଏହାକୁ ଅପ୍ରାକୃତିକ କରିଦେଲେଣି। ସେଥିପାଇଁ ମହିଳାମାନେ ରୋଗର ଶିକାର ହେଉଛନ୍ତି। ଋତୁସ୍ରାବ ଜନସଂଖ୍ୟା ବଜାୟ ରଖିବା ଓ ମାନବ ସମାଜ ତିଷ୍ଠି ରହିବା ପାଇଁ ଅନିବାର୍ଯ୍ୟ । ଏହା ପ୍ରାଣୀମାନଙ୍କର ଜୀବନ ଧାରଣାର ପନ୍ଥା। ମଣିଷ, ସିମ୍ପାଜି, ବାଦୁଡି ଓ ହାତୀମାନଙ୍କର କେବଳ ଋତୁସ୍ରାବ ହୁଏ। ଅନ୍ୟ ଜୀବମାନଙ୍କର ଋତୁସ୍ରାବ ରକ୍ତ ସେମାନଙ୍କ ଜରାୟୁରେ ଅବଶୋଷଣ ହୋଇଯାଏ। ଏହି ରକ୍ତ ଶରୀରରେ ପ୍ରବାହିତ ରକ୍ତଠାରୁ ଭିନ୍ନ। ଏହା ଜମାଟ ବାନ୍ଧେ ନାହିଁ। ଏଥିରେ ଅନେକ ରୋଗ ପ୍ରତିରୋଧକ ଶକ୍ତି ଥାଏ। ଏହା ଆମକୁ ଜଣା ନାହିଁ। ୮୦ ଶତାଂଶ ମହିଳାଙ୍କର ଋତୁସ୍ରାବ ପୂର୍ବରୁ ପେଟ ଓ ଗୋଡ ହାତ ବିନ୍ଧା ହୁଏ। ଦୁର୍ବଳ ଲାଗେ। ପେଟ ଫାମ୍ପେ ଓ ରାଗ ଲାଗେ। ୧୯୫୦ ମସିହା ବେଳକୁ ଏହା ବିଷାକ୍ତ ରକ୍ତ କୁହାଯାଉଥିଲା।

ଜନସଂଖ୍ୟା ବିସ୍ଫୋରଣକୁ ହ୍ରାସ କରିବାର ଚିନ୍ତା ୧୯୬୦ ବେଳକୁ ବିଭିନ୍ନ ଦେଶରେ ଦେଖାଦେଲା। ବୈଜ୍ଞାନିକମାନଙ୍କୁ ଏଥିଲାଗି ନିର୍ଦ୍ଦେଶ ଦିଆଗଲା। ଏହି ଦଶକର ଶେଷ ଆଡକୁ ପରିବାର ନିୟନ୍ତ୍ରଣ ବଟିକା ବଜାରରେ ଉପଲବ୍ଧ ହେଲା। ଏହାର କେତେକ ପାର୍ଶ୍ୱ ପ୍ରତିକ୍ରିୟା ଥାଇ ମଧ ମହିଳାମାନଙ୍କଠାରେ ପ୍ରୟୋଗ କରାଗଲା। ସେଗୁଡିକ ହେଉଛି –ସ୍ତନ କର୍କଟ, ଶିରାରେ ରକ୍ତ ଜମାଟ ବାନ୍ଧିବା, ହୃତ୍‌ପିଣ୍ଡ ଓ ମସ୍ତିଷ୍କରେ ରକ୍ତ ପ୍ରବାହ ଅବରୋଧ ହୋଇ ହୃଦ୍‌ଘାତ ସ୍ନାୟୁ ଅକାମୀ ହେବ। ଏହା ପ୍ରାକୃତିକ ଋତୁସ୍ରାବକୁ ଅନିୟମିତ କରିଦିଏ।

ସବୁ ଜୀବମାନଙ୍କ ମଧ୍ୟରୁ କେବଳ ମଣିଷ ଋତୁସ୍ରାବକୁ ଜାଣିପାରେ । ମସ୍ତିଷ୍କରେ ଥିବା ପିଟୁଟାରୀ ଗ୍ରନ୍ଥି ଡିମ୍ବାଶୟକୁ (ଓଭାରି)ହରମୋନ୍ ନିସ୍ରବଣ ପାଇଁ ନିର୍ଦ୍ଦେଶ ଦିଏ। ଡିମ୍ବାଶୟରେ ସବୁ ଅଣ୍ଡା ରହିଥାଏ। ପ୍ରତି ମାସରେ ଗୋଟିଏ ଅଣ୍ଡା ପୂର୍ଣ୍ଣତ୍ୱ ପ୍ରାପ୍ତି ହୋଇ ଜରାୟୁ ଆଡକୁ ଗତିକରେ। ଶୁକ୍ରକୀଟ ସହିତ ସଂଯୋଗ ହେଲେ ଭ୍ରୂଣରେ ପରିଣତ ହୁଏ। ଏହି ଭ୍ରୂଣ ଜରାୟୁରେ ସ୍ଥାପିତ ହୋଇ କାଳକ୍ରମେ ବୃଦ୍ଧି ହୁଏ । ଭ୍ରୂଣ ତିଆରି ହୋଇ ନ ପାରିଲେ ଜରାୟୁର ଭିତର ପର୍ଦ୍ଦା ବିଚ୍ଛିନ୍ନ ହୋଇ ମାସିକ ଋତୁସ୍ରାବରେ ପରିଣତ ହୁଏ। ଏହି ପ୍ରାକୃତିକ ପଦ୍ଧତିକୁ ଫଳପ୍ରଦ ନ କରିବାକୁ ହରମୋନ ବଟିକା ବ୍ୟବହାର ହେଲା। ଏହା ପ୍ରଜେଷ୍ଟରନ ପରିମାଣକୁ ୪ଗୁଣ ବୃଦ୍ଧି କଲା। ଋତୁସ୍ରାବକୁ ଅନିୟମିତ କରିଦେଲା ଏବଂ ବହୁବର୍ଷ ପର୍ଯ୍ୟନ୍ତ ବନ୍ଦ କରିଦେଲା। ୨୦୦୯ ମସିହା ବେଳକୁ ବିଭିନ୍ନ ଦେଶରେ ପରିବାର ନିୟନ୍ତ୍ରଣ ପାଇଁ ଜରାୟୁ ଭିତରେ ଇଂଲିଶ ଅକ୍ଷର'T' ଆକାର ପ୍ଲାଷ୍ଟିକ କିମ୍ବା କପର ତାରରେ କୃତ୍ରିମ ହରମୋନ ସଂଯୋଗ ହୋଇ ସ୍ଥାପନ କରାଗଲା। ଫଳରେ ବହୁବର୍ଷ ପର୍ଯ୍ୟନ୍ତ ଗର୍ଭଧାରଣ ହୋଇପାରିଲା ନାହିଁ। କିନ୍ତୁ ଅନେକ ମହିଳାଙ୍କର ପେଟ କାଟିଲା ଓ ଅଧିକ ରକ୍ତସ୍ରାବ ହେଲା। ଜରାୟୁରେ ଥିବା ତନ୍ତୁ ତଳ ପେଟରେ ପ୍ରବେଶ କରି ବିନ୍ଧା ଓ ଯନ୍ତ୍ରଣା ହେଲା। ଏହାକୁ 'ଏଣ୍ଡୋମେଟ୍ରିଓସିସ୍'କୁହାଯାଏ। ୨୦୧୭ ମସିହା ଅନୁଶୀଳନ ଅନୁଯାୟୀ ଅନେକେ ଏହାକୁ ଗ୍ରହଣ କଲେ ନାହିଁ। ୨୦୧୯ର ଅନୁଚିନ୍ତା ହେଉଛି–ଜରାୟୁକୁ କ୍ଷତିଗ୍ରସ୍ତ ନ କରି କିପରି ନୂତନ ପଦ୍ଧତିର ଅନ୍ୱେଷଣ କରିବା।

ଏହି ନୂତନ ପଦ୍ଧତି କ'ଣ ? ଉଭୟ ପୁରୁଷ ଓ ମହିଳାଙ୍କର ଜିନ୍, ପ୍ରୋଟିନ୍ ଓ ଏଞ୍ଜାଇମ୍ ପରିବର୍ତ୍ତନ କରି କିପରି ଗର୍ଭଧାରଣ ନ ହୋଇ ପାରିବ, ତାହା ହେଉଛି ଗବେଷଣାର ମୂଳ ଲକ୍ଷ୍ୟ । ଫଳରେ ଶୁକ୍ରକୀଟ ପୂର୍ଣ୍ଣତ୍ୱ ପ୍ରାପ୍ତ ହୋଇପାରିବ ନାହିଁ ଏବଂ ଡିମ୍ବାଣୁକୁ ଭ୍ରୂଣରେ ପରିଣତ କରିପାରିବ ନାହିଁ। ବୈଜ୍ଞାନିକମାନେ ପୁରାତନ ପଦ୍ଧତିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଜନସାଧାରଣଙ୍କୁ ପ୍ରାକୃତିକ ଉପାୟରେ କିପରି ଗର୍ଭ ସଞ୍ଚାର ନ ହେବ ସେହି ବିଷୟ ଜଣାଇବା ପାଇଁ ପ୍ରଚେଷ୍ଟାରେ ଅଛନ୍ତି। ଏଥିପାଇଁ ଋତୁସ୍ରାବ ହେବାର କେଉଁଦିନ ପୂର୍ଣ୍ଣତ୍ୱପ୍ରାପ୍ତ ଡିମ୍ବାଣୁ ଜରାୟୁ ଆଡକୁ ଅଗ୍ରସର ହେବ ତାହା ନିର୍ଣ୍ଣୟ କରିବା ଆବଶ୍ୟକ। ଏହାର ୫ଦିନ ପୂର୍ବ ଓ ୨ଦିନ ପର ପର୍ଯ୍ୟନ୍ତ ସହବାସ କରିବା ଅନୁଚିତ। ଏହି ସମୟରେ ଶୁକ୍ରକୀଟ ଓ ଡିମ୍ବାଣୁ ଜରାୟୁରେ ବଞ୍ଚି ରହନ୍ତି। ଏହି ସମୟରେ କେତେକ ଶାରୀରିକ ଲକ୍ଷଣ ପ୍ରକାଶ ପାଏ। ତାହା ହେଉଛି ଯୋନିରୁ ପତଳା ନାଲୁଆ ପାଣି ନିର୍ଗତ ହୁଏ। ଶରୀରର ଉତ୍ତାପ ସାମାନ୍ୟ ବୃଦ୍ଧି ହୁଏ। ଏହି ପଦ୍ଧତି ୯୫ରୁ ୯୯ ପ୍ରତିଶତ ଫଳପ୍ରଦ ହୁଏ। ବର୍ତ୍ତମାନ ମୋବାଇଲ ଫୋନରେ ଏକ ନୂତନ ଆପ୍ଲିକେଶନ ଦ୍ୱାରା ମହିଳାମାନେ ସେମାନଙ୍କ ମାସିକ ଋତୁର ବିବରଣୀ ପାଇପାରିବେ। ଏହାର ନାମ ହେଉଛି 'DOT'। କିନ୍ତୁ ଦେହ ଖରାପ ହେଲେ, ଚିନ୍ତାଗ୍ରସ୍ତ ହେଲେ ଓ ନିଦ ନ ହେଲେ ଏହି କମ୍ପୁଟର କାମ କରିବ ନାହିଁ।

ପରିସ୍ରାର ହରମୋନ(FSH) ପରୀକ୍ଷା ଦ୍ୱାରା ଠିକ୍ ଗର୍ଭାଧାନ ସମୟ ଜାଣିହୁଏ। ଏହା ନିଜେ ଘରେ କରିପାରିବେ। ବ୍ୟୟ ବହୁଳ ନୁହେଁ।

ପୁରାତନ ଯୁଗରେ ପ୍ରାକୃତିକ ଉପାୟରେ ଜନ ନିରୋଧ କରାଯାଉଥିଲା। ମହିଳାମାନେ ଅଧିକ ସନ୍ତାନ ଜନ୍ମ ଦେଇ ୫ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଉଥିଲେ। ଏହି ସମୟରେ ଅଧିକ ପ୍ରୋଲକ୍ଟିନ୍ ହର୍‌ମୋନ୍ ନିର୍ଗତ ହେବାରୁ ଋତୁସ୍ରାବ ହେଉଥିଲା। ଆଧୁନିକ ମହିଳାମାନେ ସ୍ତନ୍ୟପାନ ପ୍ରାୟ କରୁନାହାନ୍ତି। ତେଣୁ ୪୦୦ ଥର ଋତୁସ୍ରାବ ହେଉଛି। ଶିଶୁ ଜନ୍ମ ମଧ୍ୟରେ ବ୍ୟବଧାନ ରହୁ ନାହିଁ। ତେଣୁ ଅପ୍ରାକୃତିକ ପଦ୍ଧତି ଗ୍ରହଣ କରୁଛନ୍ତି।

ସବୁ କ୍ଷେତ୍ରରେ ବିଜ୍ଞାନ ସଫଳତା ଲାଭ କରିଛି। ତାହା ସହିତ କେତେକ ଉଦ୍ଭାବନ କ୍ଷତିସାଧନ କରିଛି। ନ୍ୟୁକ୍ଲିୟର ବମ୍ , ପଲିଥିନ୍, ଟ୍ରାନ୍ସଫାଟ୍, ଜିନ୍ ବିବର୍ତ୍ତନ ଦ୍ୱାରା ଉତ୍ପାଦିତ ଖାଦ୍ୟ, ପରିବା, ଫଳ, ବିଶୁଦ୍ଧ ପିଇବା ପାଣିର ଅଭାବ ପରିବେଶ ଓ ବାୟୁ ପ୍ରଦୂଷଣ ,ମୋବାଇଲ୍ ଫୋନ୍, ଲାପ୍‌ଟପ୍ ଓ ଟିଭି ବ୍ୟବହାର ଦ୍ୱାରା ଶରୀରର କ୍ଷତି ଘଟୁଛି। ଶିଶୁ ଜନ୍ମହାର କମିଗଲାଣି। ମହିଳାମାନେ କର୍ମଜୀବୀ ହୋଇ ୩୫ ବର୍ଷ ପରେ ସନ୍ତାନ ଜନ୍ମ ଚିନ୍ତା କରୁଛନ୍ତି। ସେତେବେଳକୁ ଓଭାରିର ଡିମ୍ବାଣୁ ସଂଖ୍ୟା ହ୍ରାସ ଘଟୁଛି ଓ ଆକାରରେ ଛୋଟ ହୋଇଯାଉଛି। ପୁରୁଷମାନଙ୍କର ଶୁକ୍ରକୀଟ ସଂଖ୍ୟା କମି ଅସ୍ୱାଭାବିକ ହୋଇ ଯାଉଛି। ଫଳରେ ଶିଶୁ ଜନ୍ମହାର କମିବାରେ ଲାଗିଛି। ଏହା ସମାଜ ପାଇଁ ଶୁଭଙ୍କର ନୁହେଁ।

– ବରିଷ୍ଠ ବୈଜ୍ଞାନିକ
*ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*

# ଖରାଦିନେ ପିମ୍ପୁଡି ଯନ୍ତ୍ରଣାରୁ ରକ୍ଷା ପାଇବାକୁ ହେଲେ



ଖରାଦିନେ ପ୍ରାୟ ଯୁଆଡେ ଦେଖିବ ଖାଲି ଚାରିଆଡେ ପିମ୍ପୁଡି । ଖରାଦିନେ ପିମ୍ପୁଡିଙ୍କ ଆତଙ୍କ ବେଶୀ ଦେଖିବାକୁ ମିଳେ। ପିମ୍ପୁଡି ଘରକୁ ଆସିଲାମାନେ ରୋଗ ଆମନ୍ତ୍ରଣ କରିଥାଏ। ତେବେ ଆଜି ଜାଣିବା ପିମ୍ପୁଡିମାନଙ୍କ ଠାରୁ କିପରି ରକ୍ଷା ପାଇପାରିବେ ଜାଣନ୍ତୁ ସେ ସମ୍ପର୍କରେ ଟିପ୍ସ–

**ହଳଦୀ:** ଘରୁ ପିମ୍ପୁଡି ଦୂର କରିବାକୁ ହେଲେ ଅଳ୍ପ ପରିମାଣର ହଳଦୀ ପାଉଡର ନିଅନ୍ତୁ। ଯେଉଁ ଜାଗାରେ ପିମ୍ପୁଡି ହୋଇଛନ୍ତି ସେଇଠି ହଳଦୀଗୁଣ୍ଡ ଟିକେ ପକାଇ ଦିଅନ୍ତୁ। ହଳଦୀ ପକାଇବା ଦ୍ୱାରା ଧିରେ ଧିରେ ପିମ୍ପୁଡି କମିବାକୁ ଲାଗିବେ।

**ଚକ୍ କିମ୍ବା ବେବି ପାଉଡର:** ପିମ୍ପୁଡିଠୁ ରକ୍ଷା ପାଇବାକୁ ହେଲେ ଏହା ହେଉଛି ପୁରୁଣା ଉପାୟ। ଏଥିରେ ଟାଲ୍‌କମ୍ ପାଉଡର ଥାଏ। ଯାହା ପିମ୍ପୁଡି ଦୂର କରିବାରେ ସାହାଯ୍ୟ କରେ। ବେବି ପାଉଡରରେ କର୍ଣ୍ଣଷ୍ଟାର୍ଚ ଥାଏ ଯାହା ପିମ୍ପୁଡି ବିଦା କରିବାରେ ସହାୟ ହୁଏ। ଯେଉଁଠି ବାରମ୍ବାର ପିମ୍ପୁଡି ଆସୁଛନ୍ତି ଆପଣ ସେଇଠି ଏହାକୁ ପକାଇ ପାରିବେ।

**ସିର୍‌କା :** ଧଳା ସିର୍‌କା ଓ ପାଣିର ସମାନ ପରିମାଣ ମିଶାଇ ପିମ୍ପୁଡି ଆସୁଥିବା ବାଟରେ ସ୍ପ୍ରେ କରନ୍ତୁ। ସେମାନେ ଆସୁଥିବା ଜାଗାରେ ଏହି ପାଣି ଦ୍ୱାରା ପୋଛି ଦିଅନ୍ତୁ। ଏହାଦ୍ୱାରା ଫେରୋମନ୍ ସଫା ହୋଇଯିବ। ପିମ୍ପୁଡି ରାସ୍ତା ବଦଳାଇ ଦେବ।

**ଲେମ୍ବୁ ଚୋପା:** ଯଦି ଆପଣଙ୍କ ମିଠା ଜିନିଷରେ ବାରମ୍ବାର ପିମ୍ପୁଡି ହେଉଛି ତେବେ ପାଖାପାଖି ଜାଗାରେ ଲେମ୍ବୁ ଚୋପା ରଖି ଦିଅନ୍ତୁ। ଲେମ୍ବୁ ଚୋପା ଶୁଖିଯିବା ପରେ ମଧ କେତେ ଦିନ ପର୍ଯ୍ୟନ୍ତ କାମ କରିଥାଏ।

**ତେଜପତ୍ର:** ପିମ୍ପୁଡି ଆସୁଥିବା ସ୍ଥାନରେ ତେଜପତ୍ରକୁ ଛିଣ୍ଡାଇ ପକାଇ ଦିଅନ୍ତୁ। ପିମ୍ପୁଡି ଆସିବନି। ଏହାକୁ କିଚେନ୍ ଡ୍ରାୟରରେ ମଧ ରଖିପାରିବେ।

ଖାଦ୍ୟରୁଚି

# ଭେଣ୍ଡି ଫ୍ରାଏ



**ଆବଶ୍ୟକ ସାମଗ୍ରୀ:** ତେଲ ଦୁଇଚାମଚ,ଗୋଟା ସୋରିଷ ଅଧ ଚାମଚ, ରସୁଣ ଅଧ ଚାମଚ, ହରଡ ଡାଲି ଏକ ଚାମଚ, ହେଙ୍ଗୁ ଅଳ୍ପ ପରିମାଣର, ଭୃସଙ୍ଗ ପତ୍ର ୧୦–୧୨ଟି, ପିଆଜ ୭୫ ଗ୍ରାମ୍,ଭେଣ୍ଡି ୨୫୦ଗ୍ରାମ୍,ଲୁଣ ଏକ ଚାମଚ,ଗୋଲମରିଚ ଦୁଇ ଚାମଚ, ଜୀରା ପାଉଡର ଦୁଇ ଚାମଚ,କୋରା ହୋଇଥିବା ନଡିଆ ଦୁଇ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍ ଚୁଲା ଲଗାଇ ଏକ ପ୍ୟାନ୍ ବସାନ୍ତୁ। ପ୍ୟାନ୍ ଗରମ ହୋଇଗଲେ ସେଥିରେ ଦୁଇ ଚାମଚ ତେଲ ପକାନ୍ତୁ। ତେଲ ଗରମ ହୋଇଗଲା ପରେ ସେଥିରେ ଗୋଟା ସୋରିଷ ପକାଇବା ପରେ ରସୁଣକୁ ଛେଚି ପ୍ୟାନ୍‌ରେ ପକାଇ ଦୁଇ ତିନି ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ପୁଣି ଏଥିରେ ହରଡ ଡାଲି,ହେଙ୍ଗୁ,ଭୃସଙ୍ଗ ପତ୍ର ଓ କଟା ପିଆଜ ପକାଇ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏବେ ଏଥିରେ ୨୫୦ଗ୍ରାମ୍ ଭେଣ୍ଡି ମିଶାନ୍ତୁ। ପୁଣି ଏଥିରେ ଆବଶ୍ୟକ ପରିମାଣର ଲୁଣ ,ଗୋଲମରିଚ,ଦୁଇଚାମଚ ଜୀରା ପାଉଡର ପକାଇ ଭଲଭାବେ ମିଶାଇ ଦୁଇ ତିନି ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏହାପରେ କୋରା ହୋଇଥିବା ନଡିଆ ମିଶାନ୍ତୁ। ଏବେ ଆପଣଙ୍କ ଭେଣ୍ଡି ଫ୍ରାଏ ପ୍ରସ୍ତୁତ । ଏବେ ଏହାକୁ ଗରମ ଗରମ ରୁଟି ସହ ପରଷନ୍ତୁ।



ସୌନ୍ଦର୍ଯ୍ୟ

# କର୍ଲି ହେୟାରର ଯତ୍ନ



କର୍ଲି ହେୟାର ସବୁବେଳେ ସୁନ୍ଦର ଦେଖାଯାଏ। ଯଦି ଏହାର ଠିକ୍ ସମୟରେ ଉପଯୁକ୍ତ ଯତ୍ନ ନିଆଯିବ ତେବେ ଏହା ଆହୁରି ଆକର୍ଷଣୀୟ ଲାଗିବ। ଯଦି ଆପଣଙ୍କୁ ଏହି କର୍ଲି ଡିଜାଇନ୍ ପସନ୍ଦ ଆସୁନି ତେବେ ଆପଣ ଏହାକୁ ଷ୍ଟ୍ରେଟ୍ ଟ୍ରିଟ୍‌ମେଣ୍ଟ ମାଧ୍ୟମରେ ସିଧା କରିପାରିବେ। କିନ୍ତୁ ଏକ୍ସପର୍ଟଙ୍କ ପରାମର୍ଶ ଅନୁଯାୟୀ ଏହି କର୍ଲି ହେୟାରର ଯତ୍ନ ନିଅନ୍ତୁ। କିନ୍ତୁ ଯେତେବେଳେ ଏହି କର୍ଲି ହେୟାର ମୂଳରୁ ଉଠିବା ଆରମ୍ଭ କରିବ, ତାହା ଦେଖିବାକୁ ଅସୁନ୍ଦର ଲାଗିଥାଏ। ଯାହା ଦେଖିବାକୁ ଖରାପ୍ ଲାଗିଥାଏ କର୍ଲି ହେୟାରରେ ପରମାନେଣ୍ଟ ସେଟିଂ କରିବା କଷ୍ଟ ହୋଇଥାଏ। କିନ୍ତୁ କେଶ ଯଦି ଅଧିକ କର୍ଲି ହୋଇଥାଏ ତେବେ ଏଥିଲାଗି ଚାରିଘଣ୍ଟା ସମୟ ଲାଗିଥାଏ। ଏହା ସହ କେଶର ଯତ୍ନ ମଧ ବହୁତ ଜରୁରୀ।

–କର୍ଲି ହେୟାରକୁ ଶର୍ଟ କାଟନ୍ତୁ ନାହିଁ, କେଶକୁ ହେଡର କଟ,ସ୍ଲାଇଡ୍ କଟ୍ କରନ୍ତୁ। ସ୍ଲାଇଡ୍ କଟ୍ କରୁଥିଲେ ଲଙ୍ଗ ହେୟାର ରଖନ୍ତୁ। କେଶରେ ମଶ୍ଚରାଇଜର ଲଗାନ୍ତୁ। କେଶକୁ ତୁରନ୍ତ ଶୁଖାଇବା ଲାଗି ଡ୍ରାୟର ବ୍ୟବହାର କରନ୍ତୁ ନାହିଁ।

–ଆପଣଙ୍କୁ କୌଣସି ପାର୍ଟି କିମ୍ବା ସ୍ପେଶାଲ ଅକେଜନ୍ ପ୍ରସ୍ତୁତ ହେବା ପୂର୍ବରୁ କେଶକୁ ପ୍ରେସ କରିବା ଦରକାର। ବ୍ଲୋ ଡ୍ରାଏ ବ୍ୟବହାର କରନ୍ତୁ ନାହିଁ।

–ଆପଣ ଛୋଟ କେଶ ରଖନ୍ତୁ ନାହିଁ। କେଶକୁ ସାମ୍ପୋ କରିବା ହେୟାର କଣ୍ଡିସନର ଲଗାନ୍ତୁ।

–ବେସନ ଓ ଦହି ପେଷ୍ଟ ସପ୍ତାହରେ ଦୁଇଥର କର୍ଲି ହେୟାରରେ ଲଗାନ୍ତୁ। ଏହାଦ୍ୱାରା କେଶ ମଶ୍ଚରାଇଜର ରହିବ।

–ସେଓ ଜୁସ୍‌କୁ କଣ୍ଡିସନର ସହିତ ମିଶାଇ ଗାଧୋଇବା ସମୟରେ ପାଞ୍ଚମିନିଟ୍ ହେୟାର ମସାଜ୍ କରନ୍ତୁ। ଯେତେସମ୍ଭବ ଡ୍ରାୟର ବ୍ୟବହାର କରିବାଠୁ ଦୂରଇ ରୁହନ୍ତୁ।

ଧରିତ୍ରୀ
DHARITRI
Dhenkanal, Tuesday, 30 April 2019



"ଟାଟା ମୋଟର୍ସ ଏହାର କର୍ମଚାରୀଙ୍କ ଦକ୍ଷତା ବଢ଼ାଇବାକୁ ପ୍ରୟାସ କରୁଛି। ଏହି କାରଣରୁ କମ୍ପାନୀ ସାନନ୍ଦ ପ୍ଲାଣ୍ଟ କର୍ମଚାରୀଙ୍କ ପାଇଁ ନିର୍ମା ବିଶ୍ୱବିଦ୍ୟାଳୟ ସହ ଚୁକ୍ତି ସ୍ୱାକ୍ଷର କରିଛି।

–ରବୀନ୍ଦ୍ର କୁମାର ଜିପି, ସିଏଚ୍ଆର୍ଓ, ଟାଟା ମୋଟର୍ସ



"ରିଟେଲ ଆସେଟ୍ ବୃଦ୍ଧି କରିବା ଉପରେ ରିଲାଏନ୍ସ ନିପ୍ପନ ଲାଇଫ ଫୋକସ୍ କରିଛି। ଦୃଢ଼ ଡିଷ୍ଟ୍ରିବ୍ୟୁଶନ ନେଟ୍‌ୱାର୍କ ଜରିଆରେ କମ୍ପାନୀ କାର୍‌ବାର ବୃଦ୍ଧି କରିବାକୁ ପ୍ରୟାସ କରୁଛି।

–ସନ୍ଦୀପ ସିକା, ଇଡି ତଥା ସିଇଓ, ରିଲାଏନ୍ସ ନିପ୍ପନ ଲାଇଫ



## ସଂକ୍ଷେପରେ


### ଆମଦାନୀ ଶୁଳ୍କ ନେଇ ଭାରତକୁ ପୁଣି ଟାର୍ଗେଟ କଲେ ଟ୍ରମ୍ପ



ୱାଶିଂଟନ,୨୯-୪: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମଦାନୀ ଶୁଳ୍କ ନେଇ ପୁଣିଥରେ ଭାରତକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ଆମେରିକା ଉତ୍ପାଦ ବିଶେଷ କରି କାଗଜାତ ସାମଗ୍ରୀ ଓ ହାର୍ଲେ ଡେଭିଡସନ ମୋଟରସାଇକେଲ ଉପରେ ଭାରତରେ ବଡ଼ ଧରଣର ଶୁଳ୍କ ଆଦାୟ କରାଯାଉଛି। ଉଚ୍ଚ ଶୁଳ୍କ କାରଣରୁ ଆମେରିକାକୁ ଭାରତ,ଚାଇନା ଏବଂ ଜାପାନ ଭଳି ଦେଶରୁ ବିଲିୟନ ଡଲାର କ୍ଷତି ସହିବାକୁ ପଡୁଛି। ରବିବାର ବିସ୍କୋସିନ୍ ରାଜ୍ୟର ଗ୍ରିନ ୱେ ସହରରେ ରିପବ୍ଲିକାନ ପାର୍ଟି ପକ୍ଷରୁ ଆୟୋଜିତ ଏକ ରାଜନୈତିକ ରାଲିରେ ଯୋଗ ଦେବା ଅବସରରେ ନିଜର ଉଦ୍‌ବୋଧନରେ ଟ୍ରମ୍ପ କହିଛନ୍ତି ଯେ, ବିଗତ ବର୍ଷମାନଙ୍କରେ ଉକ୍ତ ସମସ୍ତ ଦେଶ ଆମେରିକାକୁ କ୍ଷତି ପହଞ୍ଚାଉଛନ୍ତି। ସୂଚନାଥାଉ କି, ଆମେରିକା ରାଷ୍ଟ୍ରପତି ବାରମ୍ବାର ଭାରତକୁ 'ଶୁଳ୍କର ରାଜା' ବୋଲି ସମ୍ବୋଧନ କରୁଛନ୍ତି। ସେ କହିଛନ୍ତି ଯେ, ଆମେରିକା ଉତ୍ପାଦ ଉପରେ ଭାରତ ବିଗତ କିଛିବର୍ଷ ହେଲା ଅତ୍ୟଧିକ ଆମଦାନୀ ଶୁଳ୍କ ଆଦାୟ କରୁଛି। ଭବିଷ୍ୟତରେ ଆମେରିକା ଆଉ କ୍ଷତି ସହିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

**ଏନ୍‌ପିଏ ସର୍କୁଲାର**

### ନିର୍ବାଚନ କମିଶନଙ୍କ ଅନୁମତି ନେବ ଆର୍‌ବିଆଇ



ମୁମ୍ବାଇ,୨୯-୪: ଏନ୍‌ପିଏ ସମାଧାନ ଯୋଜନା ଲାଗି ଗାଇଡଲାଇନ ଜାରି କରିବା ସଂକ୍ରାନ୍ତରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିର୍ବାଚନ କମିଶନଙ୍କଠାରୁ ଅନୁମତି ଲୋଡିବାକୁ ଯାଉଛି। ସୁପ୍ରିମକୋର୍ଟ ବିବାଦୀୟ ଫେବୃୟାରୀ ୧୨ ସର୍କୁଲାରକୁ ରଦ୍ଦ କରିଦେବା ପରେ ସଂଶୋଧିତ ଗାଇଡଲାଇନ ନେଇ ଆଉ ଏକ ସର୍କୁଲାର ଜାରି କରିବାକୁ ପଡିବ। ନୂଆ ନୀତିଗତ ନିଷ୍ପତ୍ତି କାରଣରୁ ଗାଇଡଲାଇନ ଜାରି କରିବା ପୂର୍ବରୁ ନିର୍ବାଚନ କମିଶନଙ୍କ ଅନୁମତି ନେବା ନିହାତି ପ୍ରୟୋଜନ ହୋଇପଡିଛି ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ତେବେ ଅର୍ଥନୀତି ପାଇଁ ଆବଶ୍ୟକ ହେଉଥିବା ନୀତି ଗ୍ରହଣ ପାଇଁ କମିଶନ ଆଦର୍ଶ ଆଚରଣ ବିଧି ଛାଡ଼ କରିଛି। ମୁଖ୍ୟତଃ ୩ କାରଣରୁ ଆର୍‌ବିଆଇର ଫେବୃୟାରୀ ୧୨ ସର୍କୁଲାର ବିବାଦୀୟ ହୋଇଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

### ଏସାର ଷ୍ଟିଲ୍ ପ୍ରମୋଟରଙ୍କ ସମ୍ପତ୍ତି ଜବତ ଲାଗି ଅନୁମତି ଲୋଡିଲା ଏସ୍‌ବିଆଇ

ନୂଆଦିଲ୍ଲୀ,୨୯-୪: ଦେବାଳିଆ ଘୋଷିତ ହୋଇଥିବା ଏସାର ଷ୍ଟିଲ୍‌ଠାରୁ ଋଣ ଆଦାୟ ଲାଗି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଋଣ ଆଦାୟ ପ୍ରାଧିକରଣରେ ଆବେଦନ କରିଛି। ଏସାର ପ୍ରମୋଟର ପ୍ରଶାନ୍ତ ରୁଇୟା ଏବଂ ରବି ରୁଇୟାଙ୍କ ସମ୍ପତ୍ତି ଜବତ କରିବାକୁ ଏସ୍‌ବିଆଇ ପ୍ରାଧିକରଣର ଅନୁମତି ଲୋଡିଛି। ମିଡିଆ ରିପୋର୍ଟ ଅନୁଯାୟୀ, ଏସାର ଷ୍ଟିଲ୍ ଉପରେ ସୁଧ ଓ ପେନାଲ୍ଟି ସମେତ ଏସ୍‌ବିଆଇ ଓ ଅନ୍ୟ ଋଣପ୍ରଦାନକାରୀଙ୍କର ୬୩ ହଜାର କୋଟି ଟଙ୍କା ବକେୟା ରହିଛି। ଦେବାଳିଆ ପ୍ରକ୍ରିୟାରେ ଏସାର ଷ୍ଟିଲ୍‌କୁ କିଣିବା ଲାଗି ଆର୍ସେଲର ମିତ୍ତଲର ପ୍ରସ୍ତାବରୁ ଋଣପ୍ରଦାନକାରୀଙ୍କୁ ମାତ୍ର ୪୨ ହଜାର କୋଟି ଟଙ୍କା ମିଳିବ। ଅବଶିଷ୍ଟ ବକେୟା ପାଇବା ଲାଗି ଏସ୍‌ବିଆଇ ଏସାର ପ୍ରମୋଟରଙ୍କ ସମ୍ପତ୍ତି ଜବତ କରିବାକୁ ଚାହୁଁଛି। ଅନ୍ୟପକ୍ଷରେ ଏସାର ମୁଖପାତ୍ର କହିଛନ୍ତି ଯେ, କମ୍ପାନୀ ପକ୍ଷରୁ ରିଜୋଲ୍ୟୁଶନ ପ୍ରଫେସନାଲଙ୍କ ମାଧ୍ୟମରେ ସୁରକ୍ଷିତ ଋଣପ୍ରଦାନକାରୀଙ୍କୁ ୪୫ ହଜାର କୋଟି ଟଙ୍କା ବକେୟା ଫେରସ୍ତ ଲାଗି ପ୍ରସ୍ତାବ ଦିଆଯାଇଛି। ଏସାର ଷ୍ଟିଲ ଏସିଆ ହୋଲ୍ଡିଂସ ଲିମିଟେଡକୁ ଏହି ବକେୟା ଫେରସ୍ତ କରିବ ବୋଲି କହିସାରିଛି।

# ଓପେକ୍‌କୁ ନିୟନ୍ତ୍ରଣ କରିବେ ଭାରତ-ଚାଇନା

- ଗଠନ ହେବ ବାୟର୍ସ ବ୍ଲକ
- ଦକ୍ଷିଣ କୋରିଆ, ଜାପାନ ଯୋଗ ଦେଇପାରନ୍ତି
- ଚୂଡ଼ାନ୍ତ ପର୍ଯ୍ୟାୟରେ ଆଲୋଚନା

ନୂଆଦିଲ୍ଲୀ,୨୯-୪



ତେଲ ଉତ୍ପାଦନ କରୁଥିବା ଦେଶଗୁଡିକର ଏକଚାଟିଆ ନୀତି ରୋକିବାକୁ ଭାରତ ଏବଂ ଚାଇନା ମିଳିତ ଭାବେ ପ୍ରସ୍ତୁତ ହେଉଛନ୍ତି। ଅଶୋଧିତ ତୈଳ ଉପରେ ବୃଦ୍ଧି ହେଉଥିବା ନିର୍ଭରଶୀଳତାକୁ ନଜରରେ ରଖି ଦୁଇ ଦେଶ ଏଭଳି ରଣନୀତି ପ୍ରସ୍ତୁତ କରୁଛନ୍ତି। ଆଗାମୀ ଦିନରେ ଭାରତ ଏବଂ ଚାଇନା ମିଳିତ ଭାବେ ଏକ ବାୟର୍ସ ବ୍ଲକ ସ୍ଥାପନା କରିବେ। ଶକ୍ତି କ୍ଷେତ୍ରରେ ଜଏଣ୍ଟ ୱାର୍କିଂ ଗ୍ରୁପ (ଜେଡବ୍ଲୁଜି) ହେବ ବୋଲି ପ୍ରସ୍ତାବରେ ଉଲ୍ଲେଖ ରହିଛି। ତେଲ ଉତ୍ପାଦନ କରୁଥିବା ଦେଶଗୁଡିକର ଏକଚାଟିଆ କାରବାରକୁ ନିୟନ୍ତ୍ରଣ କରିବା ଏହି ବ୍ଲକର ପ୍ରମୁଖ କାର୍ଯ୍ୟ ହେବ। ସେହିଭଳି ଅଶୋଧିତ ତୈଳ କ୍ରୟ କରୁଥିବା ଦେଶଗୁଡିକର ସ୍ୱାର୍ଥ ଲାଗି ଉକ୍ତ ବ୍ଲକ କାର୍ଯ୍ୟ କରିବ ବୋଲି ଜଣା ଯାଉଛି। ବ୍ଲକରେ ଦକ୍ଷିଣ କୋରିଆ ଏବଂ ଜାପାନକୁ ମଧ୍ୟ ସାମିଲ କରିବାକୁ ପ୍ରୟାସ ହେଉଛି।

ଏହି ଯୋଜନାକୁ ରୂପରେଖ ପ୍ରଦାନ କରିବାକୁ ଗତ ମାସରେ ଚାଇନା ନ୍ୟାଶନାଲ ଏନର୍ଜି ଆଡମିନିଷ୍ଟ୍ରେଶନ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସିଥିଲେ। ତେଲ ଆମଦାନୀ କ୍ଷେତ୍ରରେ ଓପେକ ଦେଶଗୁଡିକର ଏକଚାଟିଆ ନିଷ୍ପତ୍ତିକୁ ରୋକିବା ଦିଗରେ ଏହି ବ୍ଲକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ ବୋଲି ବଜାର ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ଏହି ପଦକ୍ଷେପକୁ ଏସିଆର ଅନ୍ୟ ପ୍ରମୁଖ ଅର୍ଥନୀତିଗୁଡିକ ସମର୍ଥନ ଜଣାଇ ପାରନ୍ତି ବୋଲି କୁହାଯାଉଛି।

ଏହା କେବଳ ଅଶୋଧିତ ତୈଳ ନୁହେଁ ଲିକ୍ୟୁଫାଏଡ୍ ନ୍ୟାଚୁରାଲ ଗ୍ୟାସ (ଏଲଏନ୍‌ଜି) ଏବଂ କାର୍ଗୋ ସ୍ୱାପ ବିକଳ୍ପକୁ ଯୋଜନାରେ ସାମିଲ କରାଯିବାକୁ ଯୋଜନା ରହିଛି। ସେହିଭଳି ସୀମା ବିବାଦ ଏବଂ ଆତଙ୍କବାଦ ବିରୋଧରେ ଲଢିବା ନେଇ ମଧ୍ୟ ଅନ୍ୟ ଜଏଣ୍ଟ ୱାର୍କିଂ ଗ୍ରୁପ କାର୍ଯ୍ୟ କରିବ ବୋଲି ପ୍ରସ୍ତାବ ରହିଛି। ଚାଇନା ଏବଂ ଭାରତ ବର୍ତ୍ତମାନ ସାରା ବିଶ୍ୱରେ ଏଲ୍‌ଏନ୍‌ଜି ଆମଦାନୀ କ୍ଷେତ୍ରରେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି। ଭାରତ ଏହାର ୮୦% ପେଟ୍ରୋଲିୟମ ଆବଶ୍ୟକତା ଆମଦାନୀରୁ ମେଣ୍ଟାଉଛି। ସେହିଭଳି ପ୍ରାକୃତିକ ବାଷ୍ପରେ ଏହି ଅଂଶ ୧୮% ରହିଛି। ଇରାନ ତେଲ କଟକଣା ଏବଂ ଓପେକ ଦେଶଗୁଡିକର ଉତ୍ପାଦନ ହ୍ରାସ ଯୋଗୁ ତୈଳ ଦର ବୃଦ୍ଧି ଘଟୁଛି। ତୈଳ ଦର ବୃଦ୍ଧି ଏବଂ ମୁଦ୍ରାସ୍ଫୀତି ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରୁଛି।

ଏଭଳି ପ୍ରମୁଖ ପ୍ରସଙ୍ଗକୁ ଧ୍ୟାନରେ ରଖି ତୈଳ ଏବଂ ବାଷ୍ପ କ୍ଷେତ୍ରରେ ଏକ ଜଏଣ୍ଟ ୱାର୍କିଂ ଗ୍ରୁପ ଗଠନ ଲାଗି ନିଷ୍ପତ୍ତି ହୋଇଥିବା ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଅପଷ୍ଟ୍ରିମ, ଡାଉନଷ୍ଟ୍ରିମ ଏବଂ ମିଡଷ୍ଟ୍ରିମ କ୍ଷେତ୍ରରେ ଏହା କାର୍ଯ୍ୟ କରିବ। ଏ ନେଇ କିଛି ପ୍ରସଙ୍ଗ ଉପରେ ଆଲୋଚନା ହେବା ପରେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଏହା ଦୁଇ ଦେଶ ମଧ୍ୟରେ ପ୍ରଥମ ଜଏଣ୍ଟ ୱାର୍କିଂ ଗ୍ରୁପ ହେବ ବୋଲି ଅଧିକାରୀ ଜଣକ କହିଛନ୍ତି।

## ତନିସ୍କର ଅକ୍ଷୟ ତୃତୀୟା ଅଫର



ଭୁବନେଶ୍ୱର,୨୯-୪

ପ୍ରମୁଖ ଗହଣା ବ୍ରାଣ୍ଡ ତନିସ୍କ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଏହି ଅବସରରେ ଗ୍ରାହକମାନେ ସୁନା ଗହଣାର ଗଢା ମୂଲ୍ୟ ଏବଂ ହୀରା ଗହଣା ଉପରେ ୨୫% ରିହାତି ପାଇ ପାରିବେ। ଏହି ଅଫର ତନିସ୍କର ସବୁ ଷ୍ଟୋରରେ ଚଳିତ ମାସ ୨୯ରୁ ମେ ମାସ ୭ ଯାଏ ଉପଲବ୍ଧ। ଗତ ୨୦ ବର୍ଷ ଧରି ତନିସ୍କ ଗ୍ରାହକଙ୍କୁ ଗୁଣବତ୍ତା ଏବଂ ଶୁଦ୍ଧତା ବିଶିଷ୍ଟ ସୁନାଗହଣା ଯୋଗାଣ ଦିଗରେ କାର୍ଯ୍ୟ କରୁଥିବା କହିଛି। ୫ ନିୟୁତରୁ ଅଧିକ ଗ୍ରାହକଙ୍କୁ ଏହା ସେବା ଯୋଗାଉଛି। ଏହି ଅବସରରେ ନୂଆ ସ୍ୱୟାମ କଲେକ୍ସନର ଶୁଭାରମ୍ଭ ହୋଇଛି। ଏହି କଲେକ୍ସନରେ ରହିଛି ଚୁଡି, ଆଙ୍ଗୁଠି,ଝୁମୁକା ଏବଂ ହାର। ସୁନ୍ଦର ଡିଜାଇନ ଏବଂ କୁଶଳୀ କାରିଗରି ଏଥିରେ ଗ୍ରାହକ ପାଇ ପାରିବେ। ଅକ୍ଷୟ ତୃତୀୟା ଗୁରୁତ୍ୱପୂର୍ଣ୍ଣ ପର୍ବ ହୋଇଥିବାରୁ ଏହି ଦିନ ସୁନା କିଣିବା ଶୁଭ ହୋଇଥାଏ। ଏହି ଅବସରରେ ଗ୍ରାହକଙ୍କୁ ଗହଣା କ୍ରୟ ନେଇ ରିହାତି ସୁବିଧା କରାଯାଇଥିବା ଟାଇଟାନ କମ୍ପାନୀ ଲିମିଟେଡର, ଜୁଏଲେରୀ ଡିଭିଜନ, ମାର୍କେଟିଂ ଆସୋସିଏଟ ଭିପି ଦିପିକା ତିୱାରୀ ସୂଚନା ଦେଇଛନ୍ତି। ସେହିଭଳି ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଶୋ'ରୁମରେ ଅଫରର ଶୁଭାରମ୍ଭ ଅବସରରେ ଶୋ'ରୁମ ସ୍ୱତ୍ୱାଧିକାରୀ ମାନିକ ହଂସ ଏବଂ କମ୍ପାନୀର ଏବିଏମ୍ ସୁମିତ ଘୋଷ ଉପସ୍ଥିତ ଥିଲେ।

## ଋଣ ଫେରସ୍ତ ପ୍ରସ୍ତାବ ଦୋହରାଇଲେ ମାଲ୍ୟା

ଲଣ୍ଡନ,୨୯-୪



ପ୍ରତ୍ୟର୍ପଣ ମାମଲାର ସାମ୍ନା କରୁଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା ଜେଟ୍ ଏୟାରୱେଜ ବନ୍ଦ ହୋଇଯିବା ନେଇ ବର୍ଷିଛନ୍ତି। ଏଥିସହ ସେ ତାଙ୍କର ବକେୟା ଋଣ ସମ୍ପୂର୍ଣ୍ଣ ଫେରସ୍ତ ଲାଗି ପ୍ରସ୍ତୁତ ଥିବା ଦୋହରାଇଛନ୍ତି।

ଭାରତର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ମାମଲାରେ ମାଲ୍ୟାଙ୍କ ବିରୋଧରେ ପ୍ରତ୍ୟର୍ପଣ ମାମଲା ଚାଲିଛି। ଏହି ୬୩ ବର୍ଷୀୟ ମଦ ବ୍ୟବସାୟୀ ସୋମବାର ସୋସିଆଲ ମିଡିଆ ଜରିଆରେ ବ୍ୟାଙ୍କଗୁଡ଼ିକୁ ଏହି ପ୍ରସ୍ତାବ ଦେଇଛନ୍ତି। ଅର୍ଥର ଅଭାବ କାରଣରୁ ଗତ ମାସରେ ବନ୍ଦ ହୋଇଥିବା ଜେଟ୍ ଏୟାରୱେଜ ଏବଂ ତାଙ୍କର ବିମାନ କମ୍ପାନୀ କିଙ୍ଗଫିଶର ଏୟାରଲାଇନ୍ସକୁ ନେଇ ମାଲ୍ୟା ଏକାଧିକ ଟୁଇଟ୍ କରିଛନ୍ତି। ସେ ଲେଖିଛନ୍ତି ଯେ, କିଙ୍ଗଫିଶର ସମେତ ଭାରତରେ ଏକାଧିକ ଏୟାରଲାଇନ୍ସ ବନ୍ଦ ହୋଇଗଲାଣି। ଜେଟ୍ ଦିନେ ବନ୍ଦ ହୋଇଯିବ ଏହା କେହି ଭାବି ନ ଥିଲେ, କିନ୍ତୁ ଏହା ଘଟିଲା। କ୍ଷତି ଯୋଗୁ ବ୍ୟବସାୟ ବନ୍ଦ ହୋଇଯିବା ଏକ ସାଧାରଣ ଘଟଣା। କିନ୍ତୁ ସେ ଶତପ୍ରତିଶତ ଋଣ ଫେରସ୍ତ ଲାଗି ପ୍ରସ୍ତାବ ଦେବା ସତ୍ତ୍ୱେ ସିବିଆଇ/ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ତାଙ୍କୁ ଅପରାଧୀ ଭାବେ ଦର୍ଶାଯାଉଛି। କାହିଁକି ଏପରି ହେଉଛି, କାହିଁକି ତାଙ୍କୁ ଟାର୍ଗେଟ କରାଯାଉଛି ବୋଲି ମାଲ୍ୟା ପ୍ରଶ୍ନ କରିଛନ୍ତି।




କାନାରା ବ୍ୟାଙ୍କ ଅଫିସର୍ସ ଆସୋସିଏଶନ(ସିବିଓଏ)ର କେନ୍ଦ୍ରୀୟ କମିଟି ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ(ବାମରୁ)ସଂଘର ସଭାପତି ବି.କେ. ମେହେଟ୍ଟା, ମହାସଚିବ ଜି.ଭି.ମଣିମାରନ, ଚେୟାରମ୍ୟାନ ଆର୍.କେ.ଭରଦ୍ୱାଜ ଏବଂ ଉପସଭାପତି ପି.କେ. ମହାନ୍ତି ପ୍ରମୁଖ ଉପସ୍ଥିତ।

**ମଲ୍ଟିନ୍ୟାଶନାଲ କମ୍ପାନୀଙ୍କ ଟିକସ ଫାଙ୍କି**

### ଆମେରିକା ସହ ଚୁକ୍ତିକୁ ନୋଟିଫାଏ କଲା ଭାରତ

ନୂଆଦିଲ୍ଲୀ,୨୯-୪

ଭାରତ ମଲ୍ଟିନ୍ୟାଶନାଲ କମ୍ପାନୀଙ୍କ ଆୟ ଏବଂ ଟିକସର କଣ୍ଟ୍ରି ବାଏ କଣ୍ଟ୍ରି(ସିବିସି) ରିପୋର୍ଟ ଆଦାନପ୍ରଦାନ ଲାଗି ଆମେରିକା ସହିତ ହୋଇଥିବା ଚୁକ୍ତିକୁ ନୋଟିଫାଏ କରିଛି। ଟିକସ ଚୋରି ରୋକିବା ଲାଗି ମାର୍ଚ୍ଚରେ ଏହି ଚୁକ୍ତି ହୋଇଥିଲା ଏବଂ ଏହାକୁ ଗତ ୨୫ରେ ନୋଟିଫାଏ କରାଯାଇଛି। ଚୁକ୍ତି ଅନୁଯାୟୀ, ଉଭୟ ଦେଶ ୨୦୧୬ ଜାନୁୟାରୀ ପହିଲା ଏବଂ ଏହାପରେ ମଲ୍ଟିନ୍ୟାଶନାଲ କମ୍ପାନୀ ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟକୁ ଆଦାନପ୍ରଦାନ କରିପାରିବେ। ଏହାଦ୍ୱାରା ଆମେରିକାର ମଲ୍ଟିନ୍ୟାଶନାଲ କମ୍ପାନୀଙ୍କର ଭାରତୀୟ ସହଯୋଗୀ କମ୍ପାନୀକୁ ସ୍ୱତନ୍ତ୍ର ଭାବେ ରିପୋର୍ଟ ଦାଖଲ କରିବାକୁ ପଡିବ ନାହିଁ। ସୂଚନାଥାଉ କି, କଣ୍ଟ୍ରି ବାଏ କଣ୍ଟ୍ରି ରିପୋର୍ଟରେ ଟିକସ ପ୍ରଦାନ ତଥ୍ୟ ବ୍ୟତୀତ ସେହି ଗ୍ରୁପ୍‌ର ସମସ୍ତ କମ୍ପାନୀଙ୍କ ତାଲିକା ରହିଥାଏ। ଏଥିସହିତ ପ୍ରତ୍ୟେକ କମ୍ପାନୀର ପ୍ରମୁଖ କାରବାର ଗତିବିଧି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥାଏ।

## ପ୍ରେଷ୍ଟିଜର ଏକ୍ସକ୍ଲୁଶିଭ୍ ଶୋ'ରୁମ ଉନ୍ମୋଚିତ




ଭୁବନେଶ୍ୱର,୨୯-୪

ପ୍ରମୁଖ କିଚେନ୍ ଆପ୍ଲାଏନ୍ସ କମ୍ପାନୀ ଟିଟିକେ ପ୍ରେଷ୍ଟିଜ ଲିମିଟେଡ ପକ୍ଷରୁ ଏକ୍ସକ୍ଲୁଶିଭ ଆଉଟଲେଟ ସ୍ଥାନୀୟ ରବି ଟକିଜ ଛକଠାରେ ଖୋଲିଛି। ଏହାକୁ କମ୍ପାନୀର ଟେରିଟୋରୀ ସେଲ୍‌ସ ଏକଜିକ୍ୟୁଟିଭ ମିଳନ ମହାପାତ୍ର, ଷ୍ଟୋରର ସ୍ୱତ୍ୱାଧିକାରୀ ମାନଗୋବିନ୍ଦ ପରିଡା ଉଦ୍‌ଘାଟନ କରିଛନ୍ତି। ଏହା କମ୍ପାନୀର ୨୩ତମ ସ୍ୱତନ୍ତ୍ର ଷ୍ଟୋର। ଏଠାରେ ଗ୍ରାହକମାନେ ପ୍ରଡକ୍ଟ କ୍ରୟରେ ଇଜି ପେମେଣ୍ଟ ବିକଳ୍ପ ଏବଂ ଗିଫ୍ଟ କାର୍ଡ ଲାଭ କରିପାରିବେ। ସେହିଭଳି ଗ୍ରାହକଙ୍କୁ ଶୋ'ରୁମରେ ସର୍ବୋତ୍ତମ ସେବା ପ୍ରଦାନ ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ମହାପାତ୍ର କହିଛନ୍ତି। ଏଠାରେ ଗ୍ରାହକ ପ୍ରେଷ୍ଟିଜର ବିଭିନ୍ନ ପ୍ରେସର କୁକର, ଗ୍ୟାସ ଷ୍ଟୋଭ, ମିକ୍ସର ଗ୍ରାଇଣ୍ଡର, ଚିମ୍‌ନୀ, କ୍ଲିନିଂ ସଲ୍ୟୁଶନ ଭଳି ଉତ୍ପାଦ ଲାଭ କରି ପାରିବେ।

## ସ୍ତ୍ରୀଙ୍କ ସ୍ମାର୍ଟନେସ୍ ନେଇ ଆନନ୍ଦ ମହିନ୍ଦ୍ରାଙ୍କ ଟୁଇଟ୍

ମୁମ୍ବାଇ,୨୯-୪

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗ୍ରୁପ୍ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରାଙ୍କର ଏକ କୌତୂହଳପୂର୍ଣ୍ଣ ଟୁଇଟ୍ ସୋସିଆଲ ମିଡିଆରେ ହସର ଖୋରାକ୍ ଯୋଗାଇଛି। ନିଜ ସ୍ତ୍ରୀଙ୍କ ସ୍ମାର୍ଟନେସ ସମ୍ପର୍କରେ ଉଲ୍ଲେଖ କରି ଏହାର କ୍ଷତି ସମ୍ପର୍କରେ ମଧ୍ୟ ସେ ଜଣାଇଥିଲେ। ମହିନ୍ଦ୍ରା ରବିବାର ଏକ ଇଂଲିଶ୍ ଆର୍ଟିକିଲ୍‌କୁ ଟୁଇଟ୍ କରିଥିଲେ। ସେଥିରେ ସେ ଦର୍ଶାଇଥିଲେ ଯେ, ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କ କଟାକ୍ଷ ଶୁଣିବାରୁ ରକ୍ଷା ପାଇବା ଲାଗି ୬୨ ବର୍ଷ ପର୍ଯ୍ୟନ୍ତ ମୂକ-ବଧିର ହେବାର ନାଟକ କରିଥିଲେ। ଏହାକୁ ପଢ଼ିବା ପରେ ୫ ମିନିଟ ପର୍ଯ୍ୟନ୍ତ ସେ କ୍ରମାଗତ ହସିଥିଲେ ବୋଲି ମହିନ୍ଦ୍ରା ଲେଖିଥିଲେ। ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ସେ ଯଦି ଏଭଳି ଭାବେ ତାଙ୍କୁ ବୋକା ବନାଇଥାନ୍ତେ, ତେବେ ଭଲ ହୋଇଥାନ୍ତା। ତାଙ୍କ ସ୍ତ୍ରୀ ମଧ୍ୟ ଏହାର ତ୍ୱରିତ୍ ଉତ୍ତର ଦେଇଥିଲେ। ମହିନ୍ଦ୍ରା ଫୋନ୍‌ରେ କଥା ନ ହୋଇ ୫ ମିନିଟ ରହିପାରିବେ କି ବୋଲି ତାଙ୍କ ସ୍ତ୍ରୀ ପାଲ୍‌ଟା ପ୍ରଶ୍ନ କରିଥିଲେ। ସ୍ତ୍ରୀଙ୍କ ଏଭଳି ତ୍ୱରିତ ଉତ୍ତର ଶୁଣି ମହିନ୍ଦ୍ରା ଗ୍ରୁପ ଅଧ୍ୟକ୍ଷ ଲେଖିଛନ୍ତି ଯେ, ଏଭଳି ସ୍ମାର୍ଟ ସ୍ତ୍ରୀ ହେବା ମଧ୍ୟ କ୍ଷତିକାରକ। ଆନନ୍ଦ ମହିନ୍ଦ୍ରାଙ୍କ ଏହି ଟୁଇଟ୍ ଭାଇରାଲ ହେବାକୁ ବେଶି ସମୟ ଲାଗି ନ ଥିଲା।



## ଜେଟ୍‌ର ନିୟନ୍ତ୍ରଣ ନେବାକୁ ଅଣ୍ଟା ଭିଡ଼ିଲେ କର୍ମଚାରୀ

- ଏସ୍‌ବିଆଇ ଅଧ୍ୟକ୍ଷଙ୍କୁ ଲେଖିଲେ ଚିଠି
- ବିଡ୍ ପ୍ରକ୍ରିୟାରେ ସାମିଲ ଲାଗି ଅନୁମତି ମାଗିଲେ
- ନିବେଶକଙ୍କ ସହ ମିଶି ୭ ହଜାର କୋଟି ଯୋଗାଡ଼ ପ୍ରତିଶ୍ରୁତି

ନୂଆଦିଲ୍ଲୀ,୨୯-୪




ବୁଡ଼ି ଯାଇଥିବା ଏୟାରଲାଇନ କମ୍ପାନୀ ଜେଟ୍ ଏୟାରୱେଜକୁ ପୁନର୍ବାର ଛିଡା କରିବା ଲାଗି ଏବେ କର୍ମଚାରୀମାନେ ଅଣ୍ଟା ଭିଡ଼ିଛନ୍ତି। ବାହାର ନିବେଶକଙ୍କଠାରୁ ୩ ହଜାର କୋଟି ଟଙ୍କା ଏବଂ କର୍ମଚାରୀ ଷ୍ଟକ୍ ଅପ୍‌ସନ ମାଧ୍ୟମରେ ୪ ହଜାର କୋଟି ଟଙ୍କା ଏଭଳି ମୋଟ ୭ ହଜାର କୋଟି ଟଙ୍କା ଯୋଗାଡ଼ କରାଯିବ ବୋଲି ସେମାନେ କହିଛନ୍ତି। ଏୟାରଲାଇନ କର୍ମଚାରୀ ଗୋଷ୍ଠୀ ପକ୍ଷରୁ ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାରଙ୍କୁ ଏ ସଂକ୍ରାନ୍ତରେ ଏକ ପତ୍ର ଲେଖାଯାଇ ବିଡ୍ ପ୍ରକ୍ରିୟାରେ ସାମିଲ ହେବାକୁ ଅନୁମତି ଲୋଡାଯାଇଛି।

ସୋସାଇଟି ଫର୍ ୱେଲଫେୟାର ଅଫ୍ ଇଣ୍ଡିଆନ ପାଇଲଟ୍ସ(ସ୍ୱିପ୍) ସାଧାରଣ ସମ୍ପାଦକ ଅଶ୍ୱିନୀ ତ୍ୟାଗୀ, ଜେଟ୍ ଏୟାରକ୍ରାଫ୍ଟ ମେଣ୍ଟେନାନ୍ସ ଇଞ୍ଜିନିୟର୍ସ ୱେଲଫେୟାର ଆସୋସିଏଶନ (ଜେଏଏମ୍‌ଇଡବ୍ଲ୍ୟୁଏ) ସଭାପତି ଆଶିଷ କୁମାର ମହାନ୍ତି ଏବଂ ସିନିୟର ଭାଇସ ପ୍ରେସିଡେଣ୍ଟ(ଅପରେସନ୍ସ) ପି.ପି.ସିଂହଙ୍କ ପକ୍ଷରୁ ମିଳିତ ଭାବେ ଏହି ପ୍ରସ୍ତାବ ଦିଆଯାଇଛି। ବାହାର ନିବେଶକଙ୍କ ସହ ମିଶି ସେମାନେ ଜେଟ୍ ଏୟାରୱେଜକୁ ପୁନରୁଦ୍ଧାର କରିବା ପାଇଁ କାମ କରିବେ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି। ବିଭିନ୍ନ କର୍ମଚାରୀ ଗ୍ରୁପ୍ ଏବଂ ଅତୀତରେ ମ୍ୟାନେଜମେଣ୍ଟ ସହ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ସହ ଆଲୋଚନା ପରେ ଜେଟ୍ ଏୟାରୱେଜର ମ୍ୟାନେଜମେଣ୍ଟ ଦାୟିତ୍ୱ କର୍ମଚାରୀଙ୍କ ଏକ କନସୋର୍ଟିୟମ ହାତରେ ଦେବାକୁ ପତ୍ରରେ ଅନୁରୋଧ କରାଯାଇଛି। ତେବେ ଏହି ଗ୍ରୁପ୍‌କୁ ବର୍ତ୍ତମାନର ମ୍ୟାନେଜମେଣ୍ଟର ସମର୍ଥନ ନ ଥିବା ଦର୍ଶାଯାଇଛି। କାରଣ ଏହି ମ୍ୟାନେଜମେଣ୍ଟ ଏବେ ସୁଦ୍ଧା ନରେଶ ଗୋୟଲଙ୍କ ପ୍ରତି ଅନୁରକ୍ତ ଅଛନ୍ତି ବୋଲି ସେମାନେ କହିଛନ୍ତି। କର୍ମଚାରୀଙ୍କ ଦ୍ୱାରା ୧୯୯୪ରେ ୟୁନାଇଟେଡ ଏୟାରଲାଇନ୍ସକୁ ପୁନରୁଜ୍ଜୀବିତ କରାଯାଇଥିଲା ବୋଲି ସେମାନେ ପତ୍ରରେ ଉଦାହରଣ ଦେଇଛନ୍ତି। ଏସ୍‌ବିଆଇ ଅଧ୍ୟକ୍ଷଙ୍କୁ ଲେଖାଯାଇଥିବା ମିଳିତ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପ୍ରାରମ୍ଭିକ ଅନୁମାନ ମୁତାବକ, ୫ ବର୍ଷୀୟ ଏମ୍ପ୍ଲଇ ଷ୍ଟକ୍ ଓନରଶିପ୍ ପ୍ରୋଗ୍ରାମ(ଇସପ୍) ମାଧ୍ୟମରେ ପ୍ରାୟ ୪ ହଜାର କୋଟି ଟଙ୍କା ଯୋଗାଡ଼ ହୋଇଯିବ। ଏହାବ୍ୟତୀତ ବାହ୍ୟ ନିବେଶକଙ୍କ ଦ୍ୱାରା ପ୍ରାୟ ୩ହଜାର କୋଟି ଟଙ୍କା ଯୋଗାଡ ହୋଇଯିବ। ସୂଚନାଥାଉ କି, ଜେଟ୍ ଏୟାରୱେଜର ଋଣପ୍ରଦାନକାରୀ ଏବେ ବକେୟା ଅସୁଲ ଲାଗି ବିଡ୍ ଆହ୍ୱାନ କରିଛନ୍ତି। ଏତିହାଦ ଏୟାରଲାଇନ୍ସ, ଟିପିଜି ଏବଂ ଏନ୍‌ଆଇଆଇଏଫ୍ ଏଥିପାଇଁ ଆଗ୍ରହ ପ୍ରକାଶ କରିଛି।



“ ବିଶ୍ୱକପ୍ ପାଇଁ ମହମ୍ମଦ ଆମିରଙ୍କୁ ଅଣଦେଖା କରାଯିବା ଉଚିତ୍ ନୁହେଁ। କାରଣ ସେ ଯେକୌଣସି ସମୟରେ ଫର୍ମକୁ ଫେରିପାରନ୍ତି ବୋଲି ମୋର ଦୃଢ଼ ବିଶ୍ୱାସ ।

–ୱାସିମ ଆକ୍ରମ, ପୂର୍ବତନ ପାକିସ୍ତାନୀ ପେସ୍ ବୋଲର

“ ବିରାଟ କୋହଲିଙ୍କ ପରେ ଜଣେ ଖେଳାଳି ହିସାବରେ ଭାରତୀୟ କ୍ରିକେଟରେ କେ.ଏଲ ରାହୁଲଙ୍କର ଅଧିକ ଦିନ ଧରି ଅବଦାନ ରହିବ ବୋଲି ମୁଁ ମନେକରୁଛି ।

–କ୍ରିସ୍ ଗେଲ୍, ୱେଷ୍ଟଇଣ୍ଡିଜର ବିସ୍ଫୋରକ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ିଲେ ବେହରେନଡର୍ଫ

**ଲଣ୍ଡନ,୨୯।୪(ପିଟି):** ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ)ର ଅଷ୍ଟ୍ରେଲିଆ ପେସର ଜାସନ ବେହରେନଡର୍ଫ ଆଇପିଏଲର ଅବଶିଷ୍ଟ ମ୍ୟାଚ୍ ଖେଳିବେ ନାହିଁ। ଆଇସିସି ବିଶ୍ୱକପ୍ ପୂର୍ବରୁ ହେବାକୁଥିବା ଜାତୀୟ କ୍ୟାମ୍ପ୍‌ରେ ଯୋଗଦେବା ପାଇଁ ସେ ସ୍ୱଦେଶ ଫେରିଛନ୍ତି। ଅଧିନାୟକ ଷ୍ଟିଭ ସ୍ମିଥ୍ ଏବଂ ଓପନର ଡେଭିଡ ୱାର୍ନର ଆଉ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବା ପରେ ଅଷ୍ଟ୍ରେଲିଆ ଫେରିବେ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳରେ ଥିବା ଅଷ୍ଟ୍ରେଲିଆନ୍ ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ ଆସନ୍ତା ୨ ତାରିଖରେ ଭାରତ ଛାଡ଼ିବେ। ପାକିସ୍ତାନ ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଭଲ ପ୍ରଦର୍ଶନ ପରେ ଆଇପିଏଲରେ ତାଙ୍କୁ ଖେଳିବାକୁ ସୁଯୋଗ ମିଳିଥିଲା। ସେ ଟୁଇଟର ଜରିଆରେ ଦଳ ଛାଡୁଥିବା କହିଛନ୍ତି। ସେ ୫ ମ୍ୟାଚ୍ ଖେଳି ସମାନ ସଂଖ୍ୟକ ଉଇକେଟ ନେଇଥିଲେ। ମୁମ୍ବାଇ ଦଳ ଆସନ୍ତା ୨ ତାରିଖରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ତା'ର ପରବର୍ତ୍ତୀ ମ୍ୟାଚ୍ ଖେଳିବ।


### ମା ଲଙ୍ଗଙ୍କୁ ୩ୟ ବିଶ୍ୱ ଟାଇଟଲ

**ବୁଦାପେଷ୍ଟ,୨୯।୪(ଏଏଫ୍‌ପି):** ଚାଇନାର ମା ଲଙ୍ଗ ରବିବାର ବିଶ୍ୱର ଟେବୁଲ ଟେନିସ୍ (ଟିଟି) ଟାଇଟଲ ଜିତିଛନ୍ତି। ଆଣ୍ଠୁଜନିତ ସମସ୍ୟା ଯୋଗୁ ୬ ମାସ ଖେଳଠାରୁ ଦୂରେଇ ରହିଥିଲେ। ଏହାସତ୍ତ୍ୱେ ୩୦ ବର୍ଷୀୟ ଖେଳାଳି ଫାଇନାଲରେ ସ୍ୱିଡେନ୍‌ର ମାଟିଆସ ଫାକଙ୍କୁ ୪-୧ରେ ହରାଇ ଟାଇଟଲ ନିଜ ନାମରେ କରିଛନ୍ତି। ଟିଟି ଜଗତରେ ଡ୍ରାଗନ ନାମରେ ପରିଚିତ ବିଶ୍ୱର ୩ୟ ଖେଳାଳି ଭାବେ ୩ଥର ୱାର୍ଲ୍ଡ ଟାଇଟଲ ଜିତିବାର ସୌଭାଗ୍ୟ ପାଇଛନ୍ତି। ତାଙ୍କ ପୂର୍ବରୁ ଭିକ୍ଟର ବାର୍ନା ୧୯୩୨ରୁ ୧୯୩୫ ମଧ୍ୟରେ ୪ଥର ଓ ଝୁଆଙ୍ଗ ଜେଡଙ୍ଗ ୧୯୬୧, ୧୯୬୩ ଏବଂ ୧୯୬୫ରେ ୱାର୍ଲ୍ଡ ଟାଇଟଲ ଜିତିଥିଲେ। ଡ୍ରାଗନ ଡବଲ ସ୍ୱର୍ଣ୍ଣପଦକ ସହ ଚାଇନା ଫେରିବେ। ସେ ପୁରୁଷ ଡବଲ୍ସ ବର୍ଗରେ ମଧ୍ୟ ୱାଙ୍ଗ ଚୁକିନଙ୍କ ସହ ମିଶି ଶୀର୍ଷ ସଫଳତା ପାଇଛନ୍ତି।

### ସୋଲାରକୁ ଜିତାଇଲେ ଭକ୍ତିସାଗର

**କଟକ ଅଫିସ,୨୯।୪:** ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ ବିଶ୍ୱଭାରତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨ୟ ସୁମିତ ବୋଷ ସ୍ମାରକୀ ୧୬ ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ସୋଲାର କ୍ଲବ ବିଜୟୀ ହୋଇଛି। ଟୁର୍ନାମେଣ୍ଟର ଫାଇନାଲରେ ସ୍ଥାନ ପକ୍କା କରି ସାରିଥିବା ୟୁନିୟନ ସ୍ପୋର୍ଟିଂକୁ ଏକ ଲିଗ୍ ମ୍ୟାଚ୍‌ରେ ସୋଲାର ୨୮ ରନରେ ପରାସ୍ତ କରିଛି। ସୋଲାରର ଭକ୍ତିସାଗର ନାୟକ ଧୂଆଁଧାର ୭୨ ରନର ଇନିଂସ ଓ ୩ଟି ଉଇକେଟ ଦଖଲ କରି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ଅଲରାଉଣ୍ଡ ପ୍ରଦର୍ଶନ ଲାଗି ମଧ୍ୟ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଛି। ସୋଲାର କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୪୦ ଓଭରରେ ୮ ଉଇକେଟ ହରାଇ ଦଳ ମୋଟ ୧୯୩ ରନ କରିଥିଲା। ଭକ୍ତି ସାଗର ୧୪ଟି ଚୌକା ବଳରେ ୪୮ବଲରୁ ସର୍ବାଧିକ ୭୨ରନ ଓ ଅରବିନ୍ଦ ଜେନା ୨୯ ରନ କରିଥିଲେ। ୟୁନିୟନ ସ୍ପୋର୍ଟିଂ ପକ୍ଷରୁ ବିମଳ ଦାସ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୟୁନିୟନ ସ୍ପୋର୍ଟିଂ ୧୬୫ ରନରେ ଅଲଆଉଟ ହୋଇଥିଲା। ଯଜ୍ଞଜିତ ସାହୁ ସର୍ବାଧିକ ୬୮ ରନ ଓ ଚିତ୍ତରଞ୍ଜନ ବେହେରା ୪୦ ରନର ଇନିଂସ ଖେଳିଛନ୍ତି। ସୋଲାର ପକ୍ଷରୁ ଭକ୍ତିସାଗରଙ୍କୁ ୩ଟି ଓ ସ୍ନେହାଶିଷ ମହାନ୍ତିଙ୍କୁ ୨ଟି ଉଇକେଟ ମିଳିଥିଲା।

# ହୀନା, ଅଙ୍କୁରଙ୍କ ନାମ ସୁପାରିସ





ହୀନା ସିଦ୍ଧୁ ଓ ଅଙ୍କୁର ମିତ୍ତଲ।

**ଖେଳରତ୍ନ ପୁରସ୍କାର**

**ନୂଆଦିଲ୍ଲୀ, ୨୯।୪ (ପି.ଟି.)**

ଭାରତର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ପିସ୍ତଲ ଶୁଟର ହୀନା ସିଦ୍ଧୁ ଓ ଟ୍ରାପ୍ ଶୁଟର୍ ଅଙ୍କୁର ମିତ୍ତଲଙ୍କ ନାମକୁ ଜାତୀୟ ଶୁଟିଂ ଫେଡେରେଶନ ପକ୍ଷରୁ ସୋମବାର କେନ୍ଦ୍ର କ୍ରୀଡ଼ା ବିଭାଗ ନିକଟକୁ ସୁପାରିସ କରାଯାଇଛି। ସେହିଭଳି ଅନ୍ୟତମ ଶୁଟର୍ ଅଞ୍ଜୁମ ମୌଦଗିଲ (ରାଇଫଲ୍), ଶାହଜର ରିଜଭି (ପିସ୍ତଲ) ଓ ଓମ୍‌ପ୍ରକାଶ ମିଥରୱାଲା (ପିସ୍ତଲ)ଙ୍କ ନାମ ମଧ୍ୟ ସମ୍ମାନଜନକ ଅର୍ଜୁନ ପୁରସ୍କାର ଲାଗି ସୁପାରିସ କରାଯାଇଥିବା ଜଣାପଡ଼ିଛି।

ପ୍ରଥମ ଭାରତୀୟ ପିସ୍ତଲ ଶୁଟର୍‌ଭାବେ ୨୯ ବର୍ଷୀୟା ହୀନା ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍ଏସ୍ଏଫ୍) ପକ୍ଷରୁ ପ୍ରକାଶିତ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଏକ ନମ୍ବର ସ୍ଥାନ ହାସଲ କରିବାରେ ସୌଭାଗ୍ୟ ଲାଭ କରିଥିଲେ। ସେହିଭଳି ୧୦ ମିଟର ଏୟାର ପିସ୍ତଲର ଫାଇନାଲରେ ୨୦୩.୮ ସ୍କୋର କରି ବିଶ୍ୱ ରେକର୍ଡକୁ ମଧ୍ୟ ହୀନା ନିଜ ନାମରେ କରିଛନ୍ତି। ଅପରପକ୍ଷରେ ଅଙ୍କୁର ମିତ୍ତଲ ଶଟ୍‌ଗନ୍‌ରେ ସ୍ଥିର ପ୍ରଦର୍ଶନ କରି ଆସୁଥିବା ଭାରତୀୟ ଶୁଟର୍‌ଙ୍କ ମଧ୍ୟରେ ସର୍ବାଗ୍ରେ ରହିଛନ୍ତି। ୨୦୧୭ ବିଶ୍ୱକପ୍‌ରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ସେହିବର୍ଷ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍ ଓ କମନ୍‌ୱେଲଥ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହାପରେ ଆଇଏସ୍ଏସ୍ଏଫ୍ ବିଶ୍ୱକପ୍ ଶଟ୍‌ଗନ ଚାମ୍ପିୟନଶିପ୍‌ରେ ଅଙ୍କୁର ରୌପ୍ୟ ପଦକ ଜିତି ଡବଲ୍ ଟ୍ରାପ୍ ଇଭେଣ୍ଟରେ ଏକ ନମ୍ବର ମାନ୍ୟତା ହାସଲ କରିଥିଲେ। ମୌଦଗିଲ ପ୍ରଥମ ଭାରତୀୟ ଭାବେ ଶୁଟିଂରେ ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ମହିଳା ଏୟାର ରାଇଫଲ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତି ଅଲିମ୍ପିକକୁ ଟିକେଟ୍ ଅର୍ଜନ କରିଥିଲେ। ୨୩ ବର୍ଷୀୟ ମିଥରୱାଲା ଗତବର୍ଷ କୋରିଆରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ର ପୁରୁଷ ୫୦ ମିଟର ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

## ରେସ୍‌ଲିଂରୁ ବଜରଙ୍ଗ, ଭୀନେଶ

ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ସୋମବାର ଏସିଆନ୍ ଚାମ୍ପିୟନ ବଜରଙ୍ଗ ପୁନିଆ ଓ ଗତବର୍ଷର ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକଧାରୀ ଭୀନେଶ ଫୋଗତଙ୍କ ନାମକୁ କ୍ରୀଡ଼ା ବିଭାଗରେ ଦେଶର ସବୁଠାରୁ ବଡ଼ ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ଲାଗି ସୁପାରିସ କରିଛି। ଗତ କିଛି ବର୍ଷ ହେଲା ଉଭୟଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁ ସେମାନଙ୍କ ନାମକୁ ସୁପାରିସ କରାଯାଇଛି ବୋଲି ଡବ୍ଲ୍ୟୁଏଫ୍ଆଇ ଅଫିସିଆଲ ସ୍ପଷ୍ଟ କରିଛନ୍ତି। ବିଶ୍ୱର ନଂ ୧ କୁସ୍ତିଯୋଦ୍ଧା ବଜରଙ୍ଗ ନିକଟରେ ୬୫ କିଗ୍ରା ଫ୍ରି ଷ୍ଟାଇଲ ବର୍ଗରେ ଏସିଆନ୍ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ହାତେଇଥିଲେ। ଗତ ବର୍ଷ ୨୫ ବର୍ଷୀୟ ଯୋଦ୍ଧା ଜାକର୍ତ୍ତାଠାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ମଧ୍ୟ ସମାନ ସଫଳତା ପାଇଥିଲେ। ଭୀନେଶ କେବଳ ବ୍ରୋଞ୍ଜ ପଦକ ଜିତିପାରିଥିଲେ। ହେଲେ ନୂଆ ଓଜନ ବର୍ଗରେ ଅଂଶଗ୍ରହଣ କରୁଥିବାରୁ ତାଙ୍କ ସଫଳତାକୁ ଗୁରୁତ୍ୱ ଦିଆଯାଉଛି। ୨୦୧୮ରେ ୨୪ ବର୍ଷୀୟା ଭୀନେଶ ପ୍ରଥମ ମହିଳା ଭାବେ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ରେକର୍ଡ କରିଥିଲେ। ଏମାନଙ୍କ ବ୍ୟତୀତ ଡବ୍ଲ୍ୟୁଏଫ୍ଆଇ ରାହୁଲ ଆୱାରେ, ହରପ୍ରୀତ ସିଂ, ଦିବ୍ୟା କାକରାନ ଓ ପୂଜା ଧଣ୍ଡାଙ୍କ ନାମକୁ ଅର୍ଜୁନ ସମ୍ମାନ ପାଇଁ ସୁପାରିସ କରାଯାଇଛି। ଗତବର୍ଷ ମଧ୍ୟ ଖେଳରତ୍ନ ପାଇଁ ବଜରଙ୍ଗଙ୍କ ନାମ ସୁପାରିସ କରାଯାଇଥିଲା। ହେଲେ ତାଙ୍କୁ ବାଦ୍ ଦିଆଯାଇ ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ଭାରୋତ୍ତୋଳନକାରୀ ମୀରାବାଇ ଚାନୁଙ୍କୁ କ୍ରୀଡ଼ା ବିଭାଗର ସର୍ବଶ୍ରେଷ୍ଠ ସମ୍ମାନ ଦିଆଯାଇଥିଲା। ଏଥିନେଇ ବଜରଙ୍ଗ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଧମକ ଦେଇଥିଲେ। ଚଳିତ ଥର ଏହି ସମ୍ମାନର ଅଧିକାରୀ ହେବା ଲାଗି ବଜରଙ୍ଗ ଆଶା ରଖିଛନ୍ତି। ଭାରତୀୟ କୁସ୍ତିଯୋଦ୍ଧା ମହାସଂଘ ପକ୍ଷରୁ ବୀରେନ୍ଦ୍ର କୁମାର, ସୁଜିତ ମନ, ନରେନ୍ଦ୍ର କୁମାର ଓ ବିକ୍ରମ କୁମାରଙ୍କ ଭଳି କୋଚ୍‌ଙ୍କ ନାମକୁ ଦ୍ରୋଣାଚାର୍ଯ୍ୟ ସମ୍ମାନ ନିମନ୍ତେ ସୁପାରିସ କରାଯାଇଛି।

■ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପ୍ରସଙ୍ଗ

# ଆମ ଭୂମିକା ସ୍ପଷ୍ଟ କରାଯାଇନି: ଲକ୍ଷ୍ମଣ

**ନୂଆଦିଲ୍ଲୀ, ୨୯।୪ (ପି.ଟି.)**

ଭାରତର ପୂର୍ବତନ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣଙ୍କ ବିରୋଧରେ ସ୍ୱାର୍ଥ ନିହିତ ଅଭିଯୋଗ ଆସିବା ପରେ ସେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କ୍ରିକେଟ ଉପଦେଷ୍ଟା କମିଟି (ସିଏସି)କୁ ହାତେଇବା କ୍ଷେତ୍ରରେ ବିସିସିଆଇର ପ୍ରଶାସକ କମିଟି (ସିଓଏ)ର କାର୍ଯ୍ୟଶୈଳୀକୁ ସେ ସମାଲୋଚନା କରିଛନ୍ତି। ବିନୋଦ



ରୟଙ୍କ ନେତୃତ୍ୱାଧୀନ ପ୍ୟାନେଲଠାରୁ ସମନ୍ୱୟର ଅଭାବ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି। ଲକ୍ଷ୍ମଣ କହିଛନ୍ତି ପ୍ରଶାସକ କମିଟି ସିଏସିର ଭୂମିକାଗୁଡ଼ିକ ସମ୍ପର୍କରେ ସ୍ପଷ୍ଟ ନ କରି କେବଳ ଜାତୀୟ ସିନିୟର କୋଚ୍ ମନୋନୟନ କ୍ଷେତ୍ରରେ ଏହାକୁ ବ୍ୟବହାର କରୁଛି। ହାଇଦ୍ରାବାଦର ଏହି ପୂର୍ବତନ ଷ୍ଟାଇଲିଶ ବ୍ୟାଟ୍ସମ୍ୟାନ ଅମ୍ବୁଡ୍‌ସମ୍ୟାନ ତଥା ଏଥିକ୍ସ ଅଫିସର ଜଷ୍ଟିସ (ଅବସରପ୍ରାପ୍ତ) ଡି.କେ. ଜୈନଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ଯଦି ତାଙ୍କ ବିରୋଧରେ ଅଣାଯାଇଥିବା ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗରେ କୌଣସି ସତ୍ୟତା ଥାଏ ତେବେ ସେ ପଦ ତ୍ୟାଗ କରିବାକୁ ପ୍ରସ୍ତୁତ ଅଛନ୍ତି। ସେ କହିଛନ୍ତି, ଗତ ୨୦୧୮ ଡିସେମ୍ବର ୭ରେ ଆମେ ପ୍ରଶାସକ କମିଟିକୁ ଏକ ଚିଠି ଲେଖିଥିଲୁ। ଏଥିରେ ଆମର ନିର୍ଦ୍ଦିଷ୍ଟ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ସ୍ପଷ୍ଟ କରିବାକୁ ଆମେ ଅନୁରୋଧ କରିଥିଲୁ। ମାତ୍ର ଆଜି ପର୍ଯ୍ୟନ୍ତ ତାହାର ଜବାବ ମିଳି ନାହିଁ। ଆମ କାର୍ଯ୍ୟକାଳର ଅବଧି ସମ୍ପର୍କରେ ମଧ୍ୟ ଆମେ ଅବଗତ ନୋହୁଁ। ସିଏସିର ଅସ୍ତିତ୍ୱ ଏବେ ରହିଛି କି ନା ତାହା ମଧ୍ୟ ଆମକୁ ଜଣା ନାହିଁ। ସୂଚନାଯୋଗ୍ୟ, ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ ସଦସ୍ୟ ସଞ୍ଜୀବ ଗୁପ୍ତାଙ୍କ ଦ୍ୱାରା ସ୍ୱାର୍ଥ ନିହିତ ଅଭିଯୋଗ ଅଣାଯାଇଛି। ସଚିନ ତେନ୍ଦୁଲକର ଏବଂ ଲକ୍ଷ୍ମଣଙ୍କ ଦ୍ୱୈତ୍ୟ ଭୂମିକା ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ପ୍ରଥମତଃ ଏହି ଦୁଇଜଣ ସେମାନଙ୍କ ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦର ସପୋର୍ଟ ଷ୍ଟାଫ୍ ରହିଛନ୍ତି। ଦ୍ୱିତୀୟତଃ କ୍ରିକେଟ ଉପଦେଷ୍ଟା କମିଟିର ସଦସ୍ୟ ରହିଛନ୍ତି। ଗୁପ୍ତା ବିଶେଷ କରି ମୁମ୍ବାଇ ଇଣ୍ଡିଆନ୍ସରେ ତେନ୍ଦୁଲକରଙ୍କ ଭୂମିକା ନେଇ ପ୍ରଶ୍ନ ଉଠାଇଛନ୍ତି। ଏନେଇ ସେମାନଙ୍କର ଜବାବ ଉପସ୍ଥାପନ କରିବା ଲାଗି ଅମ୍ବୁଡ୍‌ସମ୍ୟାନ ଜଷ୍ଟିସ ଜୈନ ଏହି ଦୁଇ ପୂର୍ବତନ କ୍ରିକେଟରଙ୍କୁ ନୋଟିସ ଜାରି କରିଥିଲେ। ତେନ୍ଦୁଲକର ଇତିମଧ୍ୟରେ ତାଙ୍କ ଜବାବ ଦେଇ ସାରିଛନ୍ତି। ଲକ୍ଷ୍ମଣ ତାଙ୍କର ଜଣେ ଓକିଲଙ୍କ ଜରିଆରେ ଜବାବ ଦେଇଛନ୍ତି।

## ଷ୍ଟର୍ଲିଂ 'ପ୍ଲେୟର ଅଫ୍ ଦି ସିଜନ'



ରହିମ ଷ୍ଟର୍ଲିଂ

**ଲଣ୍ଡନ, ୨୯।୪ (ଏଏଫ୍‌ପି)**

ରହିମ ଷ୍ଟର୍ଲିଂ ସୋମବାର ଫୁଟ୍‌ବଲ ରାଇଟର୍ସ ଆସୋସିଏଶନ (ଏଫ୍‌ଡବ୍ଲ୍ୟୁଏ) ଦ୍ୱାରା ୨୦୧୯ ଫୁଟବଲର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଏହି ସମ୍ମାନଜନକ ପୁରସ୍କାର ପାଇଁ ଏଫ୍‌ଡବ୍ଲ୍ୟୁଏର ୪୦୦ ସଦସ୍ୟଙ୍କୁ ନେଇ ଭୋଟ ଅନୁଷ୍ଠିତ ହୋଇଥିଲା। ଷ୍ଟର୍ଲିଂଙ୍କ ସପକ୍ଷରେ ୬୨ ପ୍ରତିଶତ ଭୋଟ ମିଳିଥିଲା। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଲିଭରପୁଲ୍ ଡିଫେଣ୍ଡର ଭର୍ଜିଲ ଭାନ୍ ଡିକ୍‌ଙ୍କଠାରୁ ସେ ୧୦୦ ଭୋଟ ଅଧିକ ବ୍ୟବଧାନରେ ପୁରସ୍କାର ଜିତିଥିଲେ। ଷ୍ଟର୍ଲିଂଙ୍କ ଟିମ୍‌ମେଟ୍ ସର୍ଗିଓ ଆଗ୍ୟୁରୋ ତୃତୀୟ ସ୍ଥାନରେ ରହିଥିଲେ। ରବିବାର ପ୍ରଫେଶନାଲ ଫୁଟ୍‌ବଲର୍ସ ଆସୋସିଏଶନ (ପିଏଫ୍‌ଏ) ପୁରସ୍କାର ଦୌଡ଼ରେ ୨୪ ବର୍ଷୀୟ ଷ୍ଟର୍ଲିଂ କିନ୍ତୁ ଭାନ୍ ଡିକ୍‌ଙ୍କଠାରୁ ହାରି ଯାଇଥିଲେ। କିନ୍ତୁ ସେ ପିଏଫ୍‌ଏ ୟଙ୍ଗ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ଷ୍ଟର୍ଲିଂ ପେପ୍ ଗାର୍ଡିଓଲା ଦଳର ଜଣେ ପ୍ରମୁଖ ଖେଳାଳି। ପ୍ରିମିୟର ଲିଗ୍ ଟାଇଟଲ ପାଇଁ ଏହି ଦଳର ଲିଭରପୁଲ୍ ସହିତ ଲଢେଇ ଚାଲିଛି। ଷ୍ଟର୍ଲିଂ ତାଙ୍କ କ୍ଲବ ଏବଂ ଦେଶ ପାଇଁ ୨୯ଗୋଲ ସ୍କୋର କରିସାରିଛନ୍ତି। ତନ୍ମଧ୍ୟରେ ୱେମ୍ବଲିଠାରେ ଚେକ୍ ରିପବ୍ଲିକ୍ ବିପକ୍ଷ ୨୦୨୦ ୟୁରୋ କ୍ୱାଲିଫାୟର ଓପନିଂ ମ୍ୟାଚରେ ଇଂଲଣ୍ଡ ତରଫରୁ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏହାଛଡ଼ା ସେ ଆହୁରି ମଧ୍ୟ ଗ୍ୟାରେଥ୍ ସାଉଥଗେଟ୍‌ଙ୍କ ଯୁବ ଦଳକୁ ଚଳିତ ଗ୍ରୀଷ୍ମ ଋତୁରେ ନେଶନ୍ସ ଲିଗ୍ ଫାଇନାଲ୍ସରେ ପ୍ରବେଶ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମାଞ୍ଚେଷ୍ଟର ସିଟିର ଇଂଲଣ୍ଡ ଫରୱାର୍ଡ ନିକିଟା ପ୍ୟାରିସ ବର୍ଷର ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଥିଲେ।

## ୧୦ ଦିନ ପାଇଁ ଘରକୁ ଫେରିଲେ ସୋଏବ

**ଲାହୋର,୨୯।୪(ପି.ଟି.)**

ପାକିସ୍ତାନ ଅଭିଜ୍ଞ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ସୋଏବ ମଲିକ ୧୦ ଦିନ ପାଇଁ ଇଂଲଣ୍ଡ ଗସ୍ତରୁ ସ୍ୱଦେଶ ଫେରିଛନ୍ତି । ତେବେ ବ୍ୟକ୍ତିଗତ କାରଣରୁ ସେ ଏପରି ନିଷ୍ପତ୍ତି ନେଇଛନ୍ତି ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ତରଫରୁ ସୋମବାର କୁହାଯାଇଛି। ନିଜ ଘରୋଇ କାମ ସାରି ସେ ୧୦ ଦିନପରେ ଦଳରେ ଯୋଗ ଦେବେ। ତେବେ କେଉଁ କାରଣ ଯୋଗୁ ସୋଏବଙ୍କୁ ୧୦ଦିନ ଛୁଟି ଦିଆଗଲା ସେ ନେଇ ବୋର୍ଡ ତରଫରୁ କିଛି ସ୍ପଷ୍ଟ କରାଯାଇନାହିଁ। ତାଙ୍କ ବ୍ୟକ୍ତିଗତ ବ୍ୟାପାରକୁ ସମ୍ମାନ ଦେଇ ପିସିବି ଏ ସଂକ୍ରାନ୍ତରେ ଅଧିକ କିଛି ସୂଚନା ଦେବାକୁ ମନା କରିଦେଇଛି। ନର୍ଥାମ୍ପଟନସାୟାର ବିପକ୍ଷ ଅଭ୍ୟାସ ମ୍ୟାଚ୍ ଠିକ୍ ପୂର୍ବରୁ ପିସିବି ଏ ନେଇ ସୂଚନା ଦେଇଛି। ଫଳରେ ମେ ୫ ତାରିଖରେ ଖେଳାଯିବାକୁ ଥିବା ଏକମାତ୍ର ଟି୨୦ ମ୍ୟାଚ୍ ସୋଏବ ଖେଳିପାରିବେ ନାହିଁ। ଉଲ୍ଲେଖଥାଉ କି, ମେ ୩୦ରୁ ଇଂଲଣ୍ଡରେ ଦିନିକିଆ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଛି। ତେବେ ଏହା ପୂର୍ବରୁ ପାକିସ୍ତାନ ଘରୋଇ ଇଂଲଣ୍ଡ ସହିତ ଏକ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସରିଜରେ ଅବତୀର୍ଣ୍ଣ ହେବ। ୮ ତାରିଖରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ।



**ମୁମ୍ବାଇ:** ବାନ୍ଦ୍ରାସ୍ଥିତ ଏକ ଭୋଟଗ୍ରହଣ କେନ୍ଦ୍ରରେ ସେମାନଙ୍କ ମତ ସାବ୍ୟସ୍ତ କରିବା ପରେ ସଚିନ ତେନ୍ଦୁଲକର, ତାଙ୍କ ସ୍ତ୍ରୀ ଅଞ୍ଜଳି, ଝିଅ ସାରା ଏବଂ ପୁତ୍ର ଅର୍ଜୁନ। ସାରା ଓ ଅର୍ଜୁନ ପ୍ରଥମ ଥର ଭୋଟ ଦେଇଛନ୍ତି।

# ବୋଟାସ ଜିତିଲେ ଆଜରବୈଜାନ ଗ୍ରାଁ ପ୍ରି

**ବାକୁ, ୨୯।୪ (ଏଏଫ୍‌ପି):** ମର୍ସିଡିଜ୍ ଟିମ୍‌ମେଟ୍ ଲୁଇସ୍ ହାମିଲଟନଙ୍କୁ ପଛରେ ପକାଇ ଭାଲଟେରି ବୋଟାସ ଆଜରବୈଜାନ ଫର୍ମୁଲାୱାନ ଗ୍ରାଁ ପ୍ରି ରେସ୍ ଜିତିଛନ୍ତି। ଏଥିସହିତ ସେ ୨୦୧୯ ଡ୍ରାଇଭର୍ସ ଟାଇଟଲ ରେସ୍‌ରେ ପ୍ରଥମ ସ୍ଥାନକୁ ଫେରିଛନ୍ତି। ଏଠାରେ ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ରୋମାଞ୍ଚକ ରେସ୍‌ରେ ବୋଟାସ ଦ୍ୱିତୀୟ ସ୍ଥାନରେ ଥିବା ହାମିଲଟନଙ୍କଠାରୁ ୧.୫ ସେକେଣ୍ଡ ଆଗରେ ରହିଥିଲେ। ଫଳରେ ମର୍ସିଡିଜ ସିଜନ ଓପନିଂରେ କ୍ରମାଗତ ଚତୁର୍ଥ ଥର ପାଇଁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ





ହାସଲ କରିପାରିଛନ୍ତି। ପୂର୍ବରୁ ଫେରାରୀ ପ୍ରଥମ ଟିମ୍ ଭାବେ ଏହି ସଫଳତା ୧୯୫୨ରେ ହାସଲ କରିଥିଲା। ବୋଟାସଙ୍କର ଚଳିତ ସିଜନରେ ଏହା ହେଉଛି ଦ୍ୱିତୀୟ ଟାଇଟଲ। ରେସ୍‌ରେ ଟପ୍ ୧୦ରେ ରହିଥିବା ଅନ୍ୟ ଡ୍ରାଇଭରମାନେ ଯଥାକ୍ରମେ ହେଲେ- ସେବାଷ୍ଟିଆନ ଭେଟେଲ (ଫେରାରି), ମାକ୍ସ ଭର୍ଷ୍ଟାପେନ୍(ରେଡବୁଲ୍), ଚାର୍ଲସ ଲେକଲେର୍କ (ଫେରାରି), ସର୍ଗିଓ ପେରେଜ(ରେସିଂ ପଏଣ୍ଟ), କାର୍ଲୋସ ସେଞ୍ଜ୍ ଜୁନିୟର(ମ୍ୟାକ୍‌ଲରେନ), ଲାଣ୍ଡୋ ନୋରିସ(ମ୍ୟାକ୍‌ଲରେନ), ଲାନ୍ସ ଷ୍ଟ୍ରୋଲ୍(ରେସିଂ ପଏଣ୍ଟ), କିମି ରାଇକୋନେନ (ଆଲ୍‌ଫା ରୋମିଓ)।

# ଜାତୀୟ ଶିବିରରେ ମଞ୍ଜୁ, ମନୀଷା

**କଟକ ଅଫିସ,୨୯।୪**

୧୭ ବର୍ଷରୁ କମ୍ ବାଳିକା ଫୁଟବଲ ବିଶ୍ୱକପ୍-୨୦୨୦ ନିମନ୍ତେ ଭାରତୀୟ ଦଳର ପ୍ରସ୍ତୁତି ଓ ଚୟନ ଶିବିରରେ ୨ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ଗୋଲକିପର ମଞ୍ଜୁ ଗଞ୍ଜୁ ଓ ଷ୍ଟ୍ରାଇକର ମନୀଷା ନାୟକ। ଉଭୟ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲର ଅନ୍ତେବାସୀ। ଆସନ୍ତା ମେ ୨ରୁ ଗୋଆଠାରେ ଏହି ଶିବିର ଚାଲିବ। ଅଲ୍‌ଇଣ୍ଡିଆ ଫୁଟବଲ



ମଞ୍ଜୁ ଗଞ୍ଜୁ



ମନୀଷା ନାୟକ

ଫେଡେରେଶନ(ଏଆଇଏଫ୍ଏଫ୍) ପକ୍ଷରୁ ସୋମବାର ଜାତୀୟ ଶିବିର ନିମନ୍ତେ ତାଲିକା ଘୋଷଣା କରାଯାଇଛି। ମହାରାଷ୍ଟ୍ରର କୋହ୍ଲାପୁରଠାରେ ଚାଲିଥିବା ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପରେ ପ୍ରଦର୍ଶନ ଦୃଷ୍ଟିରୁ ଉକ୍ତ ଦୁଇ ଖେଳାଳିଙ୍କ ନାମ ଏଆଇଏଫ୍ଏଫ୍ ଚୟନ କରିଛି ବୋଲି ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ ସୂଚନା ଦିଆଯାଇଛି। ଫାଓ ସମ୍ପାଦକ ସଞ୍ଜୟ ବେହେରା ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

“ କୋଲକାତା ନାଇଟ ରାଇଡର୍ସରେ ବ୍ୟାଟିଂ ଅର୍ଡର ଏବଂ ମୋ ଲିଡରଶିପକୁ ନେଇ ମୋ ପଛରେ ଏଣୁତେଣୁ ଆଲୋଚନା ହେଉଥିବା ମୋତେ ଜଣା ।
–ଦୀନେଶ କାର୍ତ୍ତିକ, ନାଇଟ ରାଇଡର୍ସ ଅଧିନାୟକ



“ ଓପନିଂରେ ବ୍ୟାଟିଂ କରିବା ଯଦିଓ ମୋର ପସନ୍ଦ, ତେବେ ଆବଶ୍ୟକ ସ୍ଥଳେ ଯେକୌଣସି ସ୍ଥାନରେ ବ୍ୟାଟିଂ ଦିଆଗଲେ ମୋର ଆପତ୍ତି ନାହିଁ ।
–ଶୁବମନ ଗିଲ୍, ନାଇଟ ରାଇଡର୍ସ ଖେଳାଳି



**ଆଜିର ମ୍ୟାଚ**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
ବନାମ
ରାଜସ୍ଥାନ ରୟାଲ୍ସ



ପ୍ରସାରଣ
ସ୍ଥାନ : ବେଙ୍ଗାଲୁରୁ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ହାଇଦ୍ରାବାଦ ୪୫ ରନରେ ବିଜୟୀ

ହାଇଦ୍ରାବାଦ,୨୯।୪(ପି.ଟି.)

କେନ ୱିଲିୟମସନଙ୍କ ନେତୃତ୍ୱାଧୀନ ସନରାଇଜର୍ସ ହାଇଦ୍ରାବାଦ ଚଳିତ ଆଇପିଏଲର ୪୮ତମ ମ୍ୟାଚ୍‌ରେ ରବିଚନ୍ଦ୍ରନ ଅଶ୍ୱିନଙ୍କ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ବୃହତ ୪୫ ରନରେ ପରାସ୍ତ କରିଛି। ସୋମବାର ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ ୬ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲା। ଜବାବରେ ପଞ୍ଜାବ ୮ ଉଇକେଟ ହରାଇ ୧୬୭ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଦ୍ରୁତ ୮୧ରନର ଉପଯୋଗୀ ଇନିଂସ ଖେଳିଥିବା ହାଇଦ୍ରାବାଦ ଓପନର ଡେଭିଡ ୱାର୍ନର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୨୧୩ ରନ ବୃହତ୍ ଟାର୍ଗେଟର ପିଛା କରି ପଞ୍ଜାବ ଆରମ୍ଭରୁ ବିସ୍ଫୋରକ ଓପନର କ୍ରିସ୍ ଗେଲ୍ (୪ ରନ୍)ଙ୍କ ଉଇକେଟ ହରାଇଥିଲା। ୧୮ ବଲରୁ ୨ ଚୌକା, ୧ ଛକା ସହ ୨୭ ରନ କରି ମୟଙ୍କ ଅଗ୍ରୱାଲ ରସିଦ ଖାଁଙ୍କ ଦ୍ୱାରା ଓ ନିକୋଲାସ ପୁରାନ ୧୦ଟି ବଲ ଖେଳି ୨ଟି ଲେଖାଏ ଚୌକା ଓ ଛକା ସହ ୨୧ ରନ କରି ଖଲିଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ଡେଭିଡ ମିଲର ମାତ୍ର ୧୧ ରନକରିଥିବା ବେଳେ ଓ ଅଧିନାୟକ ରବିଚନ୍ଦ୍ରନ ବିନାସ୍କୋରରେ ଯଥାକ୍ରମେ ରସିଦଙ୍କ ଦ୍ୱିତୀୟ ଓ ତୃତୀୟ ଶିକାର ହୋଇଥିଲେ। ଗୋଟିଏ ପଟେ ନିୟମିତ ବ୍ୟବଧାନରେ ଉଇକେଟ ଝଡୁଥିବା ବେଳେ ଓପନର ଲୋକେଶ ରାହୁଲ ଲଢେଇ କରିଥିଲେ। ସେ ୫୬ଟି ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୫ ଛକା ସହ ୭୯ ରନକରି ଖଲିଲଙ୍କ ବଲ୍‌ରେ କେନ ୱିଲିୟମସନଙ୍କୁ କ୍ୟାଚ୍ ଦେଇଥିଲେ। ତେବେ ତାଙ୍କର ଏହି ପ୍ରୟାସ ବିଜୟ ପାଇଁ ଯଥେଷ୍ଟ ନ ଥିଲା। ସିମରନ ସିଂ ୧୬ରନ କରି ସନ୍ଦୀପ ଶର୍ମାଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ଖଲିଲ, ରସିଦ ୩ଟି ଲୋଖାଏ,ସନ୍ଦୀପ ୨ଟି ଉଇକେଟ ନେଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଡେଭିଡ୍ ୱାର୍ନର।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ତରଫରୁ ଦୁଇ ଓପନର ଧୂଆଁଧାର ଆରମ୍ଭ କରିଥିଲେ। ଓପନିଂ ଯୋଡିରେ ଡେଭିଡ ୱାର୍ନର ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଦ୍ଧିମାନ ଶାହ ୩୮ଟି ବଲରୁ ୭୮ ରନ ସଂଗ୍ରହ କରିଥିଲେ। ରିଦ୍ଧିମାନ ୧୩ ବଲରୁ ୩ ଚୌକା ଓ ୧ ଛକା ସହ ୨୮ ରନ କରି ମୁରୁଗାନ ଅଶ୍ୱିନଙ୍କ ବଲ୍‌ରେ ସିମରନ ସିଂଙ୍କୁ କ୍ୟାଚ୍ ଦେଇଥିଲେ। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେ ୨୫ଟି ବଲ୍ ଖେଳି ୩ ଚୌକା ଓ ୧ ଛକା ସହ ୩୬ ରନ କରି ସ୍କୋରକୁ ଆଗେଇ ନେଉଥିବା ବେଳେ ମହମ୍ମଦ ସାମିଙ୍କୁ କ୍ୟାଚ୍ ଦେଇ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ବିସ୍ଫୋରକ ଓପନର ୱାର୍ନର ୮୧ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ସେ ମୁଜିବ ଉର ରହମାନଙ୍କୁ କ୍ୟାଚ୍ ଦେଇ ଅଶ୍ୱିନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ୨ ଚୌକା ସହ ୧୦ ବଲରୁ ୨୦ ରନ କରି ମହମ୍ମଦ ନବୀ ଓ ଅଧିନାୟକ କେନ୍ ୱିଲିୟମସନ ୭ ବଲରୁ ୧୪ ରନ କରି ସାମିଙ୍କ ଦ୍ୱାର ଆଉଟ ହୋଇଥିଲେ। ବିଜୟ ଶଙ୍କର ୭ ଓ ଅଭିଷେକ ବର୍ମା ୫ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ସାମି ଓ ଅଶ୍ୱିନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

■ ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୧୨/୬ (ୱାର୍ନର- ୮୧, ମନୀଷ- ୩୬, ରିଦ୍ଧିମାନ- ୨୮, ନବି- ୨୦, ଅଶ୍ୱିନ- ୨/୩୦, ସାମି- ୨/୩୬)।

■ କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୬୭/୮ (ରାହୁଲ- ୭୯, ଅଗ୍ରୱାଲ- ୨୭, ପୁରାନ- ୨୧, ସିମରନ- ୧୬, ରସିଦ- ୩/୨୧, ଖଲିଲ- ୩/୪୦, ସନ୍ଦୀପ- ୨/୩୩)।

## ରୋହିତଙ୍କୁ ଜରିମାନା

କୋଲକାତା,୨୯।୪: ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମାଙ୍କୁ ଜରିମାନା ଦେବାକୁ ପଡ଼ିବ। ଏଠାରେ କୋଲକାତା ନାଇଟ ରାଇଡର୍ସ (କେକେଆର) ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ ଆଇପିଏଲ ନିୟମ ଭଙ୍ଗ କରିଛନ୍ତି। ଜରିମାନା ବାବଦକୁ ତାଙ୍କ ମ୍ୟାଚ୍ ଫି'ର ୧୫ ପ୍ରତିଶତ କାଟ୍ କରାଯିବ। ରୋହିତ ଏଲବିଡବ୍ଲ୍ୟୁ ଆଉଟ୍ ଯିବା ପରେ ନନ୍ ଷ୍ଟ୍ରାଇକ୍ ଏଣ୍ଡର ଉଇକେଟକୁ ବ୍ୟାଟରେ ବାଡ଼େଇଥିଲେ। ମୁମ୍ବାଇ ଫ୍ରାଞ୍ଚାଇଜ ଅଧିନାୟକ ଦୋଷ ସ୍ୱୀକାର କରିନେଇଛନ୍ତି। ଉଲ୍ଲେଖଥାଉ କି, କେକେଆର ୩୪ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦେଇଛି। ମୁମ୍ବାଇ ଦଳ ବିପକ୍ଷରେ କ୍ରମାଗତ ୮ ମ୍ୟାଚ୍ ପରାଜୟ ପରେ କେକେଆର ଦଳର ଏହା ପ୍ରଥମ ବିଜୟ। ଏଥିଯୋଗୁ ଦୀନେଶ କାର୍ତ୍ତିକଙ୍କ ଦଳ ଚଳିତ ଆଇପିଏଲ ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିଛି।

## ସ୍ୱତନ୍ତ୍ର କ୍ଲବରେ ଚାୱଲା

କୋଲକାତା,୨୯।୪: କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଲେଗ୍ ସ୍ପିନର ପୀୟୂଷ ଚାୱଲା ୧୫୦ ଆଇପିଏଲ ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ସାମିଲ ହୋଇଛନ୍ତି। ଲସିଥ୍ ମାଲିଙ୍ଗା ଓ ଅମିତ୍ ମିଶ୍ରାଙ୍କ ପରେ ସେ ୩ୟ ବୋଲର ଭାବେ ଏହି ସ୍ୱତନ୍ତ୍ର କ୍ଲବରେ ସ୍ଥାନ ପାଇଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଅଲ୍‌ରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ଚାୱଲାଙ୍କ ୧୫୦ତମ ଶିକାର ବନିଥିଲେ। ଏହି ଲେଗ୍ ସ୍ପିନରଙ୍କ ଭଳି ଅମିତ ମଧ ଚଳିତ ସିଜନରେ ୧୫୦ ଉଇକେଟ ପୂରଣ କରିଛନ୍ତି। କିନ୍ତୁ ଶ୍ରୀଲଙ୍କା ପେସର ମାଲିଙ୍ଗା ଗତବର୍ଷ ପ୍ରଥମ ବୋଲର ଭାବେ ଏହି ସଫଳତା ପାଇଥିଲେ।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୮ | ୪ | ୧୬ | ୦.୨୩୩ |
| ସୁପର କିଙ୍ଗ୍ସ | ୧୨ | ୮ | ୪ | ୧୬ | -୦.୧୧୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୧୪ | ୦.୩୪୭ |
| ସନ୍‌ରାଇଜର୍ସ | ୧୨ | ୬ | ୬ | ୧୨ | ୦.୭୦୯ |
| ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | ୦.୧୦୦ |
| କିଙ୍ଗ୍ସ ଇଲେଭେନ | ୧୨ | ୫ | ୭ | ୧୦ | -୦.୨୯୬ |
| ରାଜସ୍ଥାନ ରୟାଲ୍ସ | ୧୨ | ୫ | ୭ | ୧୦ | -୦.୩୨୧ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୨ | ୪ | ୮ | ୮ | -୦.୬୯୪ |

## ୩୧ତମ ଜନ୍ମଦିନ ପାଳିଲେ ରସେଲ

କୋଲକାତା,୨୯।୪

ଇଡେନ ଗାର୍ଡେନଠାରେ ୪୦ ବଲରୁ ବିସ୍ଫୋରକ ୮୦ ରନ୍ କରିବା ପରେ ୱେଷ୍ଟଇଣ୍ଡିଆନ ଅଲରାଉଣ୍ଡର ଆନ୍ଦ୍ରେ ରସେଲ ୩୧ତମ ଜନ୍ମଦିନ ପାଳନ କରିଛନ୍ତି। ତାଙ୍କ ବିସ୍ଫୋରକ ଇନିଂସ ଯୋଗୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଚଳିତ ଆଇପିଏଲର ସର୍ବାଧିକ ଦଳଗତ ସ୍କୋର ୨୩୨/୨ କରିପାରିଛି। ମ୍ୟାଚ୍ ପରେ ରସେଲ କେକେଆର ଦଳର ସ୍ୱତନ୍ତ୍ର ପ୍ରଶଂସକ ହର୍ଷଲ ଗୋଏଙ୍କାଙ୍କ ସହ କେକ୍ କାଟିଥିଲେ। ଗୋଏଙ୍କା ପକ୍ଷପାତ ରୋଗରେ ପୀଡ଼ିତ ଥାଇ ମଧ ନିୟମିତ କେକେଆର ଦଳକୁ ଇଡେନ ଗାର୍ଡେନରେ ସମର୍ଥନ କରିଥାନ୍ତି। ତାଙ୍କ ସହ ରସେଲ ଫଟୋ ଉଠାଇବା ପରେ ଡ୍ରେସିଂ ରୁମରେ ଦଳୀୟ ଖେଳାଳିଙ୍କ ସହ ଉତ୍ସବ ମନାଇଥିଲେ। ଏହି ଅବସରରେ ରସେଲଙ୍କ ପତ୍ନୀ ଜାସିମ ଲୋରା ମଧ ଉପସ୍ଥିତ ଥିଲେ। ଚଳିତ ସିଜନରେ ରସେଲ ଚମତ୍କାର ଫର୍ମରେ ଅଛନ୍ତି। ସେ ୧୨ ମ୍ୟାଚ୍‌ଖେଳି ୨୦୭.୬୯ ଷ୍ଟ୍ରାଇକ୍ ରେଟ୍‌ରେ ୪୮୬ ରନ୍ କରିସାରିଛନ୍ତି। ଏଥିସହ ତାଙ୍କ ନାମରେ ୧୦ ଉଇକେଟ ମଧ ରହିଛି।

## ପ୍ଲେ-ଅଫ୍ ଲକ୍ଷ୍ୟରେ ରାଜସ୍ଥାନ



ରିୟାନ ପରାଗ

ବେଙ୍ଗାଲୁରୁ, ୨୯।୪ (ପି.ଟି.): ଆଇପିଏଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ମଙ୍ଗଳବାର ଘରୋଇ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ରାଜସ୍ଥାନ ରୟାଲ୍ସ ପରସ୍ପରକୁ ଭେଟିବେ। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ବାଙ୍ଗାଲୋର ଆଇପିଏଲ୍‌ର ଚଳିତ ଦ୍ୱାଦଶ ସଂସ୍କରଣରେ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖିଛି। ବାଙ୍ଗାଲୋର ବର୍ତ୍ତମାନ ସୁଦ୍ଧା ୧୨ ମ୍ୟାଚ୍‌ରୁ ୪ ବିଜୟ ଓ ୮ ପରାଜୟ ସହ ୮ ପଏଣ୍ଟ ପାଇ ଟେବୁଲର ସର୍ବନିମ୍ନ ସ୍ଥାନରେ ରହି ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି। ଅପରପକ୍ଷରେ ରାଜସ୍ଥାନ ପ୍ରଦର୍ଶନ ମଧ୍ୟ ଉତ୍ସାହଜନକ ରହିନାହିଁ। ରାଜସ୍ଥାନ ୧୨ ମ୍ୟାଚ୍‌ରୁ ୫ ବିଜୟ ଓ ୭ ପରାଜୟ ସହ ୧୦ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ବାଙ୍ଗାଲୋର ବିପକ୍ଷ ମୁକାବିଲାକୁ ମିଶାଇ ଭ୍ରମଣକାରୀ ରାଜସ୍ଥାନ ଆଉ ୨ଟି ଲିଗ୍ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ୨ଟି ମ୍ୟାଚ୍ ଜିତି ଦଳ ପ୍ଲେ-ଅଫ୍ ଆଶା ଉଜ୍ଜୀବିତ କରିବା ଲକ୍ଷ୍ୟରେ ରହିଛି। ପୂର୍ବ ମ୍ୟାଚ୍‌ରେ ଆକର୍ଷଣୀୟ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସର ଯୁବ ବ୍ୟାଟ୍‌ମ୍ୟାନ୍ ରିୟାନ ପରାଗଙ୍କ ଉପରେ ସମସ୍ତଙ୍କ ନଜର ରହିବ।

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ସୁପ୍ରିୟା ସାହୁ (ଶକ୍ତିଶ୍ରୀ)
ସମ୍ବଲପୁର, (ମହାନ୍ତିପଡ଼ା)
ଜନ୍ମଦିନ ଅବସରରେ ତୋର ଭବିଷ୍ୟତ ଉଜ୍ଜଳମୟ, ମଧୁମୟ, ଦୀର୍ଘାୟୁମୟ ଓ ଶାନ୍ତିମୟ ହେଉ ଏହାହିଁ ପ୍ରଭୁ ଦଧିବାବନଙ୍କ ଠାରେ ଆମର ବିନୀତ। **ଶୁଭେଚ୍ଛାସହ:** ବାପା– ପ୍ରିୟରଞ୍ଜନ, ମା– ସସ୍ମିତା, ଦାଦା– ମେଘନାଦ ସାହୁ ଓ ପରିବାରବର୍ଗ। ବରପାଲି। ଧ–୧୨୩୯୦

**ଜନ୍ମଦିନ ଶୁଭେଚ୍ଛା**



ଅଭିଷେକ ପଟ୍ଟନାୟକ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆଜି ୧୪ତମ ଜନ୍ମଦିବସ ଅବସରରେ ଅନେକ ଅନେକ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଭବିଷ୍ୟତ ଜୀବନ ଦୀର୍ଘ, ନିରାମୟ ଓ ଉଜ୍ଜ୍ୱଳମୟ ହେବା ସଙ୍ଗେ ସଙ୍ଗେ ଚଲାପଥ କୁସୁମିତ ହେଉ ଏହାହିଁ ପ୍ରାର୍ଥନା।
ଶୁଭେଚ୍ଛା ସହ
ପା, ମା, ଜେଜେ ମା, କୁନୁ ପା, ପୂଜା ନାନୀ, ସମ୍ବଲପୁର ବାବା, ମାମା, ରାଜା ମାମୁ, ମାଇଁ, ମିଷ୍ଟି ଓ ଆହାନ।
ଧ–୧୨୩୯୩

## ବିଶ୍ୱକପ୍ ଦଳରୁ ହେଲ୍ସ ବାଦ୍

ଲଣ୍ଡନ,୨୯।୪(ଏଏଫ୍‌ପି)

ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଆଲେକ୍ସ ହେଲ୍ସ ଇଂଲଣ୍ଡ ବିଶ୍ୱକପ୍‌ରେ ଖେଳିପାରିବେ ନାହିଁ। କ୍ରିକେଟ ସହ ଜଡ଼ିତ ନ ଥିବା ଅଫ୍-ଫିଲ୍ଡ ଘଟଣା ଯୋଗୁ ତାଙ୍କୁ ସମସ୍ତ ଅନ୍ତର୍ଜାତୀୟ ଦଳରୁ ପ୍ରତ୍ୟାହାର କରିନିଆଯାଇଛି ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ସୋମବାର କୁହାଯାଇଛି। ତାଙ୍କୁ ବିଶ୍ୱକପ୍ ଲାଗି ଘୋଷିତ ୧୫ ଜଣିଆ ଇଂଲଣ୍ଡ ଦଳରେ ସାମିଲ କରାଯାଇଥିଲା। ହେଲେ ସେ ଦ୍ୱିତୀୟଥର ପାଇଁ ଇସିବିର ଶୃଙ୍ଖଳାଗତ ନିୟମ ଭଙ୍ଗ କରି ବାସନ୍ଦ ହୋଇଛନ୍ତି। ଗାର୍ଡିଆନ ଖବରକାଗଜରେ ପ୍ରକାଶ ପାଇଥିବା ରିପୋର୍ଟରେ ଲିଖିତ ରହିଛି, ଡ୍ରଗ୍ସ ବ୍ୟବହାର କରୁଥିବାରୁ ବିସ୍ଫୋରକ ବ୍ୟାଟ୍ସମ୍ୟାନଙ୍କୁ ବାସନ୍ଦାଦେଶ ଭୋଗ କରିବାକୁ ପଡ଼ିଛି। ଏହାକୁ ହେଲ୍ସଙ୍କ ପ୍ରତିନିଧି ମଧ ସ୍ପଷ୍ଟ କରିଛନ୍ତି। ଗତବର୍ଷ ଅଫ୍ ଫିଲ୍ଡ ଘଟଣା ଯୋଗୁ ମଧ ନଟିଂହାମ୍‌ଶାୟାର ବ୍ୟାଟ୍ସମ୍ୟାନଙ୍କୁ ବାସନ୍ଦ ହେବାକୁ ପଡ଼ିଥିଲା। ବ୍ରିଷ୍ଟଲ ଘଟଣା ପରେ ବେନ୍ ଷ୍ଟୋକ୍ସଙ୍କ ସହ ହେଲ୍ସ ବାସନ୍ଦ ହେବା ସହ ଜରିମାନା ଦେଇଥିଲେ। ଏ ସମ୍ପର୍କରେ ଇସିବି ପୁରୁଷ କ୍ରିକେଟ ଦଳର ମ୍ୟାନେଜିଂ ଡାଇରେକ୍ଟର ଆଶ୍‌ଲେ ଜାଇଲ୍ସ କହିଛନ୍ତି, ଇଂଲଣ୍ଡ ଦଳର ପରିବେଶକୁ ଠିକ୍ କରିବା ପାଇଁ ଆମେ କଠିନ କାର୍ଯ୍ୟ କରୁଛୁ। କେଉଁ ନିଷ୍ପତ୍ତି ଦ୍ୱାରା ଦଳର ଲାଭ ହୋଇପାରିବ, ତାହାକୁ ଅଧିକ ଗୁରୁତ୍ୱ ଦେଉଛୁ। ଯାହାଫଳରେ ଖେଳାଳିମାନେ ପିଚ୍‌ରେ ସଫଳତା ଉପରେ ବିଶେଷ ଧ୍ୟାନ ଦେଇପାରିବେ। କିନ୍ତୁ ଇଂଲଣ୍ଡ କ୍ରିକେଟର ଭାବେ ଆଲେକ୍ସଙ୍କ କ୍ୟାରିୟରର ଏହା ଅନ୍ତ ନୁହେଁ। ଉଲ୍ଲେଖଥାଉ କି, ଆଲେକ୍ସ ୧୧ ଟେଷ୍ଟ, ୭୦ ଦିନିକିଆ ଓ ୬୦ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ଖେଳିଛନ୍ତି।



# ୧୯୮୩ : କପିଳଦେବ, ବିନ୍ନିଙ୍କ ପ୍ରଭାବୀ ପ୍ରଦର୍ଶନ

ଇଂଲଣ୍ଡରେ ୧୯୮୩ରେ ଅନୁଷ୍ଠିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପର ତୃତୀୟ ସଂସ୍କରଣରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ ଚାମ୍ପିୟନ ହୋଇଥିଲା। ପ୍ରଥମଥର ପାଇଁ ଏହି ମେଗା ଇଭେଣ୍ଟରେ ଟାଇଟଲ ଜିତିବା ପରେ ଭାରତ କ୍ରିକେଟର ଏକ ପ୍ରକାର ବିପ୍ଳବ ସୃଷ୍ଟି ହୋଇଥିଲା। ଆଣ୍ଡରଡଗ୍ ବିବେଚିତ ହେଉଥିଲେ ମଧ ଶେଷରେ ଭାରତ ବାଜି ମାରିଥିଲା। ଦଳଗତ ପ୍ରଦର୍ଶନ ଯୋଗୁ ଭାରତ ବିଜୟ ମୁକୁଟ ପିନ୍ଧିଥିଲା। ଭାରତ ପକ୍ଷରୁ କପିଳ ଦେବ ଉଭୟ ବୋଲିଂ ଓ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ଓ ଦଳର ସଫଳତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ବୋଲିଂରେ ରୋଜର ବିନ୍ନି, ମଦନ ଲାଲ ଓ ଖାସ୍ କରି ଫାଇନାଲ ମ୍ୟାଚ୍‌ରେ ମହିନ୍ଦର ଅମରନାଥଙ୍କ ଅଲରାଉଣ୍ଡର ପ୍ରଦର୍ଶନ ବେଶ୍ ଚମତ୍କାର ଥିଲା। ସର୍ବାଧିକ ବ୍ୟକ୍ତିଗତ ସ୍କୋର ତାଲିକାରେ କପିଳ ଦେବ ଜିମ୍ବାୱେ ବିପକ୍ଷରେ ୧୭୫ ରନର ଅପରାଜିତ ଇନିଂସ ଖେଳି ଶୀର୍ଷରେ ରହିଥିଲେ। କପିଳ ମଧ ଟୁର୍ନାମେଣ୍ଟରେ ସର୍ବାଧିକ ୮ଟି କ୍ୟାଚ୍ ନେଇଥିଲେ। ସେହିପରି ବୋଲିଂରେ ବିନ୍ନି ସର୍ବାଧିକ ୧୮ଟି ଉଇକେଟ ନେଇ ତାଲିକାର ପ୍ରଥମ ସ୍ଥାନରେ ରହିଥିଲେ।

ସର୍ବାଧିକ ଦଳୀୟ ସ୍କୋର ଦୃଷ୍ଟିକୋଣରୁ ବିଚାର କଲେ ପାକିସ୍ତାନ ନଂ ୧ ସ୍ଥାନରେ ରହିଥିଲା। ଶ୍ରୀଲଙ୍କା ବିପକ୍ଷରେ ସର୍ବାଧିକ ୫ ଉଇକେଟ ହରାଇ ୩୩୮ ରନ ସଂଗ୍ରହ କରିଥିଲା। ସେହିପରି ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡ ଅନ୍ୟଏକ ମ୍ୟାଚ୍‌ରେ ୯ ଉଇକେଟ ହରାଇ ୩୩୩ ରନ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ଇଂଲଣ୍ଡ ପୁଣି ନ୍ୟୁଜିଲାଣ୍ଡ ବିପକ୍ଷ ଏକ ମ୍ୟାଚ୍‌ରେ ୬ ଉଇକେଟ ହରାଇ ୩୨୨ ରନ କରି ତୃତୀୟ ସ୍ଥାନରେ ରହିଥିଲା। ତେବେ ସର୍ବାଧିକ ଦଳୀୟ ସ୍କୋର ତାଲିକାର ପ୍ରଥମ ୧୦ଟି ସ୍ଥାନରେ ଭାରତ ସ୍ଥାନ ପାଇ ନ ଥିଲା।

ଟୁର୍ନାମେଣ୍ଟରେ ସର୍ବାଧିକ ରନ୍ ସଂଗ୍ରହ କରିବାରେ ଇଂଲଣ୍ଡର ଡେଭିଡ ଗୱାର ସମସ୍ତଙ୍କୁ ପଛରେ ପକାଇଥିଲେ। ୭ଟି ମ୍ୟାଚ୍ ଖେଳି ୭ଟି ଇନିଂସରୁ ୭୬.୮୦ ରନ ହାରରେ ଓ ୮୪. ୯୫ ରନ ହାରରେ ସେ ୩୮୪ ରନ କରି ତାଲିକାର ଶୀର୍ଷରେ ରହିଥିଲେ। ଗୱାର ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ୱେଷ୍ଟଇଣ୍ଡିଜର ଭିଭିଆନ ରିଚାର୍ଡ୍ସ ୮ଟି ମ୍ୟାଚ୍‌ରୁ ୭ଟି ଇନିଂସ ଖେଳି ୭୩.୪୦ ରନ ହାରରେ ଓ ୮୧. ୧୯ ଷ୍ଟ୍ରାଇକ ରେଟ୍‌ରେ ୩୬୭ ରନ କରି ଦ୍ୱିତୀୟ ଓ ଇଂଲଣ୍ଡର ଗ୍ରେମ୍ ଫୋଲର ୭ଟି ମ୍ୟାଚ୍ ଖେଳି ୭ଟି ଇନିଂସରୁ ୩୬୦ ରନ କରି ତୃତୀୟ ସ୍ଥାନରେ ରହିଥିଲେ। ରିଚାର୍ଡ୍ସ ଗୋଟିଏ ଶତକ ଓ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ। ଏହି ତାଲିକାରେ ଏକମାତ୍ର ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ କପିଳ ଦେବ ସ୍ଥାନ ପାଇଥିଲେ। ସେ ୮ଟି ମ୍ୟାଚ୍ ଖେଳି ୮ଟି ଇନିଂସରୁ ଗୋଟିଏ ଶତକ ସହ ୬୦.୬୦ ଆଭରେଜରେ ମୋଟ ୩୦୩ ରନ କରି ତାଲିକାର ପଞ୍ଚମସ୍ଥାନରେ ରହିଥିଲେ। ତେବେ କପିଳଙ୍କ ଷ୍ଟ୍ରାଇକ ରେଟ୍ ସର୍ବାଧିକ ୧୦୮.୯୯ ଥିଲା।

ସର୍ବାଧିକ ବ୍ୟକ୍ତିଗତ ସ୍କୋର ତାଲିକାରେ ଏକମାତ୍ର ଭାରତୀୟ ଭାବେ କପିଳ ଦେବ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ ଓ ସେ ଶୀର୍ଷରେ ଥିଲେ। ଜିମ୍ବାୱେ ବିପକ୍ଷରେ ଅପରାଜିତ ୧୭୫ ରନ ସଂଗ୍ରହ କରି ଇତିହାସ ସୃଷ୍ଟି କରିଥିଲେ। ଏହି ତାଲିକାରେ ଶ୍ରୀଲଙ୍କା ବିପକ୍ଷରେ ୧୩୦ ରନ କରି ଇଂଲଣ୍ଡର ଡେଭିଡ ଗୱାର ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ୱେଷ୍ଟଇଣ୍ଡିଜର ଭିଭିଆନ ରିଚାର୍ଡ୍ସ ଭାରତ ବିପକ୍ଷ ଏକ ମ୍ୟାଚ୍‌ରେ ୧୧୯ ରନର ଶତକୀୟ ପାଳି ଖେଳି ତୃତୀୟ ସ୍ଥାନରେ ରହିଥିଲେ। କପିଳଙ୍କୁ ବାଦ୍ ଦେଲେ ଏହି ୧୦ ଜଣିଆ ତାଲିକାରେ ଅନ୍ୟ କୌଣସି ଭାରତୀୟ ସ୍ଥାନ ପାଇ ନ ଥିଲେ।

ରନ ଦୃଷ୍ଟିକୋଣରୁ ସର୍ବାଧିକ ପାର୍ଟନରଶିପ୍ ତାଲିକାରେ ୱେଷ୍ଟଇଣ୍ଡିଜର ଗର୍ଡନ ଗ୍ରୀନିଜ ଓ ଲ୍ୟାରୀ ଗୋମ୍ସ ଜିମ୍ବାୱେ ବିପକ୍ଷରେ ତୃତୀୟ ଉଇକେଟରେ ଅପରାଜିତ ୧୯୫ ରନ କରି ଶୀର୍ଷରେ ରହିଥିଲେ। ସେହିପରି ୱେଷ୍ଟଇଣ୍ଡିଜ୍‌ର ଡେସ୍‌ମଣ୍ଡ ହେନ୍ସ ଫାଉଦ ବାକଚୁସ ପ୍ରଥମ ଉଇକେଟରେ ଜିମ୍ବାୱେ ବିପକ୍ଷରେ ଅପରାଜିତ ୧୭୨ ରନ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ପାକିସ୍ତାନର ଜାହିର ଆବାସ ଓ ଇମ୍ରାନ ଖାଁ ନ୍ୟୁଜିଲାଣ୍ଡ ବିପକ୍ଷରେ ଚତୁର୍ଥ ଉଇକେଟରେ ଅପରାଜିତ ୧୪୭ ରନ କରି ତୃତୀୟ ସ୍ଥାନରେ ରହିଥିଲେ। ଏହି ୧୦ ଜଣିଆ ତାଲିକାରେ ଭାରତର କପିଳ ଦେବ ଓ ସୟଦ କିର୍‌ମାନୀ ଜିମ୍ବାୱେ ବିପକ୍ଷରେ ଅପରାଜିତ ୧୨୬ ରନ କରି ସପ୍ତମ ସ୍ଥାନରେ ରହିଥିଲେ।

ବୋଲିଂରେ ସର୍ବାଧିକ ଉଇକେଟ ହାସଲ କରିବାରେ ଭାରତର ରୋଜର ବିନ୍ନି ୮ଟି ମ୍ୟାଚ୍ ଖେଳି ୧୮.୬୬ ଆଭରେଜରେ ୧୮ଟି ଉଇକେଟ ହାସଲ କରି ଶୀର୍ଷ ସ୍ଥାନରେ ରହିଥିଲେ। ୨୯ ରନ ଦେଇ ୪ ଉଇକେଟ ଅକ୍ତିଆର କରି ସେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ବିନ୍ନିଙ୍କୁ ବାଦ୍ ଦେଲେ ଅନ୍ୟ ଦୁଇ ଭାରତୀୟ ଖେଳାଳିଭାବେ ମଦନ ଲାଲ ଓ କପିଳ ସ୍ଥାନ ପାଇଥିଲେ। ଶ୍ରୀଲଙ୍କା ଆଶନ୍ତ ଡି ମେଲ ୬ଟି ମ୍ୟାଚ୍ ଖେଳି ୧୭ ଉଇକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ମଦନ ଲାଲ ୮ଟି ମ୍ୟାଚ୍ ଖେଳି ୧୬.୭୬ ରନ ହାରରେ ୧୭ଟି ଉଇକେଟ ହାସଲକରି ତୃତୀୟ ସ୍ଥାନରେ ରହିଥିଲେ। ସେହିପରି କପିଳ ଦେବ ୮ଟି ମ୍ୟାଚ୍ ଖେଳି ୨୦.୪୧ ରନ ହାରରେ ୧୨ଟି ଉଇକେଟ ନେବା ସହ ଅଷ୍ଟମସ୍ଥାନରେ ରହିଥିଲେ।

ବେଷ୍ଟ ବୋଲିଂ ଫିଗର ତାଲିକାରେ ୱେଷ୍ଟଇଣ୍ଡିଜର ୱିନଷ୍ଟନ ଡେଭିସ୍ ଅଷ୍ଟ୍ରେଲିଆ ବିପକ୍ଷରେ ୧୦.୩ ଓଭର ବୋଲିଂ କରି ୫୧ ରନ ବ୍ୟୟ କରି ୭ ଉଇକେଟ ନେବା ସହ ଶୀର୍ଷ ସ୍ଥାନରେ ରହିଥିଲେ। ସେହିପରି ଅଷ୍ଟ୍ରେଲିଆର କେନ୍ ମ୍ୟାକଲେ ଭାରତ ବିପକ୍ଷରେ ୧୧.୫ ଓଭର ବୋଲି କରି ୩୯ ରନ ବ୍ୟୟ କରି ୬ ଉଇକେଟ ନେଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିଲେ। ନ୍ୟୁଜିଲାଣ୍ଡର ରିଚାର୍ଡ ହାର୍ଡଲି ଶ୍ରୀଲଙ୍କା ବିପକ୍ଷରେ ୧୦.୧ ଓଭର ବୋଲିଂ କରି ୨୫ ରନ ଦେଇ ୫ ଉଇକେଟ ଅକ୍ତିଆର କରିବା ସହ ତୃତୀୟ ସ୍ଥାନରେ ରହିଥିଲେ। ଏହି ତାଲିକାରେ ଭାରତର କପିଳ ଦେବ ଓ ମଦନ ଲାଲ ସ୍ଥାନ ପାଇଥିଲେ। କପିଳ ଅଷ୍ଟ୍ରେଲିଆ ବିପକ୍ଷରେ ୧୨ ଓଭର ବୋଲିଂ କରି ୪୩ ରନ ବିନିମୟରେ ୫ ଉଇକେଟ ନେଇ ସପ୍ତମ ସ୍ଥାନରେ ଓ ମଦନ ଲାଲ ଅଷ୍ଟ୍ରେଲିଆ ବିପକ୍ଷରେ ୮.୨ ଓଭର ବୋଲିଂ କରି ୨୦ ରନ ଦେଇ ୪ ଉଇକେଟ ନେବା ସହ ନବମ ସ୍ଥାନରେ ରହିଥିଲେ।

ମୋଷ୍ଟ ଡିସ୍‌ମିସାଲ ତାଲିକାରେ ୱେଷ୍ଟଇଣ୍ଡିଜ ଉଇକେଟକିପର ଜେଫ ଡୁଜନ ୮ଟି ମ୍ୟାଚ୍ ଖେଳି ୧୫ଟି କ୍ୟାଚ୍ ଓ ଗୋଟିଏ ଷ୍ଟମ୍ପିଂ ସହ ୧୬ଜଣ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରି ତୃତୀୟ ସ୍ଥାନରେ ରହିଥିଲେ। ଭାରତୀୟ ଉଇକେଟକିପର ସୟଦ କିର୍‌ମାନୀ ୮ଟି ମ୍ୟାଚ୍ ଖେଳି ୧୨ଟି କ୍ୟାଚ୍, ୨ଟି ଷ୍ଟମ୍ପିଂ ସହ ୧୪ଟି ଡିସ୍‌ମିସାଲ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଇଂଲଣ୍ଡର ଇଆନ ଗୋଲ୍ଡ ୭ଟି ମ୍ୟାଚ୍ ଖେଳି ୧୧ଟି, ଗୋଟିଏ ଷ୍ଟମ୍ପିଂ କରିବା ସହ ୧୨ଟି ଡିସ୍‌ମିସାଲ ସହ ତୃତୀୟ ସ୍ଥାନରେ ରହିଥିଲେ। ପାକିସ୍ତାନର ୱାସିମ ବାରି ୯ଟି ଡିସ୍‌ମିସାଲ ସହ ଚତୁର୍ଥ ଓ ଅଷ୍ଟ୍ରେଲିଆର ରୋଡ ମାର୍ଶ ୮ଟି ଡିସ୍‌ମିସାଲ ସହ ପଞ୍ଚମ ସ୍ଥାନରେ ରହିଥିଲେ।






**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଇଞ୍ଜିନିୟର ଦୋଳଗୋବିନ୍ଦ କର
ଆବିର୍ଭାବ:୨୯।୦୩।୧୯୨୬
ତିରୋଧାନ: ୧୯।୦୪।୨୦୧୯
ଆଜି ଦ୍ୱାଦଶାହ ଦିବସରେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଚିରଶାନ୍ତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର ଓ ପୁତ୍ରବଧୂ, ଝିଅ ଓ ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ–୧୨୩୯୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ତ୍ରିଲୋଚନ ବିଶ୍ୱାଳ
ଆବିର୍ଭାବ: ୩୦।୦୬।୧୯୩୦
ତିରୋଧାନ: ୧୧।୦୪।୨୦୧୮
ଏକବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ରହିଥାଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:ବିଶ୍ୱାଳ ପରିବାର।
୯୮, ସହିଦ ନଗର, ଭୁବନେଶ୍ୱର
ଧ–୧୨୩୮୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ମଙ୍ଗଳବାର,୩୦ ଏପ୍ରିଲ /୨୦୧୯, Dhenkanal, Tuesday April 30 / 2019

## ସଂକ୍ଷେପରେ

### ବକେୟା ଅର୍ଥ ଦାବିରେ ଧାରଣା



ତାଳଚେର,୨୯।୪(ନି.ପ୍ର.): ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଆନ୍ଥ୍ରୋପୋଲୋଜି ବିଭାଗର ଅଧାପକ ନବକିଶୋର ମହାପାତ୍ର, ଫିଜିକ୍ସ ବିଭାଗର ଡେମୋନଷ୍ଟ୍ରେଟର ନିଖିଲ ରଞ୍ଜନ ଦାସ, କେମେଷ୍ଟ୍ରି ବିଭାଗର ଡେମୋନଷ୍ଟ୍ରେଟର ମନୋଜ କୁମାର ପ୍ରଧାନ ବକେୟା ବକେୟା ଅର୍ଥ ଦାବିରେ ସୋମବାର କଲେଜ ଅଧକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାରଣାରେ ବସିଛନ୍ତି। ଗତ ୧।୧।୨୦୧୪ରୁ ୨୮।୨।୧୮ ତାରିଖ ପର୍ଯ୍ୟନ୍ତ ସେମାନେ ବକେୟା ଅର୍ଥ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ ପତ୍ର ମାଧମରେ କଲେଜ ଅଧକ୍ଷଙ୍କୁ ଅବଗତ କରାଯାଇଥିବା ଜଣାପଡିଛି।

### ଜିଲାପାଳଙ୍କ ବାସଭବନରୁ ନାଗ ଉଦ୍ଧାର



ଅନୁଗୋଳ ଅଫିସ, ୨୯।୪: ଅନୁଗୋଳ ଜିଲାପାଳଙ୍କ ବାସଭବନରୁ ସୋମବାର ୩ ଫୁଟର ନାଗ ସାପ ଉଦ୍ଧାର କରାଯାଇଛି। ଜିଲାପାଳଙ୍କ ରୋଷେୟା ସାପଟିକୁ ଦେଖି ଉଦ୍ଧାରକାରୀ ଆଦିତ୍ୟ ବେହେରାଙ୍କୁ ଯୋଗାଯୋଗ କରିଥିଲେ। ବେହେରା ପହଞ୍ଚି ସାପଟିକୁ ଉଦ୍ଧାର କରିବା ସହ ସୁରକ୍ଷିତ ସ୍ଥାନରେ ଛାଡିଥିଲେ।

### କାର୍-ପିକ୍ଅପ୍ ଧକ୍କା, ୩ ଗୁରୁତର



ଛେଣ୍ଡିପଦା,୨୯।୪(ଡି.ଏନ.ଏ): ଅନୁଗୋଳ ଜିଲା ଜରପଡ଼ା ଥାନା ଅନୁଗୋଳ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ତୁକୁଡ଼ା ଗାଈକଟା ପୋଲ ନିକଟରେ ସୋମବାର ଅପରାହ୍ଣରେ ଏକ କାର୍-ପିକ୍ଅପ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ଜଣାପଡ଼ି ନାହିଁ। ପୋଲିସ କହିଛି, ଏକ କାର୍(ନଂ.ଓଡି୧୯ଏ୫୮୩୦) ଅନୁଗୋଳରୁ ସମ୍ବଲପୁର ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ନମ୍ବର ବିହୀନ ପିକ୍ଅପ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଆହତଙ୍କୁ ସ୍ଥାନୀୟ ଲୋକେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଜରପଡ଼ା ପୋଲିସ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

କଣିହାଁ,୨୯।୪(ଡି.ଏନ.ଏ): କଣିହାଁ ବ୍ଲକ ସମଲ ଥାନା ପୋଲିସ ସୋମବାର ଯୌତୁକ ନିର୍ଯାତନା ସହିତ ମାଡ଼ପିଟ ଅଭିଯୋଗରେ ଶିପୁର ଗ୍ରାମର ଅନାଥ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ତାଳଚେର ଟାଉନ କାଶୀପୁର ବାସିନ୍ଦା ଅଭିମନ୍ୟୁ ଦାସଙ୍କ ଝିଅ ସୁନୀତାଙ୍କୁ ଶିପୁର ଗ୍ରାମର ଅନାଥ ଦାସ ୧ ବର୍ଷ ପୂର୍ବରୁ ବିବାହ କରିଥିଲେ। ପରେ ଅଧିକ ଯୌତୁକ ଦାବିରେ ଅନାଥ ସୁନୀତାଙ୍କୁ ନିର୍ଯାତନା ଦେଉଥିଲେ। ଶୁକ୍ରବାର ଅନାଥ ସୁନୀତାଙ୍କୁ ମାଡ଼ପିଟ୍ କରିଥିବା ନେଇ ଅଭିମନ୍ୟୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୬୫/୧୯ରେ ମାମଲା ରୁଜୁ କରି ଅନାଥଙ୍କୁ ଗିରଫ କରିଥିଲା।

■'ଫନୀ' ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି

# ମେ ୫ ପର୍ଯ୍ୟନ୍ତ ଛୁଟି ବାତିଲ

■ଅଧିକାରୀମାନେ ସଜାଗ ରହିବାକୁ ପରାମର୍ଶ

■୨ରୁ ଡାକବାଜି ଯନ୍ତ୍ରରେ ଲୋକଙ୍କୁ ସତର୍କ କରାଯିବ

ଅନୁଗୋଳ ଅଫିସ, ୨୯।୪

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ଫନୀ ଆସନ୍ତା ୪ ତାରିଖରେ ଓଡ଼ିଶା ଉପକୂଳ ଛୁଇଁବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଏହାର ପ୍ରଭାବରେ ଘଣ୍ଟାକୁ ପ୍ରାୟ ୧୮୦ କିମି ବେଗରେ ପବନ ବହିବା ସହ ପ୍ରବଳ ବର୍ଷାର ଆଶଙ୍କା କରାଯାଉଛି। ଏହାର ମୁକାବିଲା ପାଇଁ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ସମସ୍ତ ବିଭାଗୀୟ ଅଧିକାରୀମାନେ ଆନୁଷଙ୍ଗିକ ବ୍ୟବସ୍ଥା ସହ ସଜାଗ ଓ ସତର୍କ ରହିବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏଥିସହ କେହି ବିନା ଅନୁମତିରେ ମୁଖ୍ୟ ଦପ୍ତର ଛାଡ଼ି ପାରିବେ ନାହିଁ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ବାତ୍ୟା ଆଶ୍ରୟ ସ୍ଥଳରେ ଖାଦ୍ୟ ଓ ଔଷଧ ମହଜୁଦ ରଖିବାକୁ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ ଆସନ୍ତା ୨ ତାରିଖରୁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରି ଲୋକମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦିଆଯାଇଛି। ଜିଲାର ତଳିଆ ଅଞ୍ଚଳ ଆଠମଲ୍ଲିକ, ବନ୍ତଳା, କଣିହାଁ ଓ ଟିକରପଡ଼ା ପ୍ରଭୃତି ସ୍ଥାନରେ ଲୋକମାନଙ୍କୁ ଉଚ୍ଚା ଓ ନିରାପଦ ସ୍ଥାନକୁ ନେବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ। ବାତ୍ୟା ପୂର୍ବରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବା ସହ ପରେ ଏହାର ପୁନରୁଦ୍ଧାର କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବାତ୍ୟା ପରେ ରାସ୍ତାରେ ଗଛ ପଡିଥିଲେ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ସେଠାରୁ ହଟାଯିବା ସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରୀ ଦଳ ଓ ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦିଆଯାଇଛି। ବାତ୍ୟା ସମୟରେ ଶୁଖିଲା ଖାଦ୍ୟ ସହ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବା ପାଇଁ ରିଟେଲରମାନେ ଆଗୁଆ ଏହାକୁ ଗଚ୍ଛିତ ରଖିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଚଳିତ ମାସ ୩୦ ତାରିଖରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଗୃହପାଳିତ ପଶୁମାନଙ୍କ ପାଇଁ ଆବଶ୍ୟକ ଖାଦ୍ୟ ପଦାର୍ଥ ଗଚ୍ଛିତ ରଖିବା ସହ ବାତ୍ୟା ପରେ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅମରେନ୍ଦ୍ରନାଥ ମହାନ୍ତି, ଜିଲା ଜରୁରିକାଳୀନ ଅଧିକାରୀ ବୈତୁରା ଦୀପ୍ଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।



ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀମାନେ।

## ଫଟୋରେ ଖବର



ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଅନୁଗୋଳ ବଜାରରୁ ଦୁଇ ଜଣ ଯୁବକ ଫ୍ୟାନ କିଣି ନେଉଛନ୍ତି।

## ନାଲ୍କୋ-ବେନ୍ତପୁର ରାସ୍ତା ଶୋଚନୀୟ

ବଅଁରପାଳ, ୨୯।୪ (ଡି.ଏନ୍.ଏ)

ନାଲ୍କୋ ଟାଉନଶିପ ଛକଠାରୁ ବେନ୍ତପୁର ଗାଁ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଅନେକ ସ୍ଥାନରେ ମୋରମ ଉଠିଯିବା ସହ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଏହା ଉପରେ ନିର୍ଭର କରୁଥିବା କାଣ୍ଡସର, ନୂଆସାହି, ଆଙ୍କୁଲା, କାଙ୍ଗୁଲା, ବେନ୍ତପୁର, ନାଲକୋ ହଟିଂ, ସିଆଇଏସ୍ଏଫ୍ କଲୋନୀବାସୀଙ୍କ ସମେତ ଆଖପାଖ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତାୟାତକାରୀ ଅନେକ ସମୟରେ ଦୁର୍ଘଟଣାର ଶିକାର ମଧ ହେଉଛନ୍ତି। ବର୍ଷାହେଲେ ଉକ୍ତ ରାସ୍ତାରେ ଯିବା ଆସିବା କରିବା କଷ୍ଟକର ହୋଇପେଡ। ରାସ୍ତାଟି ନାଲ୍କୋ ସ୍ମେଲଟର ପ୍ଲାଣ୍ଟ ନିକଟରେ ଯାଇଥିବାରୁ ନାଲ୍କୋ ଏହାର ଉନ୍ନତୀକରଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଛୁଟିର ସଦୁପଯୋଗ ଗ୍ରୀଷ୍ମକାଳୀନ ଶିବିରର ଉଦ୍ଦେଶ୍ୟ



ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲରେ ଗ୍ରୀଷ୍ମକାଳୀନ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ।

ଅନୁଗୋଳ ଅଫିସ, ୨୯।୪

ଅନୁଗୋଳ ସ୍ଥିତ ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲରେ ଗ୍ରୀଷ୍ମକାଳୀନ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ମହେଶ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ଆଦର୍ଶ ଗ୍ରୁପ୍ର କାର୍ଯ୍ୟନିର୍ବାହୀ ସଦସ୍ୟ ଦିନେଶ କୁମାର ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗଉଡୁ ଓ ଉପାଧ୍ୟକ୍ଷ ବିଜୟ କୁମାର ଦାସ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକ ବାହାରେ ଥିବା ବିଭିନ୍ନ ପ୍ରକାର ଶିକ୍ଷାର ଆବଶ୍ୟକତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ରମାନେ ଖରାଛୁଟିର ଉପଯୁକ୍ତ ବିନିଯୋଗ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତ ପ୍ରକାଶ ପାଇଥିଲା। ମେ ୪ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଯୋଗ, କରାଟେ, ସଙ୍ଗୀତ, ନୃତ୍ୟ, ଆର୍ଟ ଓ ସ୍ପୋକନ ଇଂଲିଶ ସହ ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବେ। ବିଭିନ୍ନ ବିଭାଗରେ ପାରଦର୍ଶିତା ଲାଭ କରିଥିବା ଶିକ୍ଷକମାନଙ୍କୁ ଉଦ୍‌ଯାପନୀ ଉତ୍ସବ ପାଇଁ ଶିବିରକୁ ନିମନ୍ତ୍ରଣ କରାଯାଇଛି। ଆଦର୍ଶ ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ଡ. ପ୍ରକାଶ ଚନ୍ଦ୍ର ଧଳ, ଅଧ୍ୟକ୍ଷ ଡ. ଏ କେ ସିଂ, ପ୍ରଶାସନିକ ଅଧିକାରୀ ଅବନୀକାନ୍ତ ଷଡ଼ଙ୍ଗୀ, ଲୋକ ସମ୍ପର୍କ ଅଧିକାରୀ ବଂଶୀଧର ମିଶ୍ର ଓ ହୋଟେଲ ଆସିଆନା ହିଲଭ୍ୟୁର ନିର୍ଦ୍ଦେଶକ ରାଜେଶ କୁମାର ଧଳ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସାଇନା ବେଗମ୍ ସ୍ୱାଗତ ଭାଷଣ ଦେଇଥିଲେ। ରେଣୁବାଳା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଅଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣା ହ୍ରାସ ଉପରେ ସଚେତନତା

ବଅଁରପାଳ, ୨୯।୪ (ଡି.ଏନ୍.ଏ)

ବଅଁରପାଳ ପୋଲିସ ପକ୍ଷରୁ ସୋମବାର ଥାନା ପରିସରରେ ଆମ ପୋଲିସ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇଆଇସି କନକ କୁମାର ମାଝି ସଭାପତିତ୍ୱ କରି ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରହିବା ଉପରେ ଗୁରୁତ୍ୱ ଦେଇଥିଲେ। ଅଞ୍ଚଳରୁ ମଦ କାରବାର ବନ୍ଦ, ଅପରାଧ କମାଯିବା ଉପରେ ଆଇଆଇସି ଆଲୋଚନା କରିବା ସହ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଲୋକଙ୍କୁ ସଚେତନ କରାଇଥିଲେ। ଏଥିରେ ଏଏସ୍ଆଇ ନରେଶ ସିଂ, ଉଦୟ ବେହେରାଙ୍କ ସମେତ ବୁଢ଼ାପଙ୍କର ପୂର୍ବତନ ସରପଞ୍ଚ ଭରତ ଚନ୍ଦ୍ର ବେହେରା, ସମିତି ବାବୁ ଦଳବେହେରା, ଚିତ୍ତରଞ୍ଜନ ସାମଲ, ସୁବାସ ପଟ୍ଟନାୟକ, ଶିବରାମ ମାଝୀ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



ବଅଁରପାଳରେ ଆମ ପୋଲିସ ବୈଠକ।

## ଜଳକ୍ରୀଡ଼ାର ମଜା ନେଲେ ବଚ୍‌ପନ୍ ଛାତ୍ରୀଛାତ୍ର



ଗ୍ରୀଷ୍ମକାଳୀନ ଶିବିରରେ ବଚପନ୍ ପ୍ଲେ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଅଭିଭାବିକାମାନେ।

ଅନୁଗୋଳ ଅଫିସ, ୨୯।୪

ଅନୁଗୋଳର ମିଶ୍ରପଡ଼ା ସ୍ଥିତ ବଚପନ ପ୍ଲେ ସ୍କୁଲରେ ଗତ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍କୁଲର ସମସ୍ତ ଅପର କେଜିର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ପିଲାମାନଙ୍କୁ ବିଭିନ୍ନ ପ୍ରକାରର ଚିତ୍ରକଳା, ବାଲୁକା ଚିତ୍ର, ଫଟୋ ଫ୍ରେମ, ଉଲ୍ ତିଆରି କଣ୍ଢେଇ, ପେନ୍ ଷ୍ଟାଣ୍ଡ ଓ ବିଭିନ୍ନ ପ୍ରକାରର ଫୁଲ ତିଆରି କରିବା ଶିଖାଯାଇଥିଲା। ଏହା ସହିତ ପ୍ରତିଦିନ ପିଲାମାନଙ୍କୁ ନୃତ୍ୟ ଶିକ୍ଷା ଦିଆଯାଇଥିଲା। ଶେଷରେ ପିଲାମାନେ ଜଳକ୍ରୀଡ଼ାର ଭରପୂର ଆନନ୍ଦ ନେଇଥିଲେ। ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ ସହ ସେମାନଙ୍କ ଅନ୍ତର୍ନିହିତ ଦକ୍ଷତାର ପରିପ୍ରକାଶ ପାଇଁ ସୁଯୋଗ ପ୍ରଦାନ କରାଯାଇଥିଲା। ଶେଷ ଦିନରେ ସମସ୍ତ ଅଭିଭାବକ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ଓ କଳାକୃତିକୁ ପରିଦର୍ଶନ କରିଥିଲେ। ସ୍କୁଲର ଛାତ୍ରୀଛାତ୍ର ସ୍ମାଇଲ ସବନମ୍, ଅସିମ କରିମ, ଆୟୁଷ ସାହୁ ଓ ଆରାଧ୍ୟା ଆହାନା ସାହୁ ସମସ୍ତ କଳାକୃତିର ପ୍ରସ୍ତୁତି ସମ୍ବନ୍ଧରେ ଅଭିଭାବକମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ। ଶିବିରକୁ ସ୍କୁଲର ନିର୍ଦ୍ଦେଶିକା ସଲିମା ଦାମାନୀ ଉଦ୍‌ଘାଟନ କରିଥିଲେ। ନିଝାର ଅଲ୍ଲୀ ଦାମାନୀଙ୍କ ନେତୃତ୍ୱରେ ଅଧ୍ୟକ୍ଷା ଯଶପାଲ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଉପଦେଷ୍ଟା ଇଭାଲିନ ରଥ ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ